# ଜନବାର୍ତ୍ତା

## ସ୍ୱାଭିମାନୀ ଓଡ଼ିଆଙ୍କ ସ୍ୱର

(JANABARTTA SWABHIMANI ODIANKA SWARA)

PRGI NO-ORORI/26/A0341 ପ୍ରତିଷ୍ଠାତା - ବିଜୟ କୁମାର ପଟ୍ଟନାୟକ Weekly (ସାପ୍ତାହିକ) www.janabartta.com

| VOL-1 | ISSUE-12 | BHUBANESWAR | 10 May to 16 May, 2026 | Rs--8/- | ବର୍ଷ-୧ | ସଂଖ୍ୟା-୧୨ | ଭୁବନେଶ୍ୱର | ୧୦ ମଇ ରୁ ୧୬ ମଇ, ୨୦୨୬ | ପୃଷ୍ଠା-୮ | ମୂଲ୍ୟ-୮ଟଙ୍କା |
|---|---|---|---|---|---|---|---|---|---|---|

| ADVERTISEMENT TARIFF | |
|---|---|
| FULL PAGE FRONT | RS. 1,00,000.00 |
| FULL PAGE BACK | RS. 80,000.00 |
| FULL PAGE COVER | RS. 80,000.00 |
| FULL PAGE INNER | RS. 80,000.00 |
| HALF PAGE FR/BK | RS. 50,000.00 |
| QUARTER PAGE | RS. 25,000.00 |
| EAR PANEL FRONT | RS. 5,000.00 |
| EAR PANEL BACK | RS. 5,000.00 |

## ମଞ୍ଚରେ ଚଢ଼ି ଆଲିଙ୍ଗନ କଲେ, ଆଶୀର୍ବାଦ ନେଲେ ମୋଦୀ

କୋଲକାତା, ୦୯/୦୫ : ପଶ୍ଚିମବଙ୍ଗରେ ହେଉଥିବା ଶପଥ ଗ୍ରହଣ ଉତ୍ସବରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଞ୍ଚ ଉପରେ ପହଞ୍ଚିବା ମାତ୍ରେ ପ୍ରଥମେ ଜଣେ ବୃଦ୍ଧଙ୍କୁ ଆଲିଙ୍ଗନ କରିଥିଲେ। ତା'ପରେ ତାଙ୍କ ପାଦ ଛୁଇଁଥିଲେ। ତା'ପରେ ଦୀର୍ଘ ସମୟ ପର୍ଯ୍ୟନ୍ତ ସ୍ନେହରେ ଆଲିଙ୍ଗନ କରିଥିଲେ। ଏହି ସମୟରେ ବୃଦ୍ଧଙ୍କ ଆଖି ଓଦା ହୋଇଗଲା। ସେଠାରେ ଉପସ୍ଥିତ ନେତାଙ୍କ ଆଖି ବି ଛଳଛଳ ହୋଇଗଲା ଏହି ଦୃଶ୍ୟ ଏବେ ଖବରର ଶିରୋନାମା ପାଲଟିଗଲା। ପଶ୍ଚିମବଙ୍ଗରେ ବିଜେପିର ସବୁଠାରୁ ବରିଷ୍ଠ କର୍ମୀଙ୍କ ମଧ୍ୟରୁ ଜଣେ ମାଖନଲାଲ ସରକାରଙ୍କ ଆଶୀର୍ବାଦ ଲୋଡ଼ିଥିବା ଜଣାପଡ଼ିଛି। ୯୮ ବର୍ଷୀୟ ମାଖନଲାଲ ସରକାରଙ୍କୁ ସ୍ୱାଧୀନତା ପରବର୍ତ୍ତୀ ଭାରତରେ ଜାତୀୟତାବାଦୀ ଆନ୍ଦୋଳନରେ ସାମିଲ ଥିବା ପ୍ରାରମ୍ଭିକ ତୃଣମୂଳସ୍ତରର କର୍ମୀଙ୍କ ମଧ୍ୟରୁ ଜଣେ ବୋଲି ବିବେଚନା କରାଯାଏ।

# ସ୍ୱାଭିମାନୀ ଓଡ଼ିଆଙ୍କ ସ୍ୱର

ଚାରୋଟି ରାଜ୍ୟ ଓ ଗୋଟିଏ କେନ୍ଦ୍ରଶାସିତ ଅଞ୍ଚଳରେ ହୋଇଥିବା ନିର୍ବାଚନ ଫଳାଫଳ ବିଜେପି ଦଳକୁ ଉଲ୍ଲସିତ କରିବା ସ୍ୱାଭାବିକ। କାରଣ ଆଜି ସମଗ୍ର ଭାରତ ବର୍ଷରେ ୭୭% ରାଜ୍ୟ ଗେରୁଆ ରଙ୍ଗରେ ରଞ୍ଜିତ। କଂଗ୍ରେସ ଦଳର ବିପର୍ଯ୍ୟୟ ମଧ୍ୟରେ କେରଳର ବିଜୟ ନିଶ୍ଚିତ ଭାବରେ କିଛିଟା ସାନ୍ତ୍ୱନା ଦିଏ। ସାଧାରଣ ଭାବରେ କହିବାକୁ ଗଲେ ଆସାମ ଓ ପୁଡୁଚେରୀ ବ୍ୟତୀତ ଆଉ ସମସ୍ତ ମୁଖ୍ୟ ରାଜ୍ୟମାନଙ୍କରେ ଜନସାଧାରଣ ଗାଦିନସୀନ ଦଳକୁ ପ୍ରତ୍ୟାଖ୍ୟାନ କରିଛନ୍ତି ଯାହାକି ଗଣତନ୍ତ୍ର ପାଇଁ ଏକ ଶୁଭ ସମ୍ବାଦ। ଏଥିପାଇଁ ଏହା ଏକ ସୁସମ୍ବାଦ। କାରଣ ଆଜିକା ଦିନରେ କ୍ଷମତାସୀନ ଦଳର ଏକ ଅହେତୁକ ସୁବିଧା ରହିଛି, ତାହା ହେଉଛି ରାଜକୋଷରୁ ଅପର୍ଯ୍ୟାପ୍ତ ଅର୍ଥ ଖର୍ଚ୍ଚ କରି ଭୋଟରମାନଙ୍କୁ ସନ୍ତୁଷ୍ଟ କରିବାର ସୁଯୋଗ, ଯାହାର ଉଦାହରଣ ହେଉଛି ଲଡ୍‌କି ବେହେନା ଯୋଜନା ଇତ୍ୟାଦି। ଶାସକ ଦଳର ଏଇ ସୁବିଧାକୁ ଅତିକ୍ରମ କରି କ୍ଷମତାସୀନ ହେବା ନିଶ୍ଚିତ ଭାବରେ ବିରୋଧୀ ଦଳ ପାଇଁ ଏକ କଷ୍ଟକର ଗଣିତ। କିନ୍ତୁ ସଦ୍ୟ ପ୍ରକାଶିତ ଫଳାଫଳକୁ ଅନୁଧ୍ୟାନ କଲେ ଜଣାଯିବ ଯେ ଚିତ୍ରଟି ଗୋଟିଏ ତୂଳୀରେ ଅଙ୍କାଯାଇ ନାହିଁ। କ୍ଷମତା ବିରୋଧୀ ଭାବଧାରା ମଧ୍ୟରେ ରହିଛି ଅନେକ ଭିନ୍ନ ଅଙ୍କ।



ବିଜୟ କୁମାର ପଟ୍ଟନାୟକ

ପଶ୍ଚିମବଙ୍ଗରେ ମମତାଙ୍କ ଦୁର୍ଗ ପତନ ପରେ ଅନେକ ସାଧାରଣ ବ୍ୟକ୍ତି ସାମାଜିକ ଗଣ ମାଧ୍ୟମରେ ପ୍ରକାଶ କରିଛନ୍ତି ଯେ, ପନ୍ଦର ବର୍ଷ ଧରି ମମତା ଏକ ଗୁଣ୍ଡାରାଜ ଚଳାଇ ଥିଲେ। ପନ୍ଦର ବର୍ଷ ପୂର୍ବେ ଯେତେବେଳେ କମ୍ୟୁନିଷ୍ଟ ଶାସନ ଶେଷ ହେଲା ସେତେବେଳେ ମଧ୍ୟ ଲୋକେ କହିଥିଲେ ଯେ ମମତାଙ୍କ ଆଗମନ ରେ କମ୍ୟୁନିଷ୍ଟମାନଙ୍କର ଗୁଣ୍ଡା ଶାସନ ସମାପ୍ତ ହେଲା। ତେବେ ଦୀର୍ଘ ବର୍ଷ ଧରି ପଶ୍ଚିମ ବଙ୍ଗରେ ଶିଳ୍ପ ବିରୋଧୀ ବାତାବରଣ ଚାଲି ଆସିଛି। ଟାଟା କମ୍ପାନୀର ନାନୋ କାରଖାନା ବିରୋଧରେ ମମତା ଯେଉଁ ଯୁଦ୍ଧ ଆରମ୍ଭ କରିଥିଲେ ତାହା ହିଁ ତାଙ୍କର ଶିଳ୍ପ ବିରୋଧୀ ପରିଚୟ ସୃଷ୍ଟି କରିଥିଲା। ସେଥିପାଇଁ ସେ ଭୋଟରମାନଙ୍କର ପ୍ରିୟପାତ୍ର ଥିଲେ। ବିଡ଼ମ୍ବନା ଥିଲା ଯେ କମ୍ୟୁନିଷ୍ଟମାନେ ଯେଉଁମାନେ କି ପୁଞ୍ଜିପତିଙ୍କ ବିରୁଦ୍ଧରେ ସର୍ବହରା (ପ୍ରୋଲେଟାରିଏଟ୍)ଙ୍କୁ ଏକଜୁଟ କରିଥିଲେ ସେହି କମ୍ୟୁନିଷ୍ଟଙ୍କ ବିରୁଦ୍ଧରେ ମମତା ସର୍ବହରାଙ୍କ ସର୍ବହରା ହୋଇ ଛିଡ଼ା ହୋଇଥିଲେ। ସେହି ନାୟିକାର ପରିଚୟ ଆଜି ତାଙ୍କ ବିରୁଦ୍ଧରେ ଯାଇଛି ଏକ ପ୍ରଗତି-ବିରୋଧୀ ମହିଳା ଭାବରେ। ଓଡ଼ିଶାରେ ପୋସ୍କୋ ବିରୋଧୀ ଆନ୍ଦୋଳନ ବା ନିୟମଗିରିରେ ବେଦାନ୍ତ ବିରୋଧୀ ଆନ୍ଦୋଳନ ଏକ ଲୋକ କଥାରେ ପରିଣତ ହୋଇଯାଇଛି ଯାହାର ସମାନ୍ତରାଳ ସ୍ଥିତି ଥିଲା ନନ୍ଦୀଗ୍ରାମରେ। ଯେଉଁ ନନ୍ଦୀଗ୍ରାମ ପାଇଁ ମମତା ଦିନେ ଅଗ୍ନିବର୍ଷୀ ନେତ୍ରୀ ଭାବରେ ସାରା ଭାରତରେ ପୂଜିତ ହେଉଥିଲେ, ଆଜି ସେହି ମମତା ସେଇ ବଙ୍ଗଳା ଭୋଟରମାନଙ୍କ ଦ୍ୱାରା ପ୍ରତ୍ୟାଖ୍ୟାତ ହୋଇଛନ୍ତି। ତାଙ୍କ ବିରୁଦ୍ଧରେ ଅଭିଯୋଗ ହେଉଛି ସେ ବଙ୍ଗାଳକୁ କଙ୍ଗାଳ କରି ଦେଇଥିଲେ। ନିର୍ବାଚନର ବତାସ କେବେ କେଉଁ ଦିଗରେ ବୋହିବ ତାହା କିଏ କହିବ ?

ପଶ୍ଚିମବଙ୍ଗ ନିର୍ବାଚନର ଆଉ ଏକ ଲକ୍ଷଣୀୟ ବିଷୟ ହେଉଛି ମମତାଙ୍କ ଅସ୍ମିତା କାର୍ଡ। ବିଜେପି ଭାରତୀୟତା କାର୍ଡ ଖେଳିଥିବା ବେଳେ ମମତା ଖେଳିଥିଲେ ବଙ୍ଗାଳୀ କାର୍ଡ। ବାଂଲାଦେଶୀ 'ଘୁସପେଟିଆ' ଓ ମୁସଲମାନମାନଙ୍କ 'ଦୌରାତ୍ମ୍ୟ'କୁ ନେଇ ବିଜେପି ହିନ୍ଦୁ ଭୋଟକୁ ଏକତ୍ରିତ କରିଥିଲାବେଳେ ଟିଏମସି ଧର୍ମ ନିର୍ବିଶେଷରେ ସବୁ ବଙ୍ଗାଳୀଙ୍କୁ ଏକତ୍ରିତ କରି ବିଜେପିକୁ ଏକ ବାହାରିଆ ଦଳ ଭାବରେ ଚିତ୍ରଣ କରିଥିଲା। କିନ୍ତୁ ବଙ୍ଗାଳୀ ଅସ୍ମିତା କାର୍ଡ କାମ କଲା ନାହିଁ। ଏଥିରେ ଏସଆଇଆର ବା ଭୋଟର ତାଲିକାର ବିଶେଷ ସଂଶୋଧନ କେତେ ଦୂର କାମ କରିଛି ତାହା ବିଶ୍ଳେଷଣ ସାପେକ୍ଷ। ମମତାଙ୍କ ଭାଷାରେ ତରବରିଆ ଭାବରେ କରାଯାଇଥିବା ଏହି ସଂଶୋଧନ ମୁସଲମାନ ଭୋଟରମାନଙ୍କୁ ବାଦ ଦେବା ପାଇଁ ଉଦ୍ଦିଷ୍ଟ ଥିଲା। ଏହା କହି ସେ ମୁସଲମାନ ମାନଙ୍କ ଭୋଟ ସଂଗ୍ରହ କରିବାକୁ ପ୍ରୟାସ କରିଥିଲେ। କିନ୍ତୁ ଲକ୍ଷ୍ୟ କରିବାକୁ ହେବ ଯେ, ମୁସଲମାନ ବହୁଳ ସବୁ ନିର୍ବାଚନ ମଣ୍ଡଳୀରେ ଟିଏମସି ଭଲ ପ୍ରଦର୍ଶନ କରି ନାହିଁ। ଏଥିରୁ ଜଣାଯାଏ ଯେ ଭୋଟରମାନେ ଯେତେବେଳେ ଗୋଟିଏ ଦଳ ଉପରେ ବିରକ୍ତ ହୋଇଯାନ୍ତି, ସେତେବେଳେ ଅସ୍ମିତା ଭଳି ଭାବ ପ୍ରବଣତା କାମ କରେ ନାହିଁ।

ଯଦି ଶିଳ୍ପ ବିରୋଧୀ ମନୋଭାବ ଯୋଗୁଁ ଜନସାଧାରଣ ଟିଏମସିକୁ ପ୍ରତ୍ୟାଖ୍ୟାନ କଲେ, ତେବେ ତାମିଲ ନାଡୁରେ ଏହି ନିୟମ କାମ କଲା ନାହିଁ। ତାମିଲନାଡୁ ଭାରତ ବର୍ଷର ଶିଳ୍ପୋନ୍ନତ ରାଜ୍ୟମାନଙ୍କ ମଧ୍ୟରୁ ଅନ୍ୟତମ। ଡିଏମକେ ଦଳ ମଧ୍ୟ ଶିଳ୍ପ ପ୍ରତି ଅନୁକୂଳ ମନୋଭାବ ପୋଷଣ କରି ଆସିଥିଲା। ସବୁ ସର୍ବେକ୍ଷଣ ମଧ୍ୟ ଭବିଷ୍ୟବାଣୀ କରିଥିଲେ ଯେ ଡିଏମକେ ଦଳ ପୁନର୍ବାର ଶାସନ କୁ ଫେରିବ। ଏ ସବୁ ସତ୍ତ୍ୱେ ନୂଆ ଦଳଟିଏ ସବୁ ପୁରୁଖା ଦଳକୁ ପଛରେ ପକାଇ ୧୦୭ଟି ଆସନ ସହ ଏକକ ସଂଖ୍ୟାଗରିଷ୍ଠ ହୋଇ ଠିଆ ହେଲା। ଅନେକ ବ୍ୟକ୍ତି ବିଜୟଙ୍କ ଏହି ଅପ୍ରତ୍ୟାଶିତ ବିଜୟକୁ ଏମଜିଆରଙ୍କ ବିଜୟ ସହ ତୁଳନା କରନ୍ତି। ଉଭୟେ ଚଳଚ୍ଚିତ୍ର ଜଗତର ଜଣେ ଜଣେ ତାରକା। କିନ୍ତୁ ଦୁଇ ଜଣଙ୍କ ମଧ୍ୟରେ ଅନେକ ଫରକ। ଏମଜିଆର ରୁପେଲି ପରଦାରେ ଥିଲେ ନ୍ୟାୟ ଓ ମର୍ଯ୍ୟାଦାର ପ୍ରତୀକ, ଗରିବର ସାଥି, ରୋମାଣ୍ଟିକ ହିରୋ। ବିଜୟ ରୁପେଲି ପରଦାରେ ଯେଉଁ ସବୁ ଅଭିନୟ କରିଛନ୍ତି ସେଗୁଡ଼ିକ ମଧ୍ୟରେ ଅନେକ ନକାରାତ୍ମକ ଚରିତ୍ର ରହିଛି। ରୁପେଲି ପରଦାରେ ସେ ମଦ୍ୟ ପାନ କରିଛନ୍ତି, ଧୂମପାନ କରିଛନ୍ତି। ତଥାପି ସେ ଯୁବକ ଯୁବତୀମାନଙ୍କୁ ଆକର୍ଷିତ କରି ପାରିଛନ୍ତି। ଯେତେବେଳେ ସେ ସମଗ୍ର ତାମିଲନାଡୁରେ ତାଙ୍କର ନିର୍ବାଚନୀ ପ୍ରଚାର କରି ଯାତ୍ରା କରୁଥିଲେ, ହଜାର ହଜାର ଯୁବକ ଯୁବତୀ ତାଙ୍କ ସଭାକୁ ଆକର୍ଷିତ ହୋଇ ଆସୁଥିଲେ ଯଦିଓ ତାଙ୍କର ଓଜସ୍ୱିନୀ ଭାଷଣ ଦେବାର ଦକ୍ଷତା ନଥିଲା। ପୋଖତ ରାଜନେତାମାନେ ସେ ସମୟରେ ତାଙ୍କର ଏଇ ଲୋକପ୍ରିୟତାକୁ ରାଜନୀତି ଦୃଷ୍ଟିରୁ ଏତେଟା ଗୁରୁତ୍ୱ ଦେଉ ନଥିଲେ। ସେମାନେ ମନେ କରୁଥିଲେ ଯେ, ଜଣେ ଚଳଚ୍ଚିତ୍ର ଅଭିନେତାଙ୍କୁ ଦେଖିବାକୁ ଅନେକ ବ୍ୟକ୍ତି ସ୍ୱତଃ ଆକର୍ଷିତ ହୁଅନ୍ତି। କିନ୍ତୁ ରାଲିର ଲୋକପ୍ରିୟତାକୁ ଭୋଟରେ ପରିଣତ କରିବା କାଠିକର ପାଠ, ଯାହାକି ଘଟିଥିଲା କମଳ ହାସନ ବା ରଜନିକାନ୍ତଙ୍କ କ୍ଷେତ୍ରରେ। କିନ୍ତୁ ଏ ସବୁ ରାଜନୈତିକ ଗଣିତକୁ ଭୁଲ ପ୍ରମାଣିତ କରିଦେଲେ ବିଜୟ। ଏହାର କାରଣ ହେଲା ଦୀର୍ଘ ଦିନର ଡିଏମକେ-ଏଡିଏମକେ ମଧ୍ୟରେ ଲାଗି ରହିଥିବା ଲୁଚକାଳିରେ ଜନସାଧାରଣ ବିରକ୍ତ ହୋଇଯାଇଥିଲେ। ଉଭୟ ଦଳର ଚିରାଚରିତ ସଂଳାପ ଶୁଣି ଶୁଣି ଯୁବକ ଯୁବତୀ ମାନେ ବୋର ହୋଇଯାଇଥିଲେ।

ପ୍ରଣିଧାନଯୋଗ୍ୟ ଯେ, ଆଜି ମଧ୍ୟ ତାମିଲନାଡୁ ଭଳି ଏକ ଶିଳ୍ପ ସମୃଦ୍ଧ ରାଜ୍ୟରେ ବେକାରି ସମସ୍ୟା ଜେନ-ଜି ପାଇଁ ଏକ ଚିନ୍ତାର ବିଷୟ। ସେମାନଙ୍କର ଅଭିଯୋଗ ଯେ, ଦୁଇ ତାମିଲ ଦଳ ଜେନ-ଜିର ବେଦନା ଠିକ ଭାବରେ ବୁଝି ନାହାନ୍ତି। କେବଳ ତାମିଲ ଅସ୍ମିତା ଓ କେନ୍ଦ୍ର ବିରୋଧୀ ସ୍ଲୋଗାନ ସେମାନଙ୍କୁ ବାନ୍ଧି ରଖି ପାରି ନାହିଁ। କେରଳରେ କମ୍ୟୁନିଷ୍ଟ -ଅଣକମ୍ୟୁନିଷ୍ଟ ଗୋଷ୍ଠୀ ମଧ୍ୟରେ କ୍ରମାଗତ ଭାବରେ ଶାସନ ଭାର ବଣ୍ଟନ ହୁଏ। ଏହା ଏକ ଉଚ୍ଚ ଶିକ୍ଷିତ ଓ ପରିପକ୍ୱ ଗଣତନ୍ତ୍ରର ଚିହ୍ନ। ଏଠାରେ କଂଗ୍ରେସ ଦଳର ଉତ୍ସାହଜନକ ପ୍ରଦର୍ଶନ ନିଶ୍ଚିତ ଭାବରେ ଉକ୍ତ ଦଳ ପାଇଁ କୋରାମିନ ସଦୃଶ। କିନ୍ତୁ ବାମପନ୍ଥୀ ଏଲଡିଏଫର ଶୋଚନୀୟ ପରାଜୟ ପାଇଁ କମ୍ୟୁନିଷ୍ଟ ଚିନ୍ତାଧାରାକୁ ଦୋଷ ଦିଆଯାଇ ପାରିବ ନାହିଁ, ଯଦିଓ ଏଲଡିଏଫର ପରାଜୟ ପରେ ଆଜିକା ଦିନରେ ଭାରତ କମୁନିଷ୍ଟ ମୁକ୍ତ ହୋଇ ଯାଇଛି। ଏହି ପରାଜୟ ପାଇଁ ସମୀକ୍ଷକମାନେ ବିଜୟନଙ୍କ ଏକଛତ୍ରବାଦୀ ମନୋଭାବକୁ ଦାୟୀ କରନ୍ତି, କମୁନିଷ୍ଟ ଚିନ୍ତାଧାରାକୁ ନୁହେଁ। ସମଗ୍ର ବିଶ୍ୱରେ ସର୍ବହରାମାନଙ୍କ ମଧ୍ୟରେ ଆଜି ମଧ୍ୟ କମୁନିଷ୍ଟ ଚିନ୍ତାଧାରାର ଏକ ଯାଦୁକରୀ ପ୍ରଭାବ ରହିଛି ଓ ଆଗାମୀ ଦିନ ମାନଙ୍କରେ ତାହା ପୁଣି ପ୍ରସ୍ଫୁଟିତ ହେବ, ଏଥିରେ ସନ୍ଦେହ ନାହିଁ।

ଆସାମ ପ୍ରଦେଶରେ ବିଜେପିର ବିଜୟ କାହାରିକୁ ଚକିତ କରି ନାହିଁ। ହିମନ୍ତ ଶର୍ମାଙ୍କ ଚମତ୍କାରିତା ସମ୍ମୁଖରେ ଗୋଗୋଇ ପରାସ୍ତ ହୋଇଛନ୍ତି। ପଡୋଶୀ ବାଂଲାଦେଶରେ ଘଟୁଥିବା ହିନ୍ଦୁ ବିରୋଧୀ ଚିନ୍ତାଧାରାର ସିଧା ପ୍ରତିଫଳନ ଦେଖିବାକୁ ମିଳେ ଆସାମରେ। ଯଦି ତାମିଲନାଡୁରେ ଜେନ-ଜି ଉତ୍ତୁଙ୍ଗ ପ୍ରଦର୍ଶନ କରିଛି, ଆସାମରେ ତାହା ଉଗ୍ର ହିନ୍ଦୁତ୍ୱ ମଧ୍ୟରେ ମିଳେଇ ଯାଇଛି। ପୂର୍ବ ଦିନମାନଙ୍କର ଉଗ୍ର ଛାତ୍ର ରାଜନୀତି ନିଷ୍ପ୍ରଭ ହୋଇଯାଇଛି। ଏହା ବ୍ୟତୀତ ମୁଖ୍ୟ ବିରୋଧୀ ଦଳ କଂଗ୍ରେସ ଏକ ବିକଳ୍ପ ଭାବରେ ନିଜକୁ ପ୍ରତିପାଦିତ କରି ପାରି ନାହିଁ। ଓଡ଼ିଶା ଭଳି ଆସାମରେ ମଧ୍ୟ କଂଗ୍ରେସ ଦଳ ସମ୍ପୂର୍ଣ୍ଣ ଭାବରେ ସଙ୍କୁଚିତ ହୋଇ ଯାଇଛି।

ଏ ସବୁ ଘଟଣା ପ୍ରବାହ ମଧ୍ୟରେ ଏକ ଗୁରୁତ୍ୱପୂର୍ଣ୍ଣ ବିଷୟ ଅଣଦେଖା ହୋଇଯାଉଛି। ଯଦି ଭାରତର ୨୮ ଟି ରାଜ୍ୟରୁ ୨୨ଟି ରାଜ୍ୟରେ ବିଜେପି ସରକାର ଗଠନ କରେ ତେବେ ଏ ସମସ୍ତ ରାଜ୍ୟ ମାନଙ୍କରେ ମୁଖ୍ୟମନ୍ତ୍ରୀ ନିରୂପିତ ହେବେ ଦିଲ୍ଲୀ ରେ, ସେମାନଙ୍କ ନିଜ ରାଜଧାନୀରେ ନୁହେଁ। ରାଜ୍ୟ ରାଜଧାନୀରେ ହେଉଥିବା ମୁଖ୍ୟମନ୍ତ୍ରୀ ଚୟନ ପ୍ରକ୍ରିୟା କେବଳ ଔପଚାରିକ। ଏକଦା କଂଗ୍ରେସରେ ମଧ୍ୟ ଅନୁରୂପ ବ୍ୟବସ୍ଥା ଥିଲା। ସବୁ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କୁ ଚୟନ କରୁଥିଲେ ତତ୍କାଳୀନ ପ୍ରଧାନମନ୍ତ୍ରୀ ସ୍ୱର୍ଗୀୟା ଇନ୍ଦିରା ଗାନ୍ଧୀ। ଏଭଳି ବ୍ୟବସ୍ଥାରେ ରାଜନୈତିକ ଦୃଷ୍ଟିକୋଣରୁ ସବୁ ନିଷ୍ପତ୍ତି କେନ୍ଦ୍ରୀଭୂତ ହୋଇଯାଏ। ମନେ ରଖିବାକୁ ହେବ ଯେ, କୌଣସି ରାଜନୈତିକ ଦଳ ଇଷ୍ଟ ଇଣ୍ଡିଆ କମ୍ପାନୀ ନୁହେଁ। ଏକ ସଶକ୍ତ ଭାରତ ନିର୍ମାଣ କରିବାକୁ ହେଲେ ଏକ ଶକ୍ତିଶାଳୀ କେନ୍ଦ୍ର ସରକାର ସହ ରାଜ୍ୟ ମାନଙ୍କରେ ଶକ୍ତିଶାଳୀ ଆଞ୍ଚଳିକ ଦଳ ଗଢ଼ି ଉଠିବା ଉଚିତ ଏବଂ ଉଭୟଙ୍କ ମଧ୍ୟରେ ରାଜନୈତିକ କାଦୁଅ ଫୋପଡ଼ା ନ ରହି ସମ୍ମାନ ଓ ଶାଳୀନତା ରହିବା ଉଚିତ। କ୍ଷମତାର ବିକେନ୍ଦ୍ରୀକରଣ ହିଁ ଗଣତନ୍ତ୍ରର ମୂଳମନ୍ତ୍ର।

**ପୂର୍ବତନ ମୁଖ୍ୟ ଶାସନ ସଚିବ**
**ଓଡ଼ିଶା ସରକାର, ଭୁବନେଶ୍ୱର**

ଲୋକ ସରକାର ଦୁଃଖ ଦେଇଗଲା
ଚାରିଆଡ଼େ ହାହାକାର
ମୁଣ୍ଡ ପରେ ମୁଣ୍ଡ ଦାଣ୍ଡରେ ଗଡୁଛି
ଆଇନ ଶୃଙ୍ଖଳା ତ ଛାରଖାର
କଣାସରେ ମଣିଷ ଉପରେ ବୁଲେଟ ଚଢ଼ିଲା
ଶୁଭୁଛି ରକ୍ଷା କର ରକ୍ଷା କର
ବାଲିଅନ୍ତାରେ ନରହନ୍ତା ହୁଏ
ଧନ୍ୟ ଧନ୍ୟରେ ମୋହନ ସରକାର



# ହିଂସା କବଳରେ ଓଡ଼ିଶା

## ଆଇନ ଶୃଙ୍ଖଳା ଦିଗହରା

**ଭୁବନେଶ୍ୱର, ୦୯/୦୫ (ପ୍ରମୋଦ ସାମନ୍ତରାୟ) :** ଓଡ଼ିଶାରେ ସାମ୍ପ୍ରତିକ ଆଇନ ଶୃଙ୍ଖଳା ପରିସ୍ଥିତି ଏବେ ଚର୍ଚ୍ଚାର ବିଷୟ ପାଲଟିଛି। ନିକଟରେ ଭୁବନେଶ୍ୱର ଉପକଣ୍ଠ ବାଲିଅନ୍ତା ଅଞ୍ଚଳରେ ଜଣେ ଜିଆରପି କନଷ୍ଟେବଲଙ୍କୁ ଗୋଷ୍ଠୀବଦ୍ଧ ଭାବେ ପିଟିପିଟି ହତ୍ୟା କରାଯିବା ଘଟଣା ରାଜ୍ୟକୁ ସ୍ତବ୍ଧ କରିଦେଇଛି। ଏହି ଘଟଣାରେ ପୋଲିସ ୫ ଜଣଙ୍କୁ ଗିରଫ କରିଛି। ସେହିଭଳି ପୁରୀ ଜିଲ୍ଲା କଣାସ ଅଞ୍ଚଳରେ ଦିନଦ୍ୱିପ୍ରହରରେ ଜଣେ ବ୍ୟକ୍ତିଙ୍କୁ ମାରଣାସ୍ତ୍ରରେ ଆକ୍ରମଣ କରାଯିବାର ଭିଡିଓ ଭାଇରାଲ ହେବା ପରେ ସୁରକ୍ଷା ବ୍ୟବସ୍ଥା ଉପରେ ପ୍ରଶ୍ନ ଉଠିଛି। ୨୦୨୪-୨୫ ବର୍ଷର ଏନସିଆରବି ରିପୋର୍ଟ ଅନୁଯାୟୀ,





ଓଡ଼ିଶା ଦେଶର ସବୁଠାରୁ ଅଧିକ ହିଂସାତ୍ମକ ଅପରାଧ ହାର ଥିବା ରାଜ୍ୟ ଭାବେ ଉଭା ହୋଇଛି। ମହିଳାମାନଙ୍କ ବିରୋଧରେ ଘଟୁଥିବା ଅପରାଧ କ୍ଷେତ୍ରରେ ଓଡ଼ିଶା ଦେଶରେ ଦ୍ୱିତୀୟ ସ୍ଥାନରେ ରହିଛି। ୨୦୨୫ ମସିହାରେ ଭୁବନେଶ୍ୱରରେ ମହିଳାଙ୍କ ବିରୋଧରେ ଅପରାଧ ମାମଲା ପୂର୍ବ ବର୍ଷ ଅପେକ୍ଷା ୧୩୯% ବୃଦ୍ଧି ପାଇଥିବା ସୂଚନା ମିଳିଛି। ବିଜୁ ଜନତା ଦଳ ଏବଂ କଂଗ୍ରେସ ରାଜ୍ୟରେ ଆଇନ ଶୃଙ୍ଖଳା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇଥିବା ଅଭିଯୋଗ କରିଛନ୍ତି। ବିଜେଡି ଯୁବ ଓ ଛାତ୍ର ଶାଖା ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ବାସଭବନ ଘେରାଉ କରାଯାଇ ତାଙ୍କର ଇସ୍ତଫା ଦାବି କରାଯାଇଛି। ଅନ୍ୟପଟେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି ଯେ ସରକାର ଅପରାଧୀଙ୍କ ପ୍ରତି 'ଜିରୋ ଟଲରାନ୍ସ' ନୀତି ଆପଣେଇଛନ୍ତି। ପୂର୍ବ ତୁଳନାରେ ଅନେକ କ୍ଷେତ୍ରରେ ଅପରାଧ ହାର କମିଛି ବୋଲି ସେ ବିଧାନ ସଭାରେ ସୂଚନା ଦେଇଛନ୍ତି। ପୋଲିସ ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ ରାଜ୍ୟ ସରକାର ପ୍ରାୟ ୧୨,୦୦୦ ରୁ ଅଧିକ ନୂତନ *ଅବଶିଷ୍ଟାଂଶ ୭ମ ପୃଷ୍ଠାରେ...*

# ପଶ୍ଚିମବଙ୍ଗରେ ଶୁଭେନ୍ଦୁ ସରକାର

## ତାମିଲନାଡୁ ସରକାର ଗଠନରେ ଅନିଶ୍ଚିତତା





ଭୁବନେଶ୍ୱର, ୦୯/୦୫ (ବ୍ୟୁରୋ) : ପଶ୍ଚିମବଙ୍ଗରେ ଭାରତୀୟ ଜନତା ପାର୍ଟି ପ୍ରଥମ ଥର ପାଇଁ ସରକାର ଗଠନ କରି ଏକ ଐତିହାସିକ ସଫଳତା ପାଇଛି। ଶୁଭେନ୍ଦୁ ଅଧିକାରୀ ପଶ୍ଚିମବଙ୍ଗର ପ୍ରଥମ ବିଜେପି ମୁଖ୍ୟମନ୍ତ୍ରୀ ଭାବେ ଆଜି (୯ ମଇ ୨୦୨୬) ଶପଥ ଗ୍ରହଣ କରିଛନ୍ତି। କୋଲକାତାର ବ୍ରିଗେଡ୍ ପ୍ୟାରେଡ୍ ଗ୍ରାଉଣ୍ଡରେ ଏହି ଭବ୍ୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ରାଜ୍ୟପାଳ ଆର୍.ଏନ୍. ରବି ତାଙ୍କୁ ପଦ ଓ ଗୋପନୀୟତାର ଶପଥ ପାଠ କରାଇଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ, ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଏବଂ ଅନ୍ୟାନ୍ୟ ବିଜେପି ଶାସିତ ରାଜ୍ୟର ମୁଖ୍ୟମନ୍ତ୍ରୀମାନେ ଏଥିରେ ଯୋଗ ଦେଇଥିଲେ। ମୁଖ୍ୟମନ୍ତ୍ରୀଙ୍କ ସହ ଦିଲୀପ ଘୋଷ, ଅଗ୍ନିମିତ୍ରା ପଲ୍, ଅଶୋକ କୀର୍ତ୍ତନିଆ, ନିଶିଥ ପ୍ରମାଣିକ ଏବଂ କ୍ଷୁଦିରାମ ଟୁଡୁ ମନ୍ତ୍ରୀ ଭାବେ ଶପଥ ନେଇଛନ୍ତି। ରବୀନ୍ଦ୍ର ଜୟନ୍ତୀ (ପଚିଶେ ବୈଶାଖ) ଅବସରରେ ଏହି ଶପଥ ଗ୍ରହଣ କରାଯାଇଛି, ଯାହାକୁ ବିଜେପି ଏକ ନୂତନ ରାଜନୈତିକ ଯୁଗର ଆରମ୍ଭ ବୋଲି କହିଛି।

ସରକାର ଗଠନ ଓ ଅନିଶ୍ଚିତତା

ତାମିଲନାଡୁରେ ଅଭିନେତାରୁ ରାଜନେତା ପାଲଟିଥିବା ବିଜୟଙ୍କ ଦଳ ତାମିଲଗା ଭେଟ୍ରି କାଜଗମ (ଟିଭିକେ) ସର୍ବବୃହତ ଦଳ ଭାବେ ଉଭା ହୋଇଥିଲେ ମଧ୍ୟ ସରକାର ଗଠନରେ କିଛିଟା ଅନିଶ୍ଚିତତା ଦେଖାଦେଇଛି। ଟିଭିକେ ମୋଟ ୨୩୪ ଆସନରୁ ୧୦୮ଟି ଆସନ ଜିତିଛି, ଯାହା ବହୁମତ (୧୧୮) ରୁ ୧୦ଟି କମ୍ ଅଟେ। ବିଜୟଙ୍କୁ କଂଗ୍ରେସ (୫ ଆସନ), ସିପିଆଇ, ସିପି(ଏମ) ଏବଂ ଭିସିକେ (୨ଟି ଲେଖାଏଁ ଆସନ) ସମର୍ଥନ ଘୋଷଣା କରିଛନ୍ତି, *ଅବଶିଷ୍ଟାଂଶ ୭ମ ପୃଷ୍ଠାରେ...*

## ରହସ୍ୟ ଘେରରେ ସୌମ୍ୟଙ୍କ ମୃତ୍ୟୁ : ଚର୍ଚ୍ଚାରେ ତତ୍କାଳୀନ ରେଳବାଇ ଏଡିଜି

କଟକ/ଭୁବନେଶ୍ୱର, ୦୯/୦୫ (ଜେଏନଏସ) : ଜିଆର୍‌ପି କନେଷ୍ଟବଳ ସୌମ୍ୟରଞ୍ଜନ ସ୍ୱାଇଁଙ୍କ ମୃତ୍ୟୁ ଘଟଣାରେ ତତ୍କାଳୀନ ରେଳବାଇ ଏଡିଜି ବରିଷ୍ଠ ଆଇପିଏସ୍ ଅଫିସରଙ୍କ ଗୁମର ଫିଟିଛି। ଭୁବନେଶ୍ୱରରେ ଥିବା ତାଙ୍କ ଜିମ୍ ଚଳାଇବା ପାଇଁ ସୌମ୍ୟରଞ୍ଜନଙ୍କୁ ନିୟୋଜିତ କରାଯିବା ଓ ଅନ୍ୟ ୭ ପୁଲିସ କର୍ମଚାରୀଙ୍କୁ ବ୍ୟକ୍ତିଗତ କାମରେ ନିୟୋଜିତ ଅଭିଯୋଗ ସାମନାକୁ ଆସିବା ପରେ ପ୍ରାଥମିକ ଭାବେ ଚାରି ପୋଲିସ କର୍ମଚାରୀଙ୍କୁ



ତାଙ୍କ ସରକାରୀ କ୍ୱାର୍ଟରରୁ ହଟାଇ ଦିଆଯାଇଛି। ଭୁବନେଶ୍ୱରରେ ଥିବା ସରକାରୀ କ୍ୱାର୍ଟରରେ ଗେଟ୍ ଡ୍ୟୁଟି କରୁଥିବା ଦୁଇ କନେଷ୍ଟବଳଙ୍କ ସମେତ ୪ ଜଣଙ୍କୁ ଦାୟିତ୍ୱରୁ ଅପସାରଣ *ଅବଶିଷ୍ଟାଂଶ ୭ମ ପୃଷ୍ଠାରେ...*

## ଆସାମ-କେରଳ-ପୁଡୁଚେରୀରେ ଶପଥ ଗ୍ରହଣ ଉତ୍ସବ

ଭୁବନେଶ୍ୱର, ୦୯/୦୫ (ଜେଏନଏସ) : ୨୦୨୬ ବିଧାନସଭା ନିର୍ବାଚନ ପରେ ପଶ୍ଚିମବଙ୍ଗ ଓ ତାମିଲନାଡୁ ବ୍ୟତୀତ ଆସାମ, କେରଳ ଏବଂ ପୁଡୁଚେରୀରେ ନୂଆ ସରକାର ଗଠନ ଓ ଶପଥ ଗ୍ରହଣ ଖୁବ ଶୀଘ୍ର ହେବାକୁ ଯାଉଛି। ଆସାମରେ ବିଜେପି ନେତୃତ୍ୱାଧୀନ ଏନଡିଏ ମେଣ୍ଟ ଐତିହାସିକ ବିଜୟ ହାସଲ କରି ତୃତୀୟ ଥର ପାଇଁ ସରକାର ଗଠନ କରିବାକୁ ଯାଉଛି। ହିମନ୍ତ ବିଶ୍ୱ ଶର୍ମା କ୍ରମାଗତ ଦ୍ୱିତୀୟ ଥର ପାଇଁ ଆସାମର ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେବେ। ଏହି ଉତ୍ସବ ୧୨ ମଇ ୨୦୨୬



(ମଙ୍ଗଳବାର) ପୂର୍ବାହ୍ନ ୧୧ଟାରେ ଅନୁଷ୍ଠିତ ହେବ। ଗୁଆହାଟୀର ଖାନାପଡ଼ା ଭେଟେରିନାରୀ କଲେଜ ପଡ଼ିଆରେ ଏହି କାର୍ଯ୍ୟକ୍ରମ ହେବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। କେରଳରେ କଂଗ୍ରେସ ନେତୃତ୍ୱାଧୀନ ୟୁଡିଏଫ ମେଣ୍ଟ ବିଜୟୀ ହେବା ପରେ ମୁଖ୍ୟମନ୍ତ୍ରୀ ଚୟନ ପାଇଁ ପ୍ରକ୍ରିୟା ଜାରି ରହିଛି। କେ. ସି. ଭେନୁଗୋପାଳ ଏବେ ମୁଖ୍ୟମନ୍ତ୍ରୀ ଦୌଡ଼ର ସବୁଠାରୁ ଆଗରେ ଅଛନ୍ତି। ଅନ୍ୟ ପ୍ରମୁଖ ନେତାଙ୍କ ମଧ୍ୟରେ ଭି. ଡି. ସତୀଶନ ଏବଂ ରମେଶ ଚେନ୍ନିଥାଲାଙ୍କ ନାମ ମଧ୍ୟ ଚର୍ଚ୍ଚାରେ ରହିଛି। ସରକାରଙ୍କ ଶପଥ ଗ୍ରହଣ ଉତ୍ସବ ଆସନ୍ତା ସପ୍ତାହ ଆରମ୍ଭରେ (୧୧ ମଇ ସୋମବାର ସୁଦ୍ଧା) ହେବାର ସମ୍ଭାବନା ରହିଛି। ରାହୁଲ ଗାନ୍ଧୀ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇପାରନ୍ତି। କେନ୍ଦ୍ରଶାସିତ ଅଞ୍ଚଳ ପୁଡୁଚେରୀରେ ଏଆଇଏନଆରସି- ବିଜେପି ମେଣ୍ଟ ପୁଣିଥରେ କ୍ଷମତାକୁ ଫେରିଛି। ଏନ୍. ରଙ୍ଗାସ୍ୱାମୀ ପୁଡୁଚେରୀର ମୁଖ୍ୟମନ୍ତ୍ରୀ ଭାବେ ପଞ୍ଚମ ଥର ପାଇଁ ଶପଥ ଗ୍ରହଣ କରିବେ। ଏହି ଉତ୍ସବ ୧୩ ମଇ ୨୦୨୬ ରେ ଅନୁଷ୍ଠିତ ହେବାର ଧାର୍ଯ୍ୟ କରାଯାଇଛି। ମୁଖ୍ୟମନ୍ତ୍ରୀ ଶପଥ ନେବାର ଦୁଇ-ତିନି ଦିନ ପରେ ଅନ୍ୟ ମନ୍ତ୍ରୀମାନେ ଶପଥ ଗ୍ରହଣ କରିବେ।

## ନବୀନ ନିବାସ' ସାମ୍ନାରୁ ହଟିବ ବ୍ୟାରିକେଡ୍

ଭୁବନେଶ୍ୱର, ୦୯/୦୫ (ଜେଏନଏସ) : 'ନବୀନ ନିବାସ' ସାମ୍ନାରୁ ହଟିବ ବ୍ୟାରିକେଡ୍ ! ହାଇକୋର୍ଟଙ୍କ ଅସନ୍ତୋଷ ପରେ ତତ୍ପରତା ଦେଖାଇଲା ପୂର୍ତ୍ତ ବିଭାଗ। ଗୃହ ବିଭାଗ ଜରିଆରେ କମିଶନରେଟ ପୋଲିସ ଓ ଟ୍ରାଫିକ ଡିସିପିଙ୍କ ମତାମତ ଲୋଡ଼ିଲା। ଖବର ଅନୁଯାୟୀ, ପ୍ରକାଶ ଚନ୍ଦ୍ର ଦାସ ନାମକ ଜଣେ ବ୍ୟକ୍ତି ହାଇକୋର୍ଟରେ ମାମଲା ରୁଜୁ କରିଥିଲେ। ଭୀମପୁର ମୌଜାରେ ବ୍ୟାରିକେଡ୍ କରାଯାଇ ଜନସାଧାରଣଙ୍କ ଯାତାୟାତରେ ବାଧା ସୃଷ୍ଟି ହେଉଥିବା ଅଭିଯୋଗ କରିଥିଲେ। ଆବେଦନକାରୀ କୋର୍ଟଙ୍କୁ ଅନୁରୋଧ କରିଥିଲେ ଯେ, ଉକ୍ତ ରାସ୍ତାକୁ ଅବରୋଧମୁକ୍ତ କରାଯାଉ ଏବଂ ଯେଉଁ ଅନଧିକୃତ ବ୍ୟାରିକେଡ୍ କରାଯାଇଛି, ତାହାକୁ ହଟାଯାଉ। ଏହି ମାମଲାରେ ମୁଖ୍ୟ ସଚିବ, ଜିଏ/ପିଜି ବିଭାଗର ପ୍ରମୁଖ ସଚିବ, ପୂର୍ତ୍ତ ବିଭାଗର ପ୍ରମୁଖ ସଚିବ, ବିଏମସି *ଅବଶିଷ୍ଟାଂଶ ୭ମ ପୃଷ୍ଠାରେ...*

# ସିଏଚ୍‌ଏସ୍‌ଇ ମୂଲ୍ୟାୟନ ଦାୟିତ୍ୱରେ ବଡ଼ ଦୁର୍ନୀତୀ ଅଭିଯୋଗ

## କାହା ସ୍ୱାର୍ଥରେ 'ବ୍ଲାକ୍ ଲିଷ୍ଟେଡ୍' କମ୍ପାନୀକୁ ଅନୁକମ୍ପା ?

ଭୁବନେଶ୍ୱର, ୦୯/୦୫ (ଜେଏନ୍‌ଏସ୍): ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (ସିଏଚ୍‌ଏସ୍‌ଇ) ଦ୍ୱାରା ପରିଚାଳିତ ୨୦୨୬ ବାର୍ଷିକ ପରୀକ୍ଷାର ଉତ୍ତରଖାତା ମୂଲ୍ୟାୟନରେ ବ୍ୟାପକ ଅନିୟମିତତା ଯୋଗୁଁ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଅନ୍ଧକାର ଭିତରକୁ ଠେଲି ହୋଇଯାଉଥିବା ନେଇ ସାମ୍ବାଦିକ ସମ୍ମିଳନୀ କରି ପ୍ରଶ୍ନ ଉଠାଇଛନ୍ତି, ରାଜ୍ୟ ସରକାରଙ୍କ ପୂର୍ବତନ ମୁଖ୍ୟ



ଶାସନ ସଚିବ ତଥା ଜନ ଜାଗରଣ ସଂଗଠନର ମୁଖ୍ୟ ବିଜୟ କୁମାର ପଟ୍ଟନାୟକ। ଶ୍ରୀ ପଟ୍ଟନାୟକଙ୍କ ଅଭିଯୋଗ ହେଲା କି, ନୀତି ନିୟମକୁ ଉଲ୍ଲଂଘନ କରି ୧୫ ବର୍ଷ ବଦଳରେ ୬ ବର୍ଷର ଅଭିଜ୍ଞତା ଥିବା ଏକ ବିବାଦୀୟ ତଥା କଳା ତାଲିକାଭୁକ୍ତ (ବ୍ଲାକଲିଷ୍ଟେଡ୍) ସଂସ୍ଥାକୁ କିପରି ଲକ୍ଷ ଲକ୍ଷ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ସହ ଖେଳିବାକୁ ଦାୟିତ୍ୱ ଦିଆଗଲା ?

ପ୍ରାପ୍ତ ସୂଚନା ଅନୁଯାୟୀ, ୨୬.୧୨.୨୦୨୫ରେ ପ୍ରକାଶିତ ଆଗ୍ରହ ପ୍ରକାଶ (ଇଓଆଇ) ଭିତ୍ତିରେ ୧୨ଟି ସଂସ୍ଥା ଆବେଦନ କରିଥିଲେ। ମାତ୍ର ମାତ୍ର ଦୁଇଟି ଫାର୍ମ- କୋଏମ୍ପଟ ଏଜୁଟେକ୍ ପ୍ରାଇଭେଟ୍ ଲିମିଟେଡ୍ ଏବଂ ମ୍ୟାଗ୍ନେଟିକ ଇନ୍‌ଫୋଟେକ୍‌କୁ ବିଡ୍ ଦାଖଲ ପାଇଁ ଅନୁମତି ଦିଆଯାଇଥିଲା। ଆର୍‌ଏଫ୍‌ପିର ଧାରା ୪.୯ ଅନୁଯାୟୀ, ସମ୍ପୃକ୍ତ ସଂସ୍ଥାର *ଅବଶିଷ୍ଟାଂଶ ୭ମ ପୃଷ୍ଠାରେ...*

ଜନବାର୍ତ୍ତା
ସ୍ୱାଭିମାନୀ ଓଡ଼ିଆଙ୍କ ସ୍ୱର
(JANABARTTA SWABHIMANI ODIANKA SWARA)

# ଓଡ଼ିଶାରେ ସରକାର ଆଣିବା ପଛର ନାୟକ ପଶ୍ଚିମବଙ୍ଗରେ ମୁଖ୍ୟ ବିନ୍ଧାଣୀ



କଲିକତା, ୦୯/୦୫ : ସୁନୀଲ ଯେତେବେଳେ ପଶ୍ଚିମ ବଙ୍ଗର ଦାୟିତ୍ୱ ନେଲେ ସେତେବେଳେ ପଶ୍ଚିମବଙ୍ଗରେ ଟିଏମସିର ଅଧିକ ଦବଦବା ଥିଲା। ଏପିରିକି ବିଜେପିର କାର୍ଯ୍ୟକର୍ତ୍ତା ପଶ୍ଚିମବଙ୍ଗରେ ସୃଷ୍ଟି କରିବା ଥିଲା ଚ୍ୟାଲେଞ୍ଜିଂ। ଏହି ଚ୍ୟାଲେଞ୍ଜକୁ ସ୍ୱୀକାର କରିଥିଲେ ସୁନୀଲ ବନସଲ୍। ପଶ୍ଚମବଙ୍ଗରେ ବିଜେପି ସରକାର ଆସୁଥିବା ପଛରେ ରହିଛି ସଫଳ ରଣନୀତି । ସଫଳ ଯୋଜନା, ବିଚକ୍ଷଣ ବୁଦ୍ଧି ଓ ଠିକ୍ ସମୟରେ ଠିକ୍ ନିଷ୍ପତ୍ତି। ଆମେ କ୍ୟାମ୍ପେନରେ ବଡ଼ ବଡ଼ ନେତାଙ୍କୁ ଦେଖୁଛୁ, ସଭା ସମିତିରେ ବଡ଼ ନେତାଙ୍କ ଭାଷଣ ଶୁଣୁଛୁ, ହେଲେ ଏହା ପଛରେ କିଏ କାହାର ରଣନୀତିରେ ଏ ସବୁ ହେଉଛି- ତାହା କେବେ ଜାଣିବାକୁ ଚେଷ୍ଟା କରୁନା। ପଶ୍ଚିମବଙ୍ଗରେ ଆଜି ଯଦି ବିଜେପି ସରକାରକୁ ଆସୁଛି ଏହାର ଶ୍ରେୟ ତ ପ୍ରଧାନମନ୍ତ୍ରୀ ମୋଦି ଏବଂ ଗୃହମନ୍ତ୍ରୀ ଅମିତ ଶାହାଙ୍କୁ ଯିବ। ହେଲେ ସେମାନଙ୍କ ପଛରେ ଯେ ଏକ ବଡ଼ ଟିମ୍ କାମ କରୁଛି, ତାହା ଅନେକଙ୍କୁ ଅଜଣା ଥିବା। ଏମିତି ଜଣେ ପରଦା ପଛର ନାୟକ ହେଉଛନ୍ତି ବିଜେପିର ରାଷ୍ଟ୍ରୀୟ ମହାସଚିବ ସୁନୀଲ ବନସଲ୍। ସୁନୀଲ ବର୍ତ୍ତମାନ ପଶ୍ଚିମବଙ୍ଗ, ଓଡ଼ିଶା ଏବଂ ତେଲେଙ୍ଗାନାର ପ୍ରଭାରୀ ଅଛନ୍ତି। ସୁନୀଲଙ୍କ ସଙ୍ଗେ ପଶ୍ଚିମବଙ୍ଗରେ ସାଥ ଦେଇଥିଲେ ପଶ୍ଚିମବଙ୍ଗ ନିର୍ବାଚନ ପ୍ରଭାରୀ ଭୁପେନ୍ଦ୍ର ଯାଦବ। ସୁନୀଲ ଯେତେବେଳେ ପଶ୍ଚିମ ବଙ୍ଗର ଦାୟିତ୍ୱ ନେଲେ ସେତେବେଳେ ପଶ୍ଚିମବଙ୍ଗରେ ଟିଏମସିର ଅଧିକ ଦବଦବା ଥିଲା। ଏପିରିକି ବିଜେପିର କାର୍ଯ୍ୟକର୍ତ୍ତା ପଶ୍ଚିମବଙ୍ଗରେ ସୃଷ୍ଟି କରିବା ଥିଲା ଚ୍ୟାଲେଞ୍ଜିଂ। ଏହି ଚ୍ୟାଲେଞ୍ଜକୁ ସ୍ୱୀକାର କରିଥିଲେ ସୁନୀଲ ବନସଲ୍। ମୋଦି ଏହଂ ଅମିତ ଶାହଙ୍କ ମାର୍ଗଦର୍ଶନରେ ଆଗକୁ ବଢିଲେ ସୁନୀଲ। ମଣ୍ଡଳ ସ୍ତରରେ, ଶକ୍ତି କେନ୍ଦ୍ର, ଜୋନ ସ୍ତର ଏବଂ ଷ୍ଟେଟ ଲେବଲରେ ନେତାଙ୍କୁ ଭରିଲେ ବିଜେପିରେ। ନିର୍ବାଚନ ମ୍ୟାନେଜମେଣ୍ଟ ପାଇଁ ସ୍ୱତନ୍ତ୍ର ଟିମ୍ ଗଠନ ହେଲା। ତେବେ ଇଲେକସନ୍ ପାଇଁ ସ୍ୱତନ୍ତ୍ର ଷ୍ଟ୍ରାଟେଜି କରିଥିଲେ ସୁନୀଲ। ବିଧାନସଭା ଏବଂ ଜୋନସ୍ତରରେ ଦଳର ନେତାଙ୍କୁ ଦାୟିତ୍ୱ ଦିଆଗଲା। ଗୋଟିଏ ଗୋଟିଏ ବିଧାନସଭା କ୍ଷେତ୍ର ପାଇଁ ଜଣେ ପ୍ରବାସୀ ନେତା ଏବଂ ଜଣେ ସ୍ଥାନୟୀ ନେତାଙ୍କୁ ଦାୟିତ୍ୱ ଦେଲା ବିଜେପି। ମାର୍ଚ୍ଚ ମାସରେ ଅମିତ ଶାହା ଆରମ୍ଭ କଲେ ପରିବର୍ତ୍ତନ ଯାତ୍ରା। ଦକ୍ଷିଣ ୨୪ ପର୍ଗଣାରେ ହୋଇଥିବା ଏହି ପରିବର୍ତ୍ତନ ଯାତ୍ରାରେ ଯୋଗ ଦେଇଥିଲେ ହଜାର ହଜାର ଲୋକ। ଆଉ କେଉଁଠି ନା କେଉଁଠି ଲୋକଙ୍କୁ ହୃଦବୋଧ ହେଲା ଯେ ଏଥର ପରିବର୍ତ୍ତନ ହେଉଛି ପଶ୍ଚିମବଙ୍ଗରେ। ସୁନୀଲ ବନସଲ, ଅମିତ ମାଲବ୍ୟ, ଅମିତାଭ ଚକ୍ରବର୍ତ୍ତୀ ଓ ବିପ୍ଲବ କୁମାର ଦେବ ରଣନୀତି ପ୍ରସ୍ତୁତ କଲେ ବଙ୍ଗ ବିଜୟର। ଓଡ଼ିଶା ଭଳି ଷ୍ଟ୍ରାଟେଜି ଆପଣାଇଲା ବିଜେପି। ପଶ୍ଚିମବଙ୍ଗ ସରକାରଙ୍କ ବିରୋଧରେ ମଧ ଚାର୍ଜ ସିଟ୍ ଜାରି କଲା ଦଳ। ମହିଳାଙ୍କ ବିରୋଧରେ ହିଂସା। ଘରୋଇ ହିଂସାରୁ ଆରମ୍ଭ କରି ଅପହରଣ ଯାଏଁ। କସବା ରେପ୍ କେସ୍, ଆର.ଜି କର ରେପ୍ କେସ୍, କାଳିଗଂଜ ଏବଂ ମାଲଦା ମାମଲା ଆଦି। ଏହାପରେ ଛୋଟ ଶିଶୁଙ୍କ ଉପରେ ଅତ୍ୟାଚାର ଜାତୀୟ ହାରଠାରୁ ପଶ୍ଚିମବଙ୍ଗର ହାର ଥିଲା ଢେର ଅଧିକ। ଏହାପରେ ସଂଖ୍ୟା ଲଘୁ ସଂପ୍ରାଦୟକୁ ତୁଷ୍ଟିକରଣ ଭଳି ଅନେକ ପନ୍ଥା ଅବଲମ୍ବନ କରିଥିଲେ ପଶ୍ଚିମବଙ୍ଗ ସରକାର । ଦଳର କେବଳ ମଦ୍ରାସା ବଜେଟ ଥିଲା ୫୫୩୦ କୋଟି ଟଙ୍କା। ଏପରିକି ସଂଖ୍ୟା ଲଘୁଙ୍କୁ ମଧ ଓବିସି ତାଲିକାରେ ପୁରାଇବା ଭଳି କାମ କରିଥିଲେ ମମତା। ଏହାପରେ ଦୁର୍ନୀତି ଏବଂ ଭ୍ରଷ୍ଟାଚାରରେ ଦିଦି ଏବଂ ପଶ୍ଚିମବଙ୍ଗ କେଉଁଠି ତାହା ଦର୍ଶାଇଥିଲା ଚାର୍ଜ ସିଟ୍। ଏସବୁ ମଧ୍ୟରେ ସବୁଠାରୁ ଚ୍ୟାଲେଞ୍ଜିଂ ଥିଲା ଲୋକେ ଭୋଟ ଦେବା । କାରଣ ଭୟ ଏବଂ ଆତଙ୍କରେ ଲୋକେ ଘରୁ ବାହାରି ଭୋଟ ଦେଉନଥିଲେ। କେନ୍ଦ୍ରୀୟ ବଳ ପଶ୍ଚିମବଙ୍ଗରେ ମୁତୟନ ହେବା ଯୋଗୁଁ ଲୋକେ ଘରୁ ବାହାରିଲେ ଏବଂ ଭୋଟ ଦେଲେ। ଏହାପରେ ଏସ.ଆଇ.ଆର ଫଳରେ ପ୍ରାୟ ୯୧ ଲକ୍ଷ ଲୋକଙ୍କ ନାଁ କଟିଲା। ଭୋଟ ଜାଲିଆତି କରି ଦିଦି ଜିତିବାରେ ସକ୍ଷମ ହେଉଥିଲେ। ଏଥର ତାହା ନ ହୋଇପାରିବାରୁ ଟିଏମସିକୁ ଶକ୍ତ ଧକ୍କା ହେଲା। ଭୋଟଦାନ କେନ୍ଦ୍ରକୁ କେମିତି ଲୋକେ ଯିବ କେମତି ଭୋଟଦେବେ ତାହା ଥିଲା ବିଜେପି ପାଇଁ କାଠିକର ପାଠ। ଏହାକୁ ନେଇ ସ୍ୱତନ୍ତ୍ର ରଣନୀତି ପ୍ରସ୍ତୁତ କରିଥିଲା ବିଜେପି। ଦୁଇଟି ପର୍ଯ୍ୟାୟରେ ହୋଇଥିବା ନିର୍ବାଚନ ପରେ ଦଳର ଏଜେଣ୍ଟମାନେ କିଭଳି କାଉଣ୍ଟିଂ ବେଳେ କାମ କରିବେ ସେ ନେଇ ପ୍ରଶିକ୍ଷଣ ଦେଇଥିଲେ ସୁନିଲ ଏବଂ ତାଙ୍କ ଟିମ୍। ତେବେ ପ୍ରଧାନମନ୍ତ୍ରୀ ମୋଦି ଏବଂ ଅମିତ ଶାହାଙ୍କ ବିଚକ୍ଷଣ ବୁଦ୍ଧି ଏବଂ ସଫଳ ମାର୍ଗଦର୍ଶନ ଯୋଗୁଁ ଆଜି ବିଜେପି ବଙ୍ଗରେ ସରକାର ଗଢିବାକୁ ଯାଉଛି।

# ଶ୍ରୀକ୍ଷେତ୍ର ଭଉଁରୀ ଯାତ୍ରା ତିନି ରଥରେ ଯୋଡ଼ା ହେବ ଚକ-ଅଖ



ଭୁବନେଶ୍ୱର/ପୁରୀ, ୦୯/୦୫ (ଜେଏନଏସ) : ଶ୍ରୀକ୍ଷେତ୍ର ଭଉଁରୀ ଯାତ୍ରା । ଏହି ଅବସରରେ ଶ୍ରୀକ୍ଷେତ୍ରରେ ତିନି ରଥର ଚକଅଖ ଡେରା ନୀତି ସମ୍ପନ୍ନ ହେବ। ସେଥିପାଇଁ ପରମ୍ପରା ମୁତାବକ ରଥଖଳାକୁ ବିଜେ ହେବ ଆଜ୍ଞାମାଳ । ତିନି ରଥରେ ଯୋଡ଼ା ହେବ ଚକ-ଅଖ । ବିଧି ଅନୁସାରେ ଶ୍ରୀମନ୍ଦିରରୁ ପୂଜାପଣ୍ଡା ସେବକମାନେ ଶ୍ରୀଜିଉଙ୍କ ଆଜ୍ଞାମାଳ ଧରି ରଥ ଖଳାକୁ ବିଜେ କରିବା ପରେ ତିନି ରଥର ଦୁଇଟି ଲେଖାଏଁ ନାହାକ ଚକ ସହ ଗୋଟିଏ ଲେଖାଏଁ ଅଖ ଡେରା ଯିବ । ଯାହାକୁ ଚକଅଖ ଡେରା ନୀତି କୁହନ୍ତି । ତିନିବାଡର ପୂଜାପଣ୍ଡା ସକାଳଧୂପ ପରେ ୩ଟି ଆଜ୍ଞାମାଳ ଆଣି ୩ ରଥର ଚକ ଅଖ ନିକଟରେ ଲାଗି କରିବେ । ଭୋଇ ସେବକ ମାନଙ୍କ ଦ୍ୱାରା ପ୍ରଥମ ହରିବୋଲ ପଡିବ । ତେବେ ଆଜି ଭଉଁରୀ ପାଇଁ ଶ୍ରୀମନ୍ଦିରରେ ନୀତିକାନ୍ତି ଚୂଡାନ୍ତ ହୋଇଛି । ଭୋରୁ ସିଂହଦ୍ୱାର ଫିଟାଯାଇ ମଙ୍ଗଳ ଆଳତୀ, ମଇଲମ, ଅବକାଶ ଇତ୍ୟାଦି ନୀତି ବଢି ସକାଳଧୂପ ଶେଷ ପରେ ରଥଖଳା ନିକଟକୁ ଆଜ୍ଞାମାଳ ବିଜେ ହେବ । ସେପଟେ ପବିତ୍ର ଭଉଁରୀ ଯାତ୍ରା ପାଇଁ ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ବାଣ ଫୁଟାଇବା ଉପରେ ସମ୍ପୂର୍ଣ୍ଣ ରୋକ୍ ଲାଗିଛି । ଭଉଁରୀ ଯାତ୍ରାରେ ଲକ୍ଷାଧିକ ଭକ୍ତଙ୍କ ସମାଗମକୁ ଆଖି ଆଗରେ ରଖି ଶ୍ରୀମନ୍ଦିର, ଶ୍ରୀମନ୍ଦିର କାର୍ଯ୍ୟାଳୟ ଓ ନରେନ୍ଦ୍ର ପୁଷ୍କରିଣୀ ନିକଟରେ ବ୍ୟାପକ ଫୋର୍ସ ମୁତୟନ କରାଯିବ । ଏଥିସହ ଅଗ୍ନିଶମ ବାହିନୀ ଓ ଲାଇଫଗାର୍ଡକୁ ମଧ ନରେନ୍ଦ୍ର ପୁଷ୍କରିଣୀ ନିକଟରେ ବ୍ୟାପକ ମାତ୍ରାରେ ମୁତୟନ କରାଯିବାର ବ୍ୟବସ୍ଥା କରାଯାଇଛି ।

# ପଞ୍ଜାବରେ ଡବଲ ବିସ୍ଫୋରଣ ଘଟଣା ବିଜେପିର ନିର୍ବାଚନୀ ପ୍ରସ୍ତୁତି: ଭଗବନ୍ତ ମାନ



ଅମୃତସର, ୦୯/୦୫ : ସୀମାନ୍ତ ରାଜ୍ୟ ପଞ୍ଜାବରେ ଘଟିଥିବା ଦୁଇ ଦୁଇଟି ବୋମା ବିସ୍ଫୋରଣ ଘଟଣା ଏବେ ସାରା ଦେଶରେ ଚାଞ୍ଚଲ୍ୟ ସୃଷ୍ଟି କରିବା ସହ ରାଜ୍ୟ ରାଜନୀତିକୁ ସମ୍ପୂର୍ଣ୍ଣ ଉଷ୍ମ କରିଦେଇଛି। ବୁଧବାର ଶ୍ରୀ ଆନନ୍ଦପୁର ସାହିବରେ ଶୁକ୍ରଣା ଯାତ୍ରା ଅବସରରେ ଗଣମାଧମକୁ ପ୍ରତିକ୍ରିୟା ଦେଇ ମୁଖ୍ୟମନ୍ତ୍ରୀ ଭଗବନ୍ତ ମାନ ଏହି ଘଟଣା ପାଇଁ ସିଧାସଳଖ ଭାରତୀୟ ଜନତା ପାର୍ଟିକୁ ଦାୟୀ କରି ଏକ ବଡ଼ ଅଭିଯୋଗ ଆଣିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଏହି ବିସ୍ଫୋରଣଗୁଡ଼ିକ ଆଗାମୀ ନିର୍ବାଚନ ପାଇଁ ବିଜେପିର ଏକ ରଣନୀତି। ନିର୍ବାଚନ ପୂର୍ବରୁ ସମାଜରେ ହିଂସା ଓ ଭୟର ବାତାବରଣ ସୃଷ୍ଟି କରି ରାଜନୈତିକ ଲାଭ ଉଠାଇବା ବିଜେପିର ପାରମ୍ପରିକ ପଦ୍ଧତି ବୋଲି ସେ କହିଛନ୍ତି। ପଶ୍ଚିମବଙ୍ଗ ନିର୍ବାଚନ ପରେ ବିଜେପି ନେତାମାନେ ଏବେ ପଞ୍ଜାବର ପାଳି ବୋଲି କହିଥିବା କଥା ମନେପକାଇବା ସହ ପଞ୍ଜାବ ଏକ ଶାନ୍ତିପ୍ରିୟ ରାଜ୍ୟ ଏବଂ ଏଠାକାର ଜନସାଧାରଣ ଏଭଳି ଛୋଟ ବିସ୍ଫୋରଣକୁ ଆଦୌ ଭୟ କରନ୍ତି ନାହିଁ ବୋଲି ସେ ଦୃଢ଼ତାର ସହ ପ୍ରକାଶ କରିଛନ୍ତି। ଅପରପକ୍ଷରେ, ଏହି ସୁରକ୍ଷା ବିପର୍ଯ୍ୟୟକୁ ନେଇ ବିରୋଧୀ ଦଳଗୁଡ଼ିକ ଶାସକ ଆମ୍ ଆଦମୀ ପାର୍ଟି ସରକାରଙ୍କୁ ତୀବ୍ର ସମାଲୋଚନା କରିଛନ୍ତି। ଶିରୋମଣି ଅକାଳୀ ଦଳର ବରିଷ୍ଠ ନେତା ବିକ୍ରମ ସିଂହ ମାଜିଥିଆ ମୁଖ୍ୟମନ୍ତ୍ରୀ ମାନଙ୍କୁ ବ୍ୟକ୍ତିଗତ ଭାବେ ଆକ୍ଷେପ କରି କହିଛନ୍ତି ଯେ, ଏହି ବିସ୍ଫୋରଣ ରାଜ୍ୟ ସରକାରଙ୍କ ପାଇଁ ଏକ ସତର୍କ ଘଣ୍ଟି। ପାକିସ୍ତାନ ସହ ୫୫୦ କିଲୋମିଟର ଲମ୍ବା ସୀମା ଥିବା ଏକ ସମ୍ବେଦନଶୀଳ ରାଜ୍ୟର ମୁଖ୍ୟମନ୍ତ୍ରୀ ଯଦି ସଦାସର୍ବଦା ମଦ୍ୟପାନ କରି ନିଶାଗ୍ରସ୍ତ ଅବସ୍ଥାରେ ରୁହନ୍ତି, ତେବେ ରାଜ୍ୟର ଆଇନ ଶୃଙ୍ଖଳା କିଭଳି ନିୟନ୍ତ୍ରିତ ହେବ ବୋଲି ସେ ପ୍ରଶ୍ନ କରିଛନ୍ତି। ସେହିପରି କଂଗ୍ରେସ ନେତା ଅଭିଷେକ ଦତ୍ତ ମଧ ପଞ୍ଜାବର ସୁରକ୍ଷା ସ୍ଥିତିକୁ ନେଇ ଚିନ୍ତା ପ୍ରକଟ କରିବା ସହ ରାଜ୍ୟ ସରକାର ଅହଂକାର ତ୍ୟାଗ କରି ଜାତୀୟ ସୁରକ୍ଷା ପ୍ରସଙ୍ଗରେ କେନ୍ଦ୍ର ସରକାରଙ୍କ ସହ ମିଶି କାର୍ଯ୍ୟ କରିବା ଉଚିତ ବୋଲି ପରାମର୍ଶ ଦେଇଛନ୍ତି।

# ଗିରଫ ହେବେ କି ମମତା ବାନାର୍ଜୀ ?



କଲିକତା, ୦୯/୦୫ : ପଶ୍ଚିମବଙ୍ଗ ରାଜନୀତି ଏପରି ଏକ ମୋଡ଼ ନେଇଛି ଯାହା ବହୁତ କମ ଲୋକ କଳ୍ପନା କରିପାରନ୍ତି। ୨୦୨୬ ନିର୍ବାଚନ ଫଳାଫଳ ରାଜ୍ୟର କ୍ଷମତା ଦୃଶ୍ୟପଟକୁ ସ୍ପଷ୍ଟ କରିଛି, କିନ୍ତୁ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ଜିଦ୍‌ଖୋର ମନୋଭାବ ଏକ ଅଭୂତପୂର୍ବ ସାମ୍ବିଧାନିକ ଅଚଳାବସ୍ଥା ସୃଷ୍ଟି କରିଛି। ବହୁମତ ହରାଇବା ସତ୍ତ୍ୱେ ଇସ୍ତଫା ନ ଦେବା ତାଙ୍କର ନିଷ୍ପତ୍ତି କେବଳ ଭାଜପାକୁ ବିଚଳିତ କରିନାହିଁ ବରଂ ଆଇନଗତ ମହଲରେ ଏକ ନୂତନ ବିତର୍କ ଆରମ୍ଭ କରିଛି। ପରାଜୟ ପରେ ମଧ ଜଣେ ମୁଖ୍ୟମନ୍ତ୍ରୀ ପଦବୀରେ ରହିପାରିବେ କି ନାହିଁ ଏବଂ ପୋଲିସ ଏପରି କରିବା ପାଇଁ ସେମାନଙ୍କୁ ଗିରଫ କରିପାରିବ କି ନାହିଁ ସେ ବିଷୟରେ ପ୍ରଶ୍ନ ଉଠାଯାଉଛି। ୫ ମେ, ୨୦୨୬ ର ସଦ୍ୟତମ ରିପୋର୍ଟ ଅନୁଯାୟୀ, ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନରେ ଏକ ବଡ଼ ପରାଜୟର ସମ୍ମୁଖୀନ ହେବା ସତ୍ତ୍ୱେ, ମମତା ବାନାର୍ଜୀ ପରାଜୟ ସ୍ୱୀକାର କରିବାକୁ ସ୍ପଷ୍ଟ ଭାବରେ ମନା କରିଦେଇଛନ୍ତି। ସେ ସାର୍ବଜନୀନ ଭାବରେ କହିଛନ୍ତି ଯେ ସେ ଲୋକଭବନ ଯାଇ ଇସ୍ତଫା ଦେବେ ନାହିଁ। ସେ ଦାବି କରିଛନ୍ତି ଯେ ସେ ଲଢ଼ିଛନ୍ତି ଏବଂ ଜିତିଛନ୍ତି, ଯେତେବେଳେ ନିର୍ବାଚନ କମିଶନଙ୍କ ତଥ୍ୟ ଭିନ୍ନ କାହାଣୀ କହୁଛି। ମମତା ବାନାର୍ଜୀଙ୍କ ନିଷ୍ପତ୍ତି କେବଳ ଏକ ରାଜନୈତିକ ବିବୃତ୍ତି ନୁହେଁ, ବରଂ ଗଣତାନ୍ତ୍ରିକ ପରମ୍ପରା ଏବଂ ପ୍ରତିଷ୍ଠିତ ସାମ୍ବିଧାନିକ ପ୍ରକ୍ରିୟା ପ୍ରତି ଏକ ସିଧାସଳଖ ଚ୍ୟାଲେଞ୍ଜ। ଜନତାଙ୍କ ମନରେ ସବୁଠାରୁ ବଡ଼ ପ୍ରଶ୍ନ ହେଉଛି ଆଇନ ଅବମାନନା କରିବା ପାଇଁ ମମତା ବାନାର୍ଜୀଙ୍କୁ ଗିରଫ କରାଯାଇପାରିବ କି ନାହିଁ। ଭାରତୀୟ ଆଇନ ବିଶେଷଜ୍ଞଙ୍କ ଅନୁଯାୟୀ, ନିର୍ବାଚନ ହାରିବା ପରେ କେବଳ ଇସ୍ତଫା ନ ଦେବା ଏକ ଅପରାଧିକ ଅପରାଧ ନୁହେଁ। ସେଥିପାଇଁ ତୁରନ୍ତ ଗିରଫ କରିବାର କୌଣସି ସିଧାସଳଖ ଆଇନଗତ ବ୍ୟବସ୍ଥା ନାହିଁ। ଏହି ମାମଲା ଫୌଜଦାରୀ ଆଇନ ପରିବର୍ତ୍ତେ ସାମ୍ବିଧାନିକ ନୈତିକତା ଏବଂ ପ୍ରକ୍ରିୟା ଅଧୀନରେ ଆସେ। ଅନ୍ୟ କୌଣସି ଆଇନଗତ ଉଲ୍ଲଂଘନ କିମ୍ବା ଅପରାଧିକ କାର୍ଯ୍ୟ ନ ହେଲେ ଗିରଫଦାରୀ ଯଥାର୍ଥ ନୁହେଁ।

ଯଦି ଜଣେ ମୁଖ୍ୟମନ୍ତ୍ରୀ ସଂଖ୍ୟାଗରିଷ୍ଠତା ହରାଇବା ପରେ ମଧ ଇସ୍ତଫା ଦେବାକୁ ଇଚ୍ଛୁକ ହୁଅନ୍ତି, ତେବେ ସମ୍ବିଧାନର ଧାରା ୧୬୪(୧) ରାଜ୍ୟପାଳଙ୍କୁ ବ୍ୟାପକ କ୍ଷମତା ପ୍ରଦାନ କରେ। ଏହି ଧାରା ଅନୁଯାୟୀ, ରାଜ୍ୟପାଳଙ୍କ ପାଖରେ ମୁଖ୍ୟମନ୍ତ୍ରୀ ଏବଂ ତାଙ୍କର ସମଗ୍ର ମନ୍ତ୍ରୀ ପରିଷଦକୁ ତୁରନ୍ତ ପ୍ରଭାବରୁ ବରଖାସ୍ତ କରିବାର ଅଧିକାର ଅଛି। ମମତା ବାନାର୍ଜୀଙ୍କ କ୍ଷେତ୍ରରେ ଏହା ସବୁଠାରୁ ସ୍ପଷ୍ଟ ପଥ ପରି ମନେହୁଏ। ରାଜ୍ୟପାଳଙ୍କୁ ଇସ୍ତଫା ମାଗିବାର ଆବଶ୍ୟକତା ନାହିଁ; ସେ କେବଳ ସଂଖ୍ୟାଗରିଷ୍ଠତା ଆଧାରରେ ବିଦ୍ୟମାନ ସରକାରକୁ ଭାଙ୍ଗି ନୂତନ ସରକାର ଗଠନ ପାଇଁ ପଥ ପରିଷ୍କାର କରିପାରିବେ।

# କେତେ ସମ୍ପତ୍ତିର ମାଲିକ ଶୁଭେନ୍ଦୁ ଅଧିକାରୀ ?

କଲିକତା, ୦୯/୦୫ : ପଶ୍ଚିମବଙ୍ଗ ରାଜନୀତିରେ ଏକ ବଡ଼ ପରିବର୍ତ୍ତନ ଦେଖିବାକୁ ମିଳିଛି। ରାଜ୍ୟରେ ଏବେ 'ଶୁଭେନ୍ଦୁ ସରକାର' ଗଠନ ହେବାକୁ ଯାଉଛି। କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ଶୁକ୍ରବାର ଦିନ ଶୁଭେନ୍ଦୁଙ୍କ ନାମ ମୁଖ୍ୟମନ୍ତ୍ରୀ ଭାବେ ଘୋଷଣା କରିଛନ୍ତି। ଅମିତ ଶାହ ଏବଂ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉପସ୍ଥିତିରେ ଭାଜପା ବିଧାୟକମାନେ ସର୍ବସମ୍ମତି କ୍ରମେ ଶୁଭେନ୍ଦୁଙ୍କୁ ନିଜର ନେତା ଭାବେ ଚୟନ କରିଛନ୍ତି। ଶୁଭେନ୍ଦୁ ଅଧିକାରୀ ଚଳିତ ବିଧାନସଭା ନିର୍ବାଚନରେ ଦୁଇଟି ଆସନରୁ ବିଜୟୀ ହୋଇଛନ୍ତି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ସେ ହାଇପ୍ରୋଫାଇଲ ଭବାନୀପୁର ଆସନରୁ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କୁ ପରାସ୍ତ କରିଛନ୍ତି। ଏହା ସହିତ ସେ ନନ୍ଦୀଗ୍ରାମ ଆସନରୁ ମଧ ବିଜୟ ବାନା ଉଡ଼ାଇଛନ୍ତି। ବର୍ତ୍ତମାନ ସେ ପଶ୍ଚିମବଙ୍ଗର ନୂତନ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେବେ। ମୁଖ୍ୟମନ୍ତ୍ରୀ ଘୋଷଣା ହେବା ପରେ ଏବେ ଶୁଭେନ୍ଦୁଙ୍କ ସମ୍ପତ୍ତିକୁ ନେଇ ଚର୍ଚ୍ଚା ଜୋର ଧରିଛି। ଆଶ୍ଚର୍ଯ୍ୟର କଥା ହେଉଛି ଯେ, ବଙ୍ଗଳାର ଏହି ହେଭିୱେଟ ନେତାଙ୍କ ପାଖରେ ନା ଅଛି କାର୍? ନା ଅଛି ସୁନା। ୨୦୨୬ ନିର୍ବାଚନୀ ଶପଥପତ୍ର ଅନୁଯାୟୀ, ତାଙ୍କ ପାଖରେ ମାତ୍ର ୧୨,୦୦୦ ଟଙ୍କା ନଗଦ ଅଛି। ତାଙ୍କର ମୋଟ ସମ୍ପତ୍ତିର ମୂଲ୍ୟ ୮୫.୮୭ ଲକ୍ଷ ଟଙ୍କା ବୋଲି ଘୋଷଣା କରାଯାଇଛି। ଶୁଭେନ୍ଦୁଙ୍କ ନାମରେ କୌଣସି ପ୍ରକାରର ଋଣ ବା କରଜ ନାହିଁ। ଆସୋସିଏଶନ ଫର୍ ଡେମୋକ୍ରାଟିକ ରିଫର୍ମସର ରିପୋର୍ଟ ଅନୁଯାୟୀ, ଶୁଭେନ୍ଦୁ ଅଧିକାରୀ ନିଜର ସମ୍ପତ୍ତି ୮୫,୮୭,୬୦୦ ଟଙ୍କା ଦର୍ଶାଇଛନ୍ତି। ୨୦୨୧ ମସିହା ନିର୍ବାଚନ ସମୟରେ ଶୁଭେନ୍ଦୁଙ୍କ ମୋଟ ସମ୍ପତ୍ତିର ମୂଲ୍ୟ ପ୍ରାୟ ୧.୧୦ କୋଟି ଟଙ୍କା ଥିଲା। ସେତେବେଳେ ତାଙ୍କର ବିଭିନ୍ନ ବ୍ୟାଙ୍କ ଆକାଉଣ୍ଟରେ ପ୍ରାୟ ୫୦ ଲକ୍ଷ ଟଙ୍କା ଜମା ଥିଲା। କିନ୍ତୁ ୨୦୨୬ ସୁଦ୍ଧା ତାଙ୍କର ସମ୍ପତ୍ତି ପୂର୍ବ ଅପେକ୍ଷା କମିଥିବା ଦେଖାଯାଇଛି। ଭାଜପା ଶାସିତ ପଶ୍ଚିମବଙ୍ଗର ପ୍ରଥମ ମୁଖ୍ୟମନ୍ତ୍ରୀ ଭାବେ ସୁଭେନ୍ଦୁ ଅଧିକାରୀ କିପରି ଶାସନ କରୁଛନ୍ତି, ତାହା ଉପରେ ଏବେ ସମସ୍ତଙ୍କ ନଜର ରହିଛି।

# ବାତ୍ୟା ଦ୍ୱନ୍ଦ୍ୱ ଭିତରେ ସୃଷ୍ଟି ହେଲା ଘୂର୍ଣ୍ଣିବଳୟ ମେ ୧୦ ବା ୧୧ ବେଳକୁ ହୋଇପାରେ ଲଘୁଚାପ

ଭୁବନେଶ୍ୱର, ୦୯/୦୫ (ଜେଏନଏସ) : ବାତ୍ୟା ଦ୍ୱନ୍ଦ୍ୱ ଭିତରେ ସୃଷ୍ଟି ହେଲା ଘୂର୍ଣ୍ଣିବଳୟ । ମେ ୧୦ ବା ୧୧ ବେଳକୁ ହୋଇପାରେ ଲଘୁଚାପ । ଦକ୍ଷିଣ



ଆଣ୍ଡାମାନ ସାଗର ଏବଂ ଆଖପାଖରେ ସୃଷ୍ଟି ହୋଇଛି ଘୂର୍ଣ୍ଣିବଳୟ । ସମୁଦ୍ର ପତ୍ତନରୁ ଦେଢ କିଲୋମିଟର ପର୍ଯ୍ୟନ୍ତ ବ୍ୟାପିଛି ଏହି ଘୂର୍ଣ୍ଣିବଳୟ । ଏନେଇ ବିଶ୍ୱ ପାଣିପାଗ ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି । ବଙ୍ଗୋପସାଗରରେ ବାତ୍ୟାକୁ ନେଇ ଦ୍ୱନ୍ଦ୍ୱ ବଢୁଥିବା ବେଳେ, ଦକ୍ଷିଣ ଆଣ୍ଡାମାନ ସାଗର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ସୃଷ୍ଟି ହୋଇଛି ଘୂର୍ଣ୍ଣିବଳୟ । ଅବଶ୍ୟ ଏହି ଘୂର୍ଣ୍ଣିବଳୟ କେବେ ଘନୀଭୂତ ହେବ ଏହା ପରେ ସ୍ପଷ୍ଟ ହେବ । ତଥାପି ଏହା ୧୦/୧୧ ତାରିଖ ବେଳକୁ ଲଘୁଚାପରେ ପରିଣତ ହେବା ନେଇ ଆକଳନ କରିଛି ପାଣିପାଗ ବିଭାଗ। ବିଶେଷଜ୍ଞଙ୍କ ଆକଳନ ଅନୁସାରେ, ରାଜ୍ୟରେ ଏବେ ଟ୍ରାପ ଲାଇନ ପ୍ରଭାବ ରହିଛି । ଏହାର ପ୍ରଭାବ ୧୧ ତାରିଖ ପର୍ଯ୍ୟନ୍ତ ରହିବ । ଏହାପରେ ଏହି ଘୂର୍ଣ୍ଣିବଳୟର ଦିଗ ଜଣାପଡ଼ିବ ବୋଲି ବିଶେଷଜ୍ଞ କହିଛନ୍ତି ।

# ଦିବ୍ୟାଙ୍ଗଙ୍କୁ ଜମି ବିକ୍ରି ଠକେଇ ମାମଲା, ଅତିରିକ୍ତ ଗୃହ ସଚିବଙ୍କୁ ହାଇକୋର୍ଟରୁ ମିଳିଲା ଅନ୍ତରୀଣ ସୁରକ୍ଷା




କଟକ, ୦୯/୦୫ (ଜେଏନଏସ) : କଟକର ଜଣେ ଦିବ୍ୟାଙ୍ଗଙ୍କୁ ଜମି ବିକ୍ରି କରିବା ଆଳରେ ୯୫ଲକ୍ଷ ଟଙ୍କା ନେଇ ଫାଙ୍କି ବିବାଦୀୟ ଦେଇଥିବା ୨୦୧୪ ବ୍ୟାଚ୍ ଆଇଏଏସ୍ ଅଫିସର ଆରାଧନା ଦାସଙ୍କୁ ହାଇକୋର୍ଟରୁ ଅନ୍ତରୀଣ ସୁରକ୍ଷା ମିଳିଛି। ପ୍ରାୟ ୪ମାସ ଧରି ପୁଲିସକୁ ଧରାଛୁଆ ଦେଇନଥିବା ଆଇଏଏସ୍ ଶ୍ରୀମତୀ ଦାସ ଗିରଫଦାରୀରୁ ବର୍ତ୍ତିବା ପାଇଁ ହାଇକୋର୍ଟଙ୍କ ଆଶ୍ରୟ ନେଇଥିଲେ। ଆଉ କୋର୍ଟ ତାଙ୍କୁ ଏହି ମାମଲାରେ ପରବର୍ତ୍ତୀ ଶୁଣାଣି ପର୍ଯ୍ୟନ୍ତ ଅନ୍ତରୀଣ ସୁରକ୍ଷା ପ୍ରଦାନ କରିଛନ୍ତି। ସେ ଜମି ହସ୍ତାନ୍ତର ପ୍ରକ୍ରିୟା ଆରମ୍ଭ କରିସାରିଥିବାରୁ ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ତାଙ୍କୁ ଗିରଫ ନକରିବା ପାଇଁ କଟକ ସିଡିଏ ଫେଜ୍-୨ ଥାନା ପୁଲିସକୁ କହିଛନ୍ତି।

ସୂଚନା ଅନୁସାରେ, ହାଇକୋର୍ଟ ବିଚାରପତି ଜଷ୍ଟିସ ଆର. କେ. ପଟ୍ଟନାୟକଙ୍କ ଖଣ୍ଡପୀଠ ଆଇଏଏସ୍ ଶ୍ରୀମତୀ ଦାସଙ୍କ ଆଗୁଆ ଜାମିନ ଆବେଦନ ଉପରେ ଶୁଣାଣି କରିଥିଲେ। ଶୁଣାଣିବେଳେ ଶ୍ରୀମତୀ ଦାସଙ୍କ ଓକିଲ ଦେବାଶୀଷ ପଣ୍ଡା ଦର୍ଶାଇଥିଲେ ଯେ, ଜମି ବିକ୍ରି ଟଙ୍କା ଶ୍ରୀମତୀ ଦାସ ଓ ତାଙ୍କ ସ୍ୱର୍ଗତ ସ୍ୱାମୀଙ୍କର ଏକ ଯୌଥ ଆକାଉଣ୍ଟକୁ ଆସିଥିଲା। ଏବେ ସେହି ଜମି ହସ୍ତାନ୍ତର ପ୍ରକ୍ରିୟା ଆରମ୍ଭ ହୋଇ ସାରିଛି। ଏପରିକି ୨୦୨୬ ଏପ୍ରିଲ ୧୩ ତାରିଖରେ ସେ ସିଡିଏ କର୍ତ୍ତୃପକ୍ଷଙ୍କ ନିକଟରେ ସମସ୍ତ ମୂଳ ଦସ୍ତାବିଜ ଦାଖଲ କରି ବୀଣା ଭବସିଙ୍କାଙ୍କ ନାମରେ ଜମି ଟ୍ରାନ୍ସଫର ପାଇଁ ଲିଖିତ ଆବେଦନ କରି ସାରିଛନ୍ତି। ଆଇଏଏସ୍ ଶ୍ରୀମତୀ ଦାସ ଏହି ଜମି କାରବାର ଖୁବଶୀଘ୍ର ଶେଷ ହେବ ବୋଲି ଦେଇଥିବା ପ୍ରତିଶ୍ରୁତିକୁ ବିଚାରକୁ ନେଇ କୋର୍ଟ ମଇ ୫ତାରିଖରେ ଏହି ମଧ୍ୟବର୍ତ୍ତୀକାଳୀନ ନିର୍ଦ୍ଦେଶନାମା ଜାରି କରିଛନ୍ତି। ପରବର୍ତ୍ତୀ ଶୁଣାଣି ପର୍ଯ୍ୟନ୍ତ ଆଇଏଏସ୍ ଆରାଧନା ଦାସଙ୍କୁ ସିଡିଏ ଫେଜ-୨ ପୁଲିସ ଗିରଫ କରିପାରିବ ନାହିଁ ବୋଲି କୋର୍ଟ ସ୍ପଷ୍ଟ କରିଛନ୍ତି। ସିଡିଏ ଫେଜ୍-୨ ଥାନା ୨୨/୨୦୨୬ ଓ ଜେଏମଏଫସି-୧ କୋର୍ଟ ଜିଆର କେସ୍ ନମ୍ବର-୧୩୪/୨୦୨୬ ମାମଲାରେ ତାଙ୍କୁ ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ଅନ୍ତରୀଣ ସୁରକ୍ଷା ମିଳିଛି।

ଉଲ୍ଲେଖଯୋଗ୍ୟ, କଟକ ସିଡିଏ ସେକ୍ଟର-୧୦ ଅଂଚଳରେ ଥିବା ନିଜର ୨୪୦୦ ବର୍ଗଫୁଟ ପ୍ଲଟକୁ ୯୫ଲକ୍ଷ ଟଙ୍କାରେ ବିକ୍ରି ନିମନ୍ତେ ଆଇଏଏସ୍ ଆରାଧନା ଦାସ ୨୦୨୨ ମସିହାରେ ଦିବ୍ୟାଙ୍ଗ କମଳ କୁମାର ଭବସିଙ୍କାଙ୍କ ପତ୍ନୀ ବୀଣାଙ୍କ ସହ ଚୁକ୍ତିନାମା କରିଥିଲେ। କିନ୍ତୁ ପରେ ଏହି ଜମି ହସ୍ତାନ୍ତର ପ୍ରକ୍ରିୟାକୁ ନେଇ ଟାଳଟୂଳ ନୀତି ଆପଣାଇଥିଲେ। ଦୀର୍ଘ ସାଢ଼େ ୩ବର୍ଷ ଧରି ହଇରାଣ ହେବାପରେ ଦିବ୍ୟାଙ୍ଗ କମଳ ଭବସିଙ୍କା ୨୦୨୬ ଜାନୁୟାରୀ ମାସରେ ଥାନାରେ ଏନେଇ ଏଫଆଇଆର ରୁଜୁ କରିଥିଲେ। ମାତ୍ର ଶ୍ରୀମତୀ ଦାସ ଗୃହ ବିଭାଗର ଅତିରିକ୍ତ ସଚିବ ଭାବେ କାର୍ଯ୍ୟ କରୁଥିବାରୁ ପୁଲିସ ଏହି ଏଫଆଇଆର ଉପରେ କୌଣସି ପଦକ୍ଷେପ ନେଇପାରିନଥିଲା। ଏନେଇ 'ଓଡ଼ିଶା ରିପୋର୍ଟର'ରେ ମାର୍ଚ୍ଚ ୧୮ତାରିଖରେ ପ୍ରଥମେ ଖବର ପ୍ରକାଶିତ ହୋଇଥିଲା। ତଦନ୍ତକାରୀ ଅଫିସର ଅଭୟ କୁମାର ସାହୁ ଓ ଥାନା ଆଇଆଇସି ଅନୁରାଧା ମାର୍ଥାଙ୍କ ପ୍ରତ୍ରିକିୟା ଆଧାରରେ ଏହି ଖବର ପ୍ରକାଶିତ ହୋଇଥିଲା। ତଥାପି ପୁଲିସ କୌଣସି କାର୍ଯ୍ୟାନୁଷ୍ଠାନ ନନେବାରୁ ଏପ୍ରିଲ ୯ତାରିଖରେ ପୁଣିଥରେ ଏନେଇ ଓଡ଼ିଶା ରିପୋର୍ଟରେ ଖବର ପ୍ରକାଶିତ ହେବାପରେ ଏହା ଜାତୀୟସ୍ତରରେ ଆଲୋଡ଼ନ ସୃଷ୍ଟି ହୋଇଥିଲା। ଆଉ ଓଡ଼ିଶା ସରକାର ଓ ପୋଲିସ ଉପରେ କାର୍ଯ୍ୟାନୁଷ୍ଠାନ ନିମନ୍ତେ ଚାପ ପଡ଼ିଥିଲା। ଆଉ ଏହି ଚାପ ବଢ଼ିବା ପରେ ଆଇଏଏସ୍ ଶ୍ରୀମତୀ ଦାସ ଏପ୍ରିଲ ୧୩ତାରିଖରେ କଟକ ସିଡିଏ କର୍ତ୍ତୃପକ୍ଷଙ୍କ ନିକଟରେ ସମସ୍ତ ମୂଳ ଦସ୍ତାବିଜ ଦାଖଲ କରି ବୀଣା ଭବସିଙ୍କାଙ୍କ ନାମରେ ଉକ୍ତ ଜମି ଟ୍ରାନ୍ସଫର ପାଇଁ ଲିଖିତ ଆବେଦନ କରିଥିବା ଜଣାପଡ଼ିଛି।

# କୋଟିଆରେ ଆନ୍ଧ୍ରର ଅନୁପ୍ରବେଶ




**କୋରାପୁଟ, ୯ ।୫,(ଶରତ ନାୟକଙ୍କ ରିପୋର୍ଟ):** କୋରାପୁଟ ଜିଲ୍ଲା ପଟ୍ଟାଙ୍ଗି ବ୍ଲକ ଅନ୍ତର୍ଗତ ଆନ୍ଧ୍ର-ଓଡିଶା ସୀମାନ୍ତ ବର୍ତ୍ତୀ ବିବାଦୀୟ କୋଟିଆ ଗ୍ରାମ ପୁଞ୍ଜରେ ଆନ୍ଧ୍ରର କର୍ମଚାରୀ ମାନେ ଅନୁପ୍ରବେଶ କରି ଜନଗଣନା କାର୍ଯ୍ୟ ଆରମ୍ଭ କରିଥିବା ଜଣାପଡ଼ିଛି । କିଛିଦିନ ପୂର୍ବେ ତଳସେମ୍ବି, ଉପରସେମ୍ବି, କୋଟିଆ, ନେରେଡିବାଲ୍‌ସା ଏବଂ ଫାଟୁସିନେରୀର ଲୋକେ ଜନଗଣନା କାର୍ଯ୍ୟକ୍ରମରେ ଓଡ଼ିଶାର ଅଧିକାରୀଙ୍କୁ କୌଣସି ସୂଚନା ଦେବାକୁ ରୋକଠୋକ ମନା କରିଦେଇଥିଲେ। ଫଳରେ ଜନଗଣନା ଅଧିକାରୀଙ୍କୁ ଖାଲି ହାତରେ ଫେରିବାକୁ ପଡ଼ିଥିଲା। ଜିଲା ଓ ବ୍ଲକ ପ୍ରଶାସନ ହସ୍ତକ୍ଷେପ କରିବା ପରେ ଜନଗଣନା କାର୍ଯ୍ୟ ହୋଇପାରିଥିଲେ ହେଁ ପରବର୍ତ୍ତୀ ସମୟରେ ଆନ୍ଧ୍ରର କିଛି ଦଲାଲଙ୍କ ଅଞ୍ଚଳର ଲୋକ ମାନଙ୍କୁ ପ୍ରବର୍ତ୍ତାଇ ଜନଗଣନା କାର୍ଯ୍ୟରେ ବାଧା ଉପୁଯାଇଥିଲେ। ଯାହା ଫଳରେ ଓଡ଼ିଶା ପୋଲିସ ଦୁଇ ଦଲାଲ ତାଙ୍ଗିଡ଼ି ଚିରଞ୍ଜୀବୀ ଓ ତାଙ୍ଗିଡ଼ି ପିଲକୁଙ୍କୁ ଗିରଫ କରିଥିଲା। ଏହା ପରେ ଜନଗଣନା କାର୍ଯ୍ୟ ହୋଇଥିଲା।

ସୂଚନା ଯୋଗ୍ୟ ଓଡିଶା ପକ୍ଷରୁ ଜନଗଣନା ଶେଷ ହୋଇଥିବା ବେଳେ ଏବେ ଆନ୍ଧ୍ରପ୍ରଦେଶ ସରକାର କୋଟିଆ ଗ୍ରାମ ପଞ୍ଚାୟତରେ ଜନଗଣନା କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି। ବିବାଦୀୟ କୋଟିଆର କେତେକ ଆଦିବାସୀ ଆନ୍ଧ୍ରପ୍ରଦେଶର ଆଦିବାସୀ କଲ୍ୟାଣ ବିଭାଗ ମନ୍ତ୍ରୀ ଗୁମାଡ଼ି ସନ୍ଧ୍ୟାରାଣୀଙ୍କୁ କୁଆଡ୍ରେ ଭେଟିଛନ୍ତି। ଅପରପକ୍ଷରେ ଗତ ଏପ୍ରିଲ ୧୮ ତାରିଖରେ ଓଡିଶା ପକ୍ଷରୁ କରାଯାଉଥିବା ଜନଗଣନାକୁ ବିରୋଧ କରିଥିବା ଦୁଇ ଦଲାଲ ତାଙ୍ଗିଡ଼ି ପିଲକୁ ଓ ତାଙ୍ଗିଡ଼ି ଚିରଞ୍ଜୀବୀ ମନ୍ତ୍ରୀ ସନ୍ଧ୍ୟାରାଣୀଙ୍କୁ ସାକ୍ଷାତ କରିଥିବା ଜଣାଯାଇଛି। ଅଦାଲତ ଜେଲ୍‌କୁ ପଠାଇବା ପରେ ଆନ୍ଧ୍ର ପ୍ରଶାସନ ଏହି ଦୁଇ ଦଲାଲଙ୍କୁ ମୁକୁଳାଇବା ପାଇଁ ଓକିଲ ନିଯୁକ୍ତ କରିଥିଲା। ଦୁହେଁ ଜାମିନରେ ଆସିବା ପରେ ସାଲୁରରେ ଆନ୍ଧ୍ରମନ୍ତ୍ରୀଙ୍କୁ ସାକ୍ଷାତ କରି ଧନ୍ୟବାଦ ଶୁଣାଯାଉଛି । ଏପରିକି ମନ୍ତ୍ରୀ ସେମାନଙ୍କୁ ଆଦୌ ଭୟଭୀତ ନହେବା ପାଇଁ କହିବା ସହିତ ଆନ୍ଧ୍ରପ୍ରଦେଶ ସରକାର ଓ ମୁଖ୍ୟମନ୍ତ୍ରୀ ସେମାନଙ୍କ ପଛରେ ରହିଛନ୍ତି ବୋଲି ସାହସ ଦେଇଥିବା ଜଣାପଡ଼ିଛି।

## ଟିଭିକେକୁ ସମର୍ଥନ ଦେବ କଂଗ୍ରେସ : ଦୁଇ କ୍ୟାବିନେଟ୍ ଆଶା, ଶପଥ ଉତ୍ସବରେ ଯୋଗ ଦେବେ ରାହୁଲ!



ଚେନ୍ନାଇ, ୦୯/୦୫: ତାମିଲନାଡୁ ବିଧାନସଭା ନିର୍ବାଚନରେ ବିପୁଳ ବିଜୟ ହାସଲ କରିବା ପରେ, ରାଜ୍ୟରେ ସରକାର ଗଠନ ପାଇଁ ପ୍ରୟାସ ଜୋରଦାର ହୋଇଛି। ବିଜୟ ଥାଲାପତିଙ୍କ ଟିଭିକେ ଦଳ ଖୁବ୍ ଶୀଘ୍ର ସରକାର ଗଠନ କରିବା ନେଇ ରାଜନୈତିକ ମେଣ୍ଟ ଉପରେ ଚର୍ଚ୍ଚା ଆରମ୍ଭ ହୋଇଛି। ସରକାର ଗଠନ ପାଇଁ ମ୍ୟାଜିକ୍ ନମ୍ବର ୧୧୮ ଆସନ ହାସଲ ପାଇଁ ଟିଭିକେ ସମଭାବାପନ୍ନ ଦଳ ସହିତ ମେଣ୍ଟ କରିବାକୁ ଚାହୁଁଛି। ଟିଭିକେ କଂଗ୍ରେସ ସମର୍ଥନରେ ତାମିଲନାଡୁରେ ସରକାର ଗଠନ କରିପାରେ ବୋଲି କୁହାଯାଉଛି। ସୂତ୍ର ଅନୁସାରେ, କଂଗ୍ରେସ ଟିଭିକେକୁ ସମର୍ଥନ କରିବାକୁ ନିଷ୍ପତ୍ତି ନେଇଛି। କଂଗ୍ରେସ ମହାସଚିବ କେସି ଭେନୁଗୋପାଳ ପୂର୍ବରୁ ଦାବି କରିଥିଲେ ଯେ,ବିଜୟ ସରକାର ଗଠନ ପାଇଁ କଂଗ୍ରେସକୁ ସମର୍ଥନ ଅନୁରୋଧ କରିଥିଲେ। କଂଗ୍ରେସ ସୂତ୍ର କହୁଛି ଯେ, ଦଳ ବିଜୟଙ୍କ ସରକାରଙ୍କୁ ସମର୍ଥନ କରିବାକୁ ନିଷ୍ପତ୍ତି ନେଇଛି। ଏହା ବ୍ୟତୀତ,ରାହୁଲ ଗାନ୍ଧୀ ବିଜୟଙ୍କ ସରକାରଙ୍କ ଶପଥ ଗ୍ରହଣ ଉତ୍ସବରେ ଯୋଗଦେବେ ବୋଲି ସୂଚନା ମିଳିଛି। ପ୍ରାରମ୍ଭିକ ସୂଚନା ଅନୁଯାୟୀ,କଂଗ୍ରେସ ଦଳ ଏହି ସମର୍ଥନ ବଦଳରେ ବିଜୟଙ୍କ ସରକାରରେ ଦୁଇଟି କ୍ୟାବିନେଟ ମନ୍ତ୍ରୀ ପଦବୀ ଚାହୁଁଛି। ପ୍ରଭାରୀ ଗରିଶ ଚୋଦନକର ଏବଂ ପ୍ରବୀଣ ଚକ୍ରବର୍ତ୍ତୀ ଦଳର ଏହି ଦାବି ନେଇ ଟିଭିକେ ସହିତ ଯୋଗାଯୋଗରେ ଅଛନ୍ତି। ସୂତ୍ର ଅନୁସାରେ, ରାହୁଲ ଗାନ୍ଧୀ ଟିଭିକେକୁ ସମର୍ଥନ କରିବାକୁ ଚାହୁଁଥିଲେ, କିନ୍ତୁ କଂଗ୍ରେସ ରାଷ୍ଟ୍ରୀୟ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡ଼୍‌ଗେ ଚାହୁଁଥିଲେ ଯେ ଏହି ବିଷୟରେ ଦିଲ୍ଲୀରେ ଆଲୋଚନା ନହୋଇ ତାମିଲନାଡୁ କଂଗ୍ରେସ କମିଟି ନିଷ୍ପତ୍ତି ନେଉ। ଏହି କାରଣରୁ, ଦିଲ୍ଲୀରେ ବୈଠକ ପରେ, ତାମିଲନାଡୁ କଂଗ୍ରେସ ନେତାମାନଙ୍କର ଏକ ଅନଲାଇନ୍ ବୈଠକ ଡକାଯାଇ ଟିଭିକେକୁ ଆନୁଷ୍ଠାନିକ ଭାବରେ ସମର୍ଥନ କରିବାର ନିଷ୍ପତ୍ତି ନିଆଯାଇଥିଲା। ଟିଭିକେ ମୁଖ୍ୟ ବିଜୟ ୭ ତାରିଖରେ ତାମିଲନାଡୁର ମୁଖ୍ୟମନ୍ତ୍ରୀ ଭାବରେ ଶପଥ ଗ୍ରହଣ କରିବେ ବୋଲି ଆଶା କରାଯାଉଛି। ବିଜୟ ରୂପାନୀ ଗୁରୁବାରକୁ ଏକ ଶୁଭ ଦିନ ବୋଲି ବିବେଚନା କରନ୍ତି, ଏବଂ ତେଣୁ ସେହି ଦିନ ଶପଥ ନେବାକୁ ଚାହାଁନ୍ତି। ଟିଭିକେ ଦଳର ଶପଥ ଗ୍ରହଣ ସମାରୋହ ଚେନ୍ନାଇର ନେହେରୁ ଷ୍ଟାଡିୟମରେ ଅନୁଷ୍ଠିତ ହେବାର ଆଶା କରାଯାଉଛି। ସମସ୍ତ ଟିଭିକେ ବିଧାୟକଙ୍କୁ ଚେନ୍ନାଇ ଛାଡିବାକୁ ମନା କରାଯାଇଛି। ମହାବଳୀପୁରମର ଚେଙ୍ଗାଲପଟ୍ଟୁର ଏକ ହୋଟେଲରେ ଟିଭିକେର ୧୦୮ ଜଣ ନିର୍ବାଚିତ ବିଧାୟକଙ୍କୁ ରଖାଯାଇଛି।

## ବେଙ୍ଗଲ ନିର୍ବାଚନ : ସୁପ୍ରିମକୋର୍ଟଙ୍କ ହସ୍ତକ୍ଷେପ ଲୋଡ଼ିଲେ ଅଖିଲେଶ

କଲିକତା, ୦୯/୦୫: ପଶ୍ଚିମବଙ୍ଗ ନିର୍ବାଚନ ପ୍ରକ୍ରିୟା ଓ ଗଣତିର ସ୍ୱଚ୍ଛତା ଉପରେ ପ୍ରଶ୍ନ ଉଠାଇଛନ୍ତି ସମାଜବାଦୀ ପାର୍ଟିର ମୁଖ୍ୟ ଅଖିଲେଶ ଯାଦବ। ସୁପ୍ରିମକୋର୍ଟ ତୁରନ୍ତ ନିଜ ଆଡ଼କୁ ବେଙ୍ଗଲ ନିର୍ବାଚନ ପ୍ରକ୍ରିୟାର ବିଚାର କରନ୍ତୁ ଓ ଭୋଟ ଗଣତି କେନ୍ଦ୍ରର ଭିଡିଓ ରେକର୍ଡିଂ ସାର୍ବଜନୀନ କରିବାକୁ ମଧ୍ୟ ସେ ଦାବି କରିଛନ୍ତି। ଲକ୍ଷ୍ନୌରେ ସାମ୍ବାଦିକ ସମ୍ମିଳନୀ କରି ଅଖିଲେଶ ଯାଦବ କହିଛନ୍ତି, "ଯଦି କୋର୍ଟ ଶୁଣାଣିର ସିଧାପ୍ରସାରଣ ହୋଇ ପାରୁଛି, ତା'ହେଲେ ଭୋଟ ଗଣତିର ସିଧାପ୍ରସାରଣ କାହିଁକି ହୋଇ ପାରିବ ନାହିଁ? ସିସିଟିଭି ଫୁଟେଜ କାହିଁକି ଲାଇଭ ହେବନି? କାହିଁକି ସେମାନେ ସିଧାପ୍ରସାରଣକୁ ଏତେ ଡରୁଛନ୍ତି? ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନ ପ୍ରକ୍ରିୟାର ବିଚାର ସୁପ୍ରିମକୋର୍ଟ ତୁରନ୍ତ କରନ୍ତୁ। ଦେଶର ଲୋକଙ୍କ ଆଗରେ ଭୋଟ ଗଣତି କେନ୍ଦ୍ରର ଭିଡିଓକୁ ରଖା ଯାଉ। ଅନିୟମିତତାର ଅଭିଯୋଗ ଆଣି ଅଖିଲେଶ କହିଛନ୍ତି ଯେ ଉତ୍ତର ପ୍ରଦେଶର କିଛି ନିର୍ବାଚନ ଓ ଉପ ନିର୍ବାଚନ ଘଟିଥିବା ଘଟଣା ଏହାର ଉଦାହରଣ। ଏଠାରେ ମଧ୍ୟ ଗଣତି ପ୍ରକ୍ରିୟାରେ ବିଭ୍ରାଟ ଦେଖାଯାଇଥିଲା। ବେଙ୍ଗଲରେ ଯାହା ସବୁ ଘଟିଲା, ତା'ର ପୁନରାବୃତ୍ତି ବଡ଼ ମାତ୍ରାରେ ଆସନ୍ତାବର୍ଷ ଉତ୍ତର ପ୍ରଦେଶରେ ହେବାକୁ ଥିବା ବିଧାନସଭା ନିର୍ବାଚନରେ ଘଟିପାରେ ବୋଲି ମଧ୍ୟ ସେ ଆଶଙ୍କା କରିଛନ୍ତି। ସେ କହିଛନ୍ତି, "ବେଙ୍ଗଲରେ ଯାହା ସବୁ ଘଟିଗଲା, ସେମାନେ ସମାନ କାମ ବଡ଼ ଆକାରରେ ଉତ୍ତର ପ୍ରଦେଶରେ କରିପାରନ୍ତି। ବହୁ ସ୍ତରୀୟ ନିର୍ବାଚନ ମାଫିଆ ଏକାଠି କାମ କରିବେ। ସେମାନେ ଅଧିକ ରିସର୍ଚ୍ଚ କରିବେ ଓ ୨୦୨୭ରେ ଉତ୍ତର ପ୍ରଦେଶରେ ନିଜର ଅଭିଯାନ ଚଳାଇବେ। ଏହି ଲୋକମାନେ ପଶ୍ଚିମବଙ୍ଗରେ ଯାହା ସବୁ କଲେ ଓ ଯେମିତି ନିର୍ବାଚନକୁ ପ୍ରଭାବିତ କରି ମାହୋଲକୁ ବଦଳାଇଲେ, ସେସବୁ ଏବେ ପର୍ଦ୍ଦାଫାସ ହୋଇଛି।" ବିଜେପି ବେଙ୍ଗଲରେ ପ୍ରଥମ ଥର ଐତିହାସିକ ବିଜୟ ହାସଲ କରିଥିବା ବେଳେ ମମତା ବାନାର୍ଜୀଙ୍କ ଟିଏମସି ପରାସ୍ତ ହୋଇଛି। ମମତା ହାରିବା ପରେ ଅଖିଲେଶ ଏପରି କହିଛନ୍ତି। ଏଥିସହ ସେ ବେଙ୍ଗଲ ଗସ୍ତରେ ଯିବେ ବୋଲି ମଧ୍ୟ କହିଛନ୍ତି।

## ଆସାମରେ ମେ ୧୨ରେ ଶପଥ ଗ୍ରହଣ, ଯୋଗ ଦେବେ ପ୍ରଧାନମନ୍ତ୍ରୀ ମୋଦୀ

ଗୁଆହାଟୀ, ୦୯/୦୫: ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା ନିଜ ପଦରୁ ଇସ୍ତଫା ଦେଇଛନ୍ତି। ସେ ରାଜ୍ୟପାଳ ଲକ୍ଷ୍ମଣ ପ୍ରସାଦ ଆଚାର୍ଯ୍ୟଙ୍କୁ ଭେଟି ଇସ୍ତଫା ଦେଇଛନ୍ତି। ବର୍ତ୍ତମାନ ପାଇଁ ସେ ନୂଆ ସରକାର ଗଠନ ହେବା ପର୍ଯ୍ୟନ୍ତ କାର୍ଯ୍ୟନିର୍ବାହୀ ମୁଖ୍ୟମନ୍ତ୍ରୀ ଭାବେ ଦାୟିତ୍ୱ ଗ୍ରହଣ କରିବେ। ମେ ୧୨ ତାରିଖରେ ନୂତନ ସରକାରର ଶପଥ ଗ୍ରହଣ ସମାରୋହ ଅନୁଷ୍ଠିତ ହେବ ଏବଂ ଏହି କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସମେତ ସମସ୍ତ ବରିଷ୍ଠ ବିଜେପି ନେତା ଉପସ୍ଥିତ ରହିବେ। ମିଳିଥିବା ସୂଚନା ମୁତାବକ, ହିମନ୍ତ ବିଶ୍ୱଶର୍ମା ଲଗାତାର ତୃତୀୟ ଥର ପାଇଁ ମୁଖ୍ୟମନ୍ତ୍ରୀ ପଦ ପାଇବାର ସମ୍ଭାବନା ରହିଛି। ରାଜ୍ୟପାଳଙ୍କୁ ଭେଟିବା ପରେ ହିମନ୍ତ ସମର୍ଥନ ପାଇଁ ରାଜ୍ୟବାସୀଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଆସାମର ଲୋକମାନେ ଆମ ସରକାରଙ୍କ ଉପରେ ବିଶ୍ୱାସ ରଖିଛନ୍ତି। ସେ ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ସମର୍ଥନ ଜଣାଇଛନ୍ତି। ଆସାମର ଲୋକମାନେ ଚାହୁଁଛନ୍ତି ଯେ ଆସାମରେ ଯେଉଁ ବିକାଶର ଗଙ୍ଗା ପ୍ରବାହିତ ହେଉଛି, ତା'ର ପ୍ରବାହ ଜାରି ରହୁ। ଯେତେବେଳେ ହିମନ୍ତ ବିଶ୍ୱଶର୍ମାଙ୍କୁ ଆସାମ ମୁଖ୍ୟମନ୍ତ୍ରୀ କିଏ ହେବ ବୋଲି ପଚରାଗଲା, ସେ ନିଜ ବିଷୟରେ କିଛି କହି ନ ଥିଲେ। ସେ କହିଛନ୍ତି ଯେ, ରାଜ୍ୟରେ କେନ୍ଦ୍ରୀୟ ପର୍ଯ୍ୟବେକ୍ଷକଙ୍କ ଉପସ୍ଥିତିରେ ବିଧାୟକ ଦଳ ବୈଠକ ଅନୁଷ୍ଠିତ ହେବ। ଏହି ବୈଠକରେ ଆସାମର ନୂଆ ମୁଖ୍ୟମନ୍ତ୍ରୀ ନିର୍ବାଚିତ ହେବେ।

# ୟୁଏଫ୍‌ଓ ଉପରେ ନୀରବତା ଭାଙ୍ଗିଲା ଆମେରିକା ପ୍ରଥମ ଥର ପାଇଁ ପେଣ୍ଟାଗନ୍ ପ୍ରକାଶ କଲା ଗୁପ୍ତ ଦଲିଲ୍



ୱାସିଂଟନ, ୦୯/୦୫: ପୃଥିବୀ ବାହାରେ ଜୀବନ ଅଛି କି? ଏଲିଏନ୍ ଅଛନ୍ତି କି? ଏସବୁ ବିଷୟରେ ସସପେନ୍ସ ଏବେ ଶେଷ ହୋଇପାରେ। ଆମେରିକୀୟ ପ୍ରତିରକ୍ଷା ବିଭାଗ, ପେଣ୍ଟାଗନ୍, ପୂର୍ବରୁ ବର୍ଷ ବର୍ଷ ଧରି ଗୁପ୍ତ ରଖାଯାଇଥିବା ବର୍ଗୀକୃତ ଫାଇଲଗୁଡ଼ିକର ପ୍ରଥମ ବ୍ୟାଚ୍ ପ୍ରକାଶ କରିଛି। ଏହି ଫାଇଲଗୁଡ଼ିକରେ ଅଜଣା ଉଡ଼ନ୍ତା ବସ୍ତୁ କିମ୍ବା ୟୁଏଫ୍‌ଓ ଦେଖିବାର ରିପୋର୍ଟ ଅନ୍ତର୍ଭୁକ୍ତ। ପେଣ୍ଟାଗନ୍ ଆନୁଷ୍ଠାନିକ ଭାବରେ ସେସବୁକୁ ଅଜ୍ଞାତ ଅସାଧାରଣ ଘଟଣା(ୟୁଏପି) ବୋଲି କହୁଛି। ଆମେରିକୀୟମାନେ ଗତ କିଛି ଦଶନ୍ଧି ଧରି ଏହି ଫାଇଲଗୁଡ଼ିକୁ ପ୍ରକାଶ କରିବାକୁ ଦାବି କରିଆସୁଥିଲେ। ପେଣ୍ଟାଗନ୍ କହିଛି ଯେ, ସର୍ବାଧିକ ସ୍ୱଚ୍ଛତା ପାଇଁ ଆମେରିକୀୟ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ପ୍ରୟାସର ଅଂଶ ଭାବରେ ଏହା ପ୍ରକାଶ କରାଯାଇଛି ଏବଂ ଆମେରିକୀୟ ଜନସାଧାରଣ ଏହି ବିଷୟଗୁଡ଼ିକ ଉପରେ ସ୍ୱାଧୀନ ଭାବରେ କୌଣସି ବାଧା ବିନା ନିଜର ନିଷ୍କର୍ଷ ବାହାର କରିପାରିବେ। ପ୍ରତିରକ୍ଷା ବିଭାଗ କହିଛି ଯେ, ପୂର୍ବ ସରକାରଗୁଡ଼ିକ ଆମେରିକୀୟ ଲୋକଙ୍କୁ ଏପରି ଘଟଣା ବିଷୟରେ ଆଲୋଚନା କରିବାକୁ ନିରୁତ୍ସାହିତ କରିଥିଲେ ତଥା ବାଧା ଦେଇଥିଲେ, କିନ୍ତୁ ରାଷ୍ଟ୍ରପତି ଟ୍ରମ୍ପ ସର୍ବାଧିକ ସ୍ୱଚ୍ଛତା ଉପରେ ଗୁରୁତ୍ୱ ଦେଇଥିଲେ। ଏହି ଫାଇଲଗୁଡ଼ିକ ଦୀର୍ଘ ଦିନ ଧରି ଜାରି ରହିଥିବା କଳ୍ପନାଜଳ୍ପନାକୁ ଖୋରାକ ଯୋଗାଇଥିଲା, ଏବଂ ଏବେ ଆମେରିକୀୟ ଲୋକଙ୍କ ପାଇଁ ସେଗୁଡ଼ିକୁ ନିଜେ ଦେଖିବାର ଏବଂ ପରୀକ୍ଷା କରିବାର ସମୟ ଆସିଛି ବୋଲି ଆମେରିକାର ପ୍ରତିରକ୍ଷା ସଚିବ ପିଟ୍ ହେଗସେଥ୍ କହିଛନ୍ତି। ପ୍ରତିରକ୍ଷା ମନ୍ତ୍ରଣାଳୟର ୱେବସାଇଟରେ ୧୬୦ ରୁ ଅଧିକ ଫାଇଲ୍ ପ୍ରକାଶିତ ହୋଇଛି। ଡିସେମ୍ବର ୧୯୪୭ ର ଏକ ଫାଇଲରେ ଉଡ଼ନ୍ତା ଥାଳିଆ ବା ୟୁଏଫ୍‌ଓ ଉପରେ ରିପୋର୍ଟଗୁଡ଼ିକର ଏକ ସମ୍ପୂର୍ଣ୍ଣ ସିରିଜ୍ ରହିଛି। ଏଥିରେ ୧୯୭୨ ମସିହାରେ ଆପୋଲୋ ୧୭ ସମୟରେ ଚନ୍ଦ୍ର ନିକଟରେ ପରିଲକ୍ଷିତ ଅସାଧାରଣ ଦୃଶ୍ୟ ଏବଂ ଉଜ୍ଜ୍ୱଳ ଅଜ୍ଞାତ ବସ୍ତୁଗୁଡ଼ିକର ରିପୋର୍ଟ ମଧ୍ୟ ଅନ୍ତର୍ଭୁକ୍ତ ରହିଛି। ଆମେରିକାର ବାୟୁସେନାର ଏକ ଗୁପ୍ତଚର ରିପୋର୍ଟରେ ଅଜଣା ବିମାନ ଏବଂ ଉଡ଼ନ୍ତା ଥାଳିଆ ଦେଖିବାର ବିବରଣୀ ଦିଆଯାଇଛି। ନଭେମ୍ବର ୧୯୪୮ ତାରିଖର ଏହି ରିପୋର୍ଟକୁ ଟପ୍ ସିକ୍ରେଟ୍ ଭାବରେ ଚିହ୍ନିତ କରାଯାଇଛି। ୨୦୨୩ ମସିହାର ସାମ୍ପ୍ରତିକ ଫାଇଲଗୁଡ଼ିକ ମଧ୍ୟରୁ ଗୋଟିଏରେ, ଫେଡେରାଲ୍ ଆଇନ ପ୍ରବର୍ତ୍ତନ ସ୍ୱତନ୍ତ୍ର ଏଜେଣ୍ଟମାନଙ୍କର ତିନୋଟି ଦଳ ପୃଥକ ଭାବରେ ଆକାଶରେ କମଳା ଗୋଲକ ଦେଖିବାର ରିପୋର୍ଟ କରିଥିଲେ, ଯେଉଁଥିରେ ଛୋଟ ଲାଲ ଗୋଲକ ବାହାରୁଥିବାର ଦେଖାଯାଇଥିଲା। ଫେବୃଆରି ମାସରେ, ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ୟୁଏଫ୍‌ଓ ଏବଂ ଏଲିଏନ୍ ସହ ଜଡ଼ିତ ସରକାରୀ ଫାଇଲଗୁଡ଼ିକୁ ଚିହ୍ନଟ କରି ପ୍ରକାଶ କରିବାକୁ ଫେଡେରାଲ୍ ଏଜେନ୍ସିଗୁଡ଼ିକୁ ନିର୍ଦ୍ଦେଶ ଦେଇଥିଲେ। ସେ କହିଥିଲେ ଯେ, ଏହି ପଦକ୍ଷେପ ଜନସ୍ୱାର୍ଥକୁ ଦୃଷ୍ଟିରେ ରଖି ନିଆଯାଇଛି। ଟ୍ରମ୍ପ ଏହା ମଧ୍ୟ ଦାବି କରିଥିଲେ ଯେ, ପୂର୍ବତନ ରାଷ୍ଟ୍ରପତି ବାରାକ୍ ଓବାମା ଏକ ଭାଇରାଲ୍ ପଡକାଷ୍ଟରେ ଏଲିଏନ୍ ବିଷୟରେ ଗୋପନୀୟ ସୂଚନା ପ୍ରକାଶ କରିଥିଲେ। ଏହି ପ୍ରୟାସରେ ହ୍ୱାଇଟ୍ ହାଉସ୍, ଓଡିଏନ୍‌ଆଇ, ଡିଓଇ, ଏଏଆରଓ, ନାସା, ଏଫବିଆଇ ଏବଂ ଅନ୍ୟାନ୍ୟ ଗୁପ୍ତଚର ସଂସ୍ଥା ସମେତ ବହୁବିଧ ଏଜେନ୍ସି ସାମିଲ ଅଛନ୍ତି। ସମସ୍ତ ଡକ୍ୟୁମେଣ୍ଟଗୁଡ଼ିକ ସରକାରୀ ୱେବସାଇଟରେ ଉପଲବ୍ଧ କରାଯିବ ଏବଂ ପର୍ଯ୍ୟାୟକ୍ରମେ ପ୍ରକାଶିତ ହେବ। ଆଇନ ପ୍ରଣୟନ ଏବଂ ୟୁଏଫ୍‌ଓ ଗବେଷକମାନେ ଏହି ପଦକ୍ଷେପକୁ ସ୍ୱାଗତ କରିଛନ୍ତି। କିଛି ସମାଲୋଚକ କହିଛନ୍ତି, ଏହି ପ୍ରକାଶନ ଅନ୍ୟାନ୍ୟ ରାଜନୈତିକ ପ୍ରସଙ୍ଗରୁ ଧ୍ୟାନ ହଟାଇବା ପାଇଁ ମଧ୍ୟ କାର୍ଯ୍ୟ କରିପାରେ।

## ଶୁଭେନ୍ଦୁ ଅଧିକାରୀଙ୍କ ପିଏଙ୍କୁ ହତ୍ୟା

କଲିକତା, ୦୯/୦୫: ପଶ୍ଚିମବଙ୍ଗରେ ନିର୍ବାଚନୀ ହିଂସା। ବିଜେପି ବିଧାୟକ ଶୁଭେନ୍ଦୁ ଅଧିକାରୀଙ୍କ ପିଏଙ୍କୁ ଗୁଳିମାଡ। ଗୁଳିମାଡରେ ଚନ୍ଦ୍ରନାଥ ରଥଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଥିବା ସୂଚନା। ପଶ୍ଚିମବଙ୍ଗର ମଧ୍ୟମଗ୍ରାମରେ ଦୋହାରିଆରେ ଶୁଭେନ୍ଦୁ ଅଧିକାରୀଙ୍କ ପିଏ ଉପରେ ଗୁଳି ଚାଳନା କରାଯାଇଛି। ଚନ୍ଦ୍ରନାଥ ରଥଙ୍କ ମୁଣ୍ଡକୁ ୪ରାଉଣ୍ଡ ଗୁଳିମାଡ କରାଯାଇଛି। ତାଙ୍କୁ ଅତି ନିକଟରୁ ଗୁଳି କରାଯାଇଥିବା ସୂଚନା। ଘଟଣା ସ୍ଥଳରେ ମଧ୍ୟମଗ୍ରାମ ଏବଂ ବିମାନବନ୍ଦର ପୋଲିସ ଷ୍ଟେସନର ପୋଲିସ ପହଞ୍ଚିଛି। ନିର୍ବାଚନ ସମୟରେ ଚନ୍ଦ୍ରନାଥ ରଥ ଶୁଭେନ୍ଦୁ ଅଧିକାରୀଙ୍କ ସହିତ ପାଖେ ପାଖେ ରହୁଥିଲେ। ରାତିରେ ଘରକୁ ଫେରୁଥିବା ସମୟରେ, ଉତ୍ତର ୨୪ ପରଗନାର ମଧ୍ୟମଗ୍ରାମ ନିକଟରେ ଏକ ବିରିଆନି ଦୋକାନ ସମ୍ମୁଖରେ କାରଟି ଅଟକି ଯାଇଥିଲା। ଚନ୍ଦ୍ରନାଥ ରଥ କାର ଡ୍ରାଇଭରଙ୍କ ପାଖରେ ସିଟରେ ବସିଥିଲେ। ଅଭିଯୁକ୍ତମାନେ ଚନ୍ଦ୍ରନାଥ ରଥଙ୍କ ଉପରେ ବହୁତ ନିକଟରୁ ଗୁଳି ଚଳାଇଥିଲେ। ଚନ୍ଦ୍ରନାଥ ରଥଙ୍କ ଶରୀରରେ ଅତି କମରେ ୪ ଗୁଳି ବାଜିଥିବା ଜଣାପଡ଼ିଛି। କାର ଡ୍ରାଇଭରଙ୍କୁ ମଧ୍ୟ ଗୁଳି ବାଜିଥିବା ଜଣାପଡ଼ିଛି।

## ଲେଫ୍‌ଟନାଣ୍ଟ ଜେନେରାଲ ରାଜା ସୁବ୍ରମଣି ଦେଶର ନୂଆ ସିଡିଏସ୍ ଆଡ୍‌ମିରାଲ କୃଷ୍ଣ ସ୍ୱାମୀନାଥନ ନୂଆ ନୌସେନା ମୁଖ୍ୟ



ନୂଆଦିଲ୍ଲୀ, ୦୯/୦୫: ଭାରତ ସରକାର ଅବସରପ୍ରାପ୍ତ ଲେଫ୍‌ଟନାଣ୍ଟ ଜେନେରାଲ ଏନଏସ ରାଜା ସୁବ୍ରମଣିଙ୍କୁ ଦେଶର ପରବର୍ତ୍ତୀ ପ୍ରତିରକ୍ଷା କର୍ମଚାରୀ ମୁଖ୍ୟ(ଚିଫ୍ ଅଫ୍ ଡିଫେନ୍ସ ଷ୍ଟାଫ୍) ଭାବରେ ନିଯୁକ୍ତ କରିଛନ୍ତି। ସେ ବର୍ତ୍ତମାନର ସିଡିଏସ୍ ଜେନେରାଲ ଅନିଲ ଚୌହାନଙ୍କ ସ୍ଥାନ ନେବେ। ସିଡିଏସ୍ ଅନିଲ ଚୌହାନଙ୍କ କାର୍ଯ୍ୟକାଳ ୩୦ ମେ ୨୦୨୬ ରେ ଶେଷ ହେଉଛି। ସିଡିଏସ୍ ଭାବରେ ନିଯୁକ୍ତି ସହିତ, ଲେଫ୍‌ଟନାଣ୍ଟ ଜେନେରାଲ ସୁବ୍ରମଣି ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ଭାରତ ସରକାରଙ୍କ ସାମରିକ ବ୍ୟାପାର ବିଭାଗର ସଚିବ ଭାବରେ ମଧ୍ୟ ଦାୟିତ୍ୱ ଗ୍ରହଣ କରିବେ। ତାଙ୍କୁ ସେନାର ସବୁଠାରୁ କର୍ତ୍ତବ୍ୟନିଷ୍ଠ ଅଧିକାରୀଙ୍କ ମଧ୍ୟରେ ଗଣନା କରାଯାଏ। ଲେଫ୍‌ଟନାଣ୍ଟ ଜେନେରାଲ ଏନଏସ ରାଜା ସୁବ୍ରମଣି ୧ ସେପ୍ଟେମ୍ବର, ୨୦୨୫ ଠାରୁ ଜାତୀୟ ସୁରକ୍ଷା ପରିଷଦ ସଚିବାଳୟରେ ସାମରିକ ପରାମର୍ଶଦାତା ଭାବରେ କାର୍ଯ୍ୟ କରୁଛନ୍ତି। ସେ ପୂର୍ବରୁ ୧ ଜୁଲାଇ, ୨୦୨୪ ରୁ ୩୧ ଜୁଲାଇ, ୨୦୨୫ ପର୍ଯ୍ୟନ୍ତ ସେନାର ଉପାଧ୍ୟକ୍ଷ ଭାବରେ ଏବଂ ମାର୍ଚ୍ଚ ୨୦୨୩ ରୁ ଜୁନ୍ ୨୦୨୪ ପର୍ଯ୍ୟନ୍ତ କେନ୍ଦ୍ରୀୟ କମାଣ୍ଡର ଜେନେରାଲ ଅଫିସର କମାଣ୍ଡିଂ-ଇନ୍-ଚିଫ୍ ଭାବରେ କାର୍ଯ୍ୟ କରିଥିଲେ। ନୂଆ ସିଡିଏସ ସହିତ, ଭାରତୀୟ ନୌସେନା ପରବର୍ତ୍ତୀ ନୌସେନା ମୁଖ୍ୟଙ୍କୁ ନିଯୁକ୍ତ କରିଛି। ଆଡମିରାଲ କୃଷ୍ଣ ସ୍ୱାମୀନାଥନଙ୍କୁ ନୂଆ ନୌସେନା ମୁଖ୍ୟ ଭାବରେ ନିଯୁକ୍ତ କରାଯାଇଛି। ସେ ମେ ୩୧ ତାରିଖରେ ଏହି ପଦବୀ ଗ୍ରହଣ କରିବେ। ତାଙ୍କର କାର୍ଯ୍ୟକାଳ ୩୧ ଡିସେମ୍ବର ୨୦୨୮ପର୍ଯ୍ୟନ୍ତ ରହିବ। ସେ ବର୍ତ୍ତମାନ ମୁମ୍ବାଇରେ ପଶ୍ଚିମ ନୌସେନା କମାଣ୍ଡର ଭାବରେ ନିଯୁକ୍ତ ଅଛନ୍ତି। କୃଷ୍ଣ ସ୍ୱାମୀନାଥନଙ୍କୁ ୧ ଜୁଲାଇ, ୧୯୮୭ରେ ଭାରତୀୟ ନୌସେନାରେ ନିଯୁକ୍ତି ଦିଆଯାଇଥିଲା। ସେ ଯୋଗାଯୋଗ ଏବଂ ଇଲେକ୍ଟ୍ରୋନିକ୍ ଯୁଦ୍ଧରେ ବିଶେଷଜ୍ଞ। ସେ ଜାତୀୟ ପ୍ରତିରକ୍ଷା ଏକାଡେମୀ (ଖଡ଼କୱାସଲା)ରେ ଅଧ୍ୟୟନ କରିଥିଲେ। ସେ ୟୁକେର ଜଏଣ୍ଟ ସର୍ଭିସେସ୍ କମାଣ୍ଡ ଏବଂ ଷ୍ଟାଫ୍ କଲେଜ ଏବଂ ଆମେରିକାର ଯୁକ୍ତରାଷ୍ଟ୍ର ନୌସେନା ଯୁଦ୍ଧ କଲେଜରେ ମଧ୍ୟ ଯୋଗଦାନ କରିଥିଲେ। ସେ ନୌସେନା ସାମରିକ କଲେଜ ସହିତ ନିୟମିତ ସମ୍ପର୍କ ବଜାୟ ରଖିଥିଲେ। ନୌସେନା ମୁଖ୍ୟ ଭାବରେ, ଆଡମିରାଲ କୃଷ୍ଣ ସ୍ୱାମୀନାଥନଙ୍କ ପ୍ରାଥମିକ ଦାୟିତ୍ୱ ହେବ ସାମୁଦ୍ରିକ ସୀମା ସୁରକ୍ଷିତ କରିବା ଏବଂ ଭାରତୀୟ ନୌସେନାକୁ ଆଧୁନିକୀକରଣ କରିବା। ୧ ଜାନୁଆରି, ୨୦୨୦ ରେ ସିଡିଏସ୍ ପଦବୀ ଆନୁଷ୍ଠାନିକ ଭାବରେ ଆରମ୍ଭ କରାଯାଇଥିଲା। ଜେନେରାଲ ବିପିନ ରାୱତ ଏହାର ପ୍ରଥମ ମୁଖ୍ୟ ଥିଲେ। ଭାରତରେ, ପ୍ରତିରକ୍ଷା ବିଭାଗ ମୁଖ୍ୟ ହେଉଛି ସର୍ବୋଚ୍ଚ ସାମରିକ ପଦବୀ। ଏହା ଚାରି ତାରକା ଜେନେରାଲ ପଦବୀ। ଏହି ପଦବୀ ଗ୍ରହଣ କରିବା ସହିତ, ସିଡିଏସ୍ ସାମରିକ ବ୍ୟାପାର ବିଭାଗର ମୁଖ୍ୟ ଭାବରେ ମଧ୍ୟ କାର୍ଯ୍ୟ କରନ୍ତି। ସେ ତିନି ସଶସ୍ତ୍ର ବାହିନୀ ମଧ୍ୟରେ ସମନ୍ୱୟ ବୃଦ୍ଧି କରିବା ଏବଂ ସରକାରଙ୍କୁ ପରାମର୍ଶ ପ୍ରଦାନ କରୁଥିବା ସର୍ବୋଚ୍ଚ ସାମରିକ ଅଧିକାରୀ।

## ଟିଏମସି ନେତାଙ୍କୁ ବିଜେପିରେ ମନା

କଲକତା, ୦୯/୦୫: ଟିଏମସି ନେତାଙ୍କୁ ବିଜେପିରେ ମନା। ଏଭଳି କିଛି ସଫା ସଫା ସ୍ପଷ୍ଟ କରିଛି ପଶ୍ଚିମବଙ୍ଗ ବିଜେପି ସଭାପତି। ଏବେ ନିର୍ବାଚନ ହାରିବା ପରେ, ଟିଏମସିର ଅନେକ ନେତା ଓ କର୍ମୀ ବିଜେପି ମୁହାଁ। ଏପରିକି ନିଜକୁ ବିଜେପି କର୍ମୀ ବୋଲି ଅଞ୍ଚଳରେ ପରିଚିତ କରୁଛନ୍ତି। ତେଣୁ ଟିଏମସି କର୍ମୀ ଏବେ ବିଜେପିରେ ମିଶି ପାରିବେନି। ନିଜ ଆଡୁ ବିଜେପି କର୍ମୀ କହିଲେ ହେବନି। ସବୁଠୁ ବଡ଼ କଥା ହେଲା, ଟିଏମସି ଅପରାଧୀଙ୍କୁ ବିଜେପିରେ ସାମିଲ କରାଯିବନି। ଏପରି ବ୍ୟକ୍ତି ବିଜେପିକୁ ସୁରକ୍ଷା କବଚ ଭାବେ ବ୍ୟବହାର କରିପାରିବେନି। ଆଇନ ତା ବାଟରେ ଯିବ ବୋଲି କହିଲେ ରାଜ୍ୟ ବିଜେପି ମୁଖ୍ୟପାତ୍ର। କୌଣସି ସମାଜ ବିରୋଧୀ ତତ୍ତ୍ୱଙ୍କୁ ବିଜେପି ଦଳରେ ସାମିଲ କରିବ ନାହିଁ।

## ପଶ୍ଚିମବଙ୍ଗ ବିଜୟ ସହ ଏନ୍‌ଡିଏ ଶାସିତ ରାଜ୍ୟ ସଂଖ୍ୟା ୨୧କୁ ବୃଦ୍ଧି

ନୂଆଦିଲ୍ଲୀ, ୦୯/୦୫: ପଶ୍ଚିମବଙ୍ଗରେ ଦୀର୍ଘ ୧୫ ବର୍ଷର ଟିଏମ୍‌ସି ଶାସନ ପରେ ବିଜେପି ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ତୃଣମୂଳ କଂଗ୍ରେସଠାରୁ ବଙ୍ଗଳା ଛଡ଼ାଇ ନେଇଛି। ପଶ୍ଚିମବଙ୍ଗ ବିଜୟ ସହ ବିଜେପି ନେତୃତ୍ୱାଧୀନ ଏନ୍‌ଡିଏ ମେଣ୍ଟର ନେତୃତ୍ୱ ୨୧ଟି ରାଜ୍ୟକୁ ବୃଦ୍ଧି ପାଇଛି। ଏହାର ଅର୍ଥ ଏନ୍‌ଡିଏ ଦ୍ୱାରା ଶାସିତ ରାଜ୍ୟଗୁଡ଼ିକର ସଂଖ୍ୟା ୨୧କୁ ବୃଦ୍ଧି ପାଇଛି। ଅନ୍ୟପକ୍ଷେ କେନ୍ଦ୍ରରେ ପ୍ରମୁଖ ବିରୋଧୀ ମେଣ୍ଟ ତଥା ଇଣ୍ଡି ମେଣ୍ଟ ତାମିଲନାଡୁରେ ପରାଜି ହୋଇଥିଲେ ସୁଦ୍ଧା କେରଳରେ ଜିତିବା ପରେ ଦେଶର ଛଅଟି ରାଜ୍ୟରେ ଏହାର ନେତୃତ୍ୱ ବଜାୟ ରଖିଛି। ତେବେ କେରଳରେ ନିର୍ଣ୍ଣାୟକ ପ୍ରଦର୍ଶନ ପରେ ମଧ୍ୟ ନିର୍ବାଚନ ଫଳାଫଳ କଂଗ୍ରେସ ନେତୃତ୍ୱାଧୀନ ମେଣ୍ଟର ଭବିଷ୍ୟତକୁ ନେଇ ଅନିଶ୍ଚିତତା ଜାରି ରହିଛି। ଉଲ୍ଲେଖଯୋଗ୍ୟ ଯେ ପଶ୍ଚିମବଙ୍ଗ ବିଜୟ ପରେ ବିଜେପି ନିଜେ ସ୍ୱାଧୀନ ଭାବରେ ୧୫ଟି ରାଜ୍ୟରେ ଶାସନ କରିବ, କିନ୍ତୁ ବିହାରରେ ଜେଡିୟୁ, ଆନ୍ଧ୍ର ପ୍ରଦେଶରେ ଟିଡିପି , ନାଗାଲାଣ୍ଡ (ନାଗା ପିପୁଲ୍ସ ଫ୍ରଣ୍ଟ), ମେଘାଳୟରେ (ନ୍ୟାସନାଲ ପିପୁଲ୍ସ ପାର୍ଟି) ସହ ମେଣ୍ଟ ଯୋଗୁ ମେଣ୍ଟ ନେତୃତ୍ୱାଧୀନରେ ଶାସିତ ରାଜ୍ୟ ସଂଖ୍ୟା ୨୧କୁ ବୃଦ୍ଧି ପାଇଛି। ତାମିଲନାଡୁରେ ଡିଏମକେ-କଂଗ୍ରେସ ମେଣ୍ଟକୁ ହଟାଇ ଦିଆଯାଇଥିବା ବେଳେ, କଂଗ୍ରେସ ନେତୃତ୍ୱାଧୀନ ୟୁନାଇଟେଡ୍ ଡେମୋକ୍ରାଟିକ୍ ଫ୍ରଣ୍ଟ (ୟୁଡିଏଫ୍) କେରଳରେ ସରକାର ଗଠନ କରିବାକୁ ଯାଉଛି। କଂଗ୍ରେସ କେବଳ ତିନୋଟି ରାଜ୍ୟ, କର୍ଣ୍ଣାଟକ, ତେଲେଙ୍ଗାନା ଏବଂ ହିମାଚଳ ପ୍ରଦେଶରେ ଏକକ ବହୁମତ ସରକାର ରଖିଛି। ଦଳ ଝାଡ଼ଖଣ୍ଡରେ ହେମନ୍ତ ସୋରେନଙ୍କ ନେତୃତ୍ୱାଧୀନ ଜେଏମଏମ ସହିତ ମେଣ୍ଟରେ ଅଛି। ପଞ୍ଜାବରେ ଭଗୱନ୍ତ ମାନଙ୍କ ନେତୃତ୍ୱାଧୀନ ଆମ ଆଦମୀ ପାର୍ଟି(ଏଏପି) ଇଣ୍ଡିଆ ବ୍ଲକ୍‌ର ଅଂଶ ନୁହେଁ, କିନ୍ତୁ କେନ୍ଦ୍ରରେ ଏହା ବିଜେପିକୁ ବିରୋଧ କରୁଛି।

## ଶତ୍ରୁର କାଳ ସାଜିବ 'ତାରା, ପ୍ରଥମ ସ୍ୱଦେଶୀ ଗ୍ଲାଇଡ୍ ଅସ୍ତ୍ରର ସଫଳ ପରୀକ୍ଷଣ

ନୂଆଦିଲ୍ଲୀ, ୦୯/୦୫: ଭାରତର ପ୍ରଥମ ସ୍ୱଦେଶୀ ଗ୍ଲାଇଡ୍ ଅସ୍ତ୍ରର ସଫଳ ପରୀକ୍ଷଣ । ଭାରତର ପ୍ରତିରକ୍ଷା ଅନୁସନ୍ଧାନ ଏବଂ ବିକାଶ ସଂଗଠନ-ଡିଆରଡିଓ ଏବଂ ଭାରତୀୟ ବାୟୁସେନା ମିଳିତ ଭାବେ ଓଡ଼ିଶା ଉପକୂଳରେ ଟାକ୍ଟିକାଲ୍ ଆଡଭାନ୍ସଡ୍ ରେଞ୍ଜ ଅଗମେଣ୍ଟେସନ୍ -ଟାରା ନାମକ ଅତ୍ୟାଧୁନିକ ଅସ୍ତ୍ର ପ୍ରଣାଳୀର ପ୍ରଥମ ସଫଳ ଉଡ଼ାଣ ପରୀକ୍ଷଣ କରିଛନ୍ତି । ଏହି ପରୀକ୍ଷଣ ଭାରତର ଆତ୍ମନିର୍ଭରଶୀଳ ପ୍ରତିରକ୍ଷା କ୍ଷମତାକୁ ଏକ ନୂଆ ଶିଖରକୁ ନେଇଯାଇଛି । ଅପରେସନ ସିନ୍ଦୂରକୁ ବର୍ଷେ ପୂରଣ ଅବସରରେ ଏହାକୁ ପରୀକ୍ଷଣ କରାଯାଇଛି । ତାରା ହେଉଛି ଦେଶର ପ୍ରଥମ ସ୍ୱଦେଶୀ ଗ୍ଲାଇଡ୍ ଅସ୍ତ୍ର ପ୍ରଣାଳୀ । ଏହାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ପାରମ୍ପରିକ ଏବଂ ଅଣ-ନିର୍ଦ୍ଦେଶିତ ବୋମାଗୁଡ଼ିକୁ ସଠିକ୍ ଭାବେ ଲକ୍ଷ୍ୟଭେଦ କରିପାରୁଥିବା ଅସ୍ତ୍ରରେ ପରିଣତ କରିବା। ଏହା ଏକ 'ମଡ୍ୟୁଲାର୍ ରେଞ୍ଜ୍ ଏକ୍ସଟେନସନ୍ କିଟ୍' ଭାବରେ କାମ କରେ । ଯାହାକୁ ସାଧାରଣ ବୋମାରେ ଲଗାଗଲେ ତାହା ଏକ ସ୍ମାର୍ଟ ଅସ୍ତ୍ରରେ ପରିଣତ ହେବ। ଏହା ସାଧାରଣ ବୋମାର ଲକ୍ଷ୍ୟଭେଦ କ୍ଷମତାକୁ ବହୁଗୁଣିତ କରିଥାଏ । ଉଚ୍ଚ ସଠିକତା ସହ ଶତ୍ରୁର ଭୂତଳ ବା ଅନ୍ୟାନ୍ୟ ଲକ୍ଷ୍ୟକୁ ଧ୍ୱଂସ କରିବାରେ ଏହା ସକ୍ଷମ । ପାଞ୍ଚ କିଲୋମିଟର ଉଚ୍ଚତାରୁ ଛଡ଼ାଗଲେ ଏହା ପ୍ରାୟ ୧୫୦-୧୮୦ କିଲୋମିଟର ଦୂରରେ ଥିବା ଲକ୍ଷ୍ୟକୁ ଭେଦ କରିପାରେ । ଏହା ହାଇଦ୍ରାବାଦ ସ୍ଥିତ ରିସର୍ଚ୍ଚ ସେଣ୍ଟର ଇମ୍ରାତ (ଆରସିଆଇ )ଏବଂ ଅନ୍ୟାନ୍ୟ ଡିଆରଡିଓ ଲାବୋରେଟୋରୀ ଦ୍ୱାରା ସମ୍ପୂର୍ଣ୍ଣ ଭାରତୀୟ ଜ୍ଞାନକୌଶଳରେ ନିର୍ମିତ । ମହଙ୍ଗା ମିସାଇଲ୍ ବଦଳରେ ସାଧାରଣ ବୋମାକୁ ଝଇଜଇ କିଟ୍ ଜରିଆରେ ସ୍ମାର୍ଟ ଅସ୍ତ୍ରରେ ପରିଣତ କରିବା ଦ୍ୱାରା ସାମରିକ ଖର୍ଚ୍ଚ ବହୁଳ ଭାବେ ହ୍ରାସ ପାଇବ । ଏହା ଜାଗୁଆର, ମିରାଜ୍-୨୦୦୦, ସୁଖୋଇ-୩୦ ଏବଂ ତେଜସ ଭଳି ଯୁଦ୍ଧବିମାନରେ ବ୍ୟବହାର କରାଯାଇପାରିବ । ଏହା ଶତ୍ରୁର ରାଡାର ବଳୟ ବାହାରେ ରହି ଆକ୍ରମଣ କରିବାରେ ସାହାଯ୍ୟ କରିବ। ତାରାର ସଫଳ ପରୀକ୍ଷଣ ପରେ ରକ୍ଷାମନ୍ତ୍ରୀ ରାଜନାଥ ସିଂ ଡିଆରଡିଓ, ଭାରତୀୟ ବାୟୁସେନା, ଡିପିପିଏସ୍‌କୁ ଶୁଭେଚ୍ଛା ଜଣାଇଛନ୍ତି । ଡିଆରଡିଓର ସଚିବ ଏବଂ ଅଧ୍ୟକ୍ଷ ଡ. ସମୀର ବି କାମତ ସଫଳ ଉଡ଼ାଣ ପରୀକ୍ଷାରେ ସାମିଲ ହୋଇଥିବା ଟିମକୁ ଶୁଭେଚ୍ଛା ଜଣାଇଛନ୍ତି ।

## କେରଳରେ ବିଜେପି ପାଇଁ ବଡ଼ ବିଜୟ ଥିରୁଅନନ୍ତପୁରମରେ ୩ ଆସନରେ ଜିତିଲା

ନୂଆଦିଲ୍ଲୀ, ୦୯/୦୫: ୨୦୨୬ କେରଳ ବିଧାନସଭା ନିର୍ବାଚନରେ ବିଜେପିକୁ ବଡ଼ ସଫଳତା ମିଳିଛି। ରାଜ୍ୟରେ କଂଗ୍ରେସ ନେତୃତ୍ୱାଧୀନ ୟୁଡିଏଫ୍‌ର ବାଜିମାତ୍ ହୋଇଥିଲେ ମଧ୍ୟ ବିଜେପି ନେମୋମ, କଝାକୁଟ୍ଟମ ଏବଂ ଚାତନୁର ଆସନରେ ଜିତି ବଡ଼ ବିଜୟ ହାସଲ କରିଛି। ବରିଷ୍ଠ ବିଜେପି ନେତା ଏବଂ ପୂର୍ବତନ କେନ୍ଦ୍ର ମନ୍ତ୍ରୀ ରାଜୀବ ଚନ୍ଦ୍ରଶେଖର ଥିରୁଅନନ୍ତପୁରମରେ ଥିବା ନେମୋମ ନିର୍ବାଚନମଣ୍ଡଳୀରେ ବିଜୟୀ ହୋଇଛନ୍ତି। ବରିଷ୍ଠ ସିପିଏମ୍ ନେତା ଏବଂ ମନ୍ତ୍ରୀ ଭି ଶିବକୁଟ୍ଟିଙ୍କୁ ସେ ୩,୫୯୦ ଭୋଟ୍ ବ୍ୟବଧାନରେ ହରାଇଛନ୍ତି। ଅନ୍ୟପକ୍ଷେ କଂଗ୍ରେସର ଯୁବ ନେତା କେଏସ୍ ସବରିନାଥନ ତୃତୀୟ ସ୍ଥାନରେ ରହିଛନ୍ତି। କଝାକୁଟ୍ଟମରେ ଅନ୍ୟଜଣେ ପୂର୍ବତନ କେନ୍ଦ୍ର ମନ୍ତ୍ରୀ ଭି ମୁରଲିଧରନ ମଧ୍ୟ ବିଜୟୀ ହୋଇଛନ୍ତି। ଥିରୁଅନନ୍ତପୁରମରେ ଏହା ବିଜେପି ପାଇଁ ଅନ୍ୟ ଏକ ବଡ଼ ବିଜୟ। ଇତି ମଧ୍ୟରେ ଚାତନୁରରେ ବିଜେପି ପ୍ରାର୍ଥୀ ବିବି ଗୋପକୁମାର ଜିତିଛନ୍ତି। ଏକ କଡ଼ା ପ୍ରତିଦ୍ୱନ୍ଦ୍ୱିତାରେ ସେ ତାଙ୍କ ପ୍ରତିପକ୍ଷଙ୍କୁ ହରାଇଛନ୍ତି।

# ରାସ୍ତାକୁ ଓହ୍ଲାଇଲେ ବେକାର ଯୁବକ, ପୋଲିସର ଲାଠିଚାର୍ଜ



ପାଟନା, ୦୯/୦୫ ବିହାରରେ ସମ୍ରାଟ ଚୌଧୁରୀ ସରକାରଙ୍କ କ୍ୟାବିନେଟ୍ ସମ୍ପ୍ରସାରଣର ଦ୍ୱିତୀୟ ଦିନରେ ପାଟନାରେ ବେକାର ଯୁବକମାନେ ଚତୁର୍ଥ ପର୍ଯ୍ୟାୟ ଶିକ୍ଷକ ନିଯୁକ୍ତି ପରୀକ୍ଷା (ଟିଆରଇ-୪) ପାଇଁ ଆବେଦନ ପ୍ରକ୍ରିୟା ଯଥାଶୀଘ୍ର ଆରମ୍ଭ କରିବାକୁ ଦାବି କରି ରାସ୍ତାରେ ଏକ ବଡ଼ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ପାଟନା ପୋଲିସ ଲାଠିଚାର୍ଜ କରି ବିକ୍ଷୋଭକାରୀଙ୍କୁ ଘଉଡ଼ାଇ ଦେଇଛି, ଯେଉଁଥିରେ ଅନେକ ଆହତ ହୋଇଛନ୍ତି। ବିକ୍ଷୋଭ ପୂର୍ବରୁ ଛାତ୍ରନେତା ଦିଲୀପ କୁମାରଙ୍କୁ ପୁଲିସ ଉଠାଇ ନେଇଥିଲା, ଯାହା ବିକ୍ଷୋଭରେ ଜଡ଼ିତ ଲୋକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ସୃଷ୍ଟି କରିଥିଲା। ଏହି ଶୋଭାଯାତ୍ରା ପାଟନା କଲେଜରୁ ସକାଳ ୧୧ଟାରେ ଆରମ୍ଭ ହୋଇଥିଲା। ପୋଲିସ ସହ ଧସ୍ତାଧସ୍ତି ସହ ଉତ୍ତେଜନା ବଢ଼ିବା ପରେ ପୋଲିସ ଲାଠିଚାର୍ଜ କରିଥିଲା। ଏଥିରେ ଅନେକ ଯୁବକ ଆହତ ହୋଇଛନ୍ତି। ବରିଷ୍ଠ ଅଧିକାରୀମାନେ ପହଞ୍ଚି ବିକ୍ଷୋଭକାରୀଙ୍କୁ ଶାନ୍ତ କରିବାକୁ ଚେଷ୍ଟା କରିଥିଲେ। ଲାଠିଚାର୍ଜ ପରେ ମଧ୍ୟ ବେକାର ଯୁବକ-ଯୁବତୀଙ୍କ ଭିଡ଼ କମି ନଥିଲା। ଏସଡିଏମ୍ ରିତିକା ମିଶ୍ର ଓ ସିଟି ମାଜିଷ୍ଟ୍ରେଟ୍ ଆଦିତ୍ୟ ଶ୍ରୀବାସ୍ତବ କହିଛନ୍ତି, ବରିଷ୍ଠ ଅଧିକାରୀଙ୍କ ସହ ଆଲୋଚନା କରିବାକୁ ଏକ ପ୍ରତିନିଧି ଦଳ ଆସିଥିଲେ। କିନ୍ତୁ ଆନ୍ଦୋଳନକାରୀମାନେ କହିଛନ୍ତି ଯେ ଛାତ୍ରନେତା ଦିଲୀପ କୁମାରଙ୍କ ବିନା କୌଣସି କଥାବାର୍ତ୍ତା ହୋଇପାରିବ ନାହିଁ। ଦିଲୀପ କୁମାର ପୁଲିସ ହେପାଜତରେ ଅଛନ୍ତି, ଯେଉଁଥିପାଇଁ ଅଚଳାବସ୍ଥା ଓ ଉତ୍ତେଜନା ପରିସ୍ଥିତି ରହିଛି। ବିହାର ଲୋକସେବା ଆୟୋଗ ଦ୍ୱାରା ଟିଆରଇ-୪ ନିଯୁକ୍ତି ବିଜ୍ଞପ୍ତି ତୁରନ୍ତ ଜାରି କରିବାକୁ ବିକ୍ଷୋଭକାରୀମାନେ ଦାବି କରିଛନ୍ତି। ଏପ୍ରିଲ ତୃତୀୟ ସପ୍ତାହରେ ଆବେଦନ ପ୍ରକ୍ରିୟା ଆରମ୍ଭ ହେବ ଓ ସେପ୍ଟେମ୍ବର ଶେଷରେ ପରୀକ୍ଷା ହେବ ବୋଲି ଆୟୋଗର ଅଧିକାରୀମାନେ ପୂର୍ବରୁ ସୂଚନା ଦେଇଥିଲେ। କିନ୍ତୁ ମେ ଦ୍ୱିତୀୟ ସପ୍ତାହ ସୁଦ୍ଧା ବିଜ୍ଞପ୍ତି ଜାରି କରାଯାଇ ନାହିଁ। ବର୍ତ୍ତମାନ ଏହି ପରୀକ୍ଷା ଦୁଇଟି ପର୍ଯ୍ୟାୟରେ ହେବ ବୋଲି ଜଣାପଡ଼ିବା ପରେ ବିକ୍ଷୋଭକାରୀଙ୍କ ମଧ୍ୟରେ କ୍ରୋଧ ପ୍ରକାଶ ପାଇଛି। ପ୍ରଥମେ ପ୍ରାଥମିକ ପରୀକ୍ଷା ହେବ ଏବଂ ପରେ ମନୋନୀତ ପ୍ରାର୍ଥୀଙ୍କୁ ମୁଖ୍ୟ ପରୀକ୍ଷାରେ ବସିବାକୁ ପଡ଼ିବ। ଆନ୍ଦୋଳନକାରୀମାନେ ପୂର୍ବ ଭଳି ଗୋଟିଏ ଥରରେ ପରୀକ୍ଷା କରିବାକୁ ଦାବି କରୁଛନ୍ତି।

ଜନବାର୍ତ୍ତା
ସ୍ୱାଭିମାନୀ ଓଡ଼ିଆଙ୍କ ସ୍ୱର
(JANABARTTA SWABHIMANI ODIANKA SWARA)

# ସମ୍ପାଦକୀୟ

## ଆନ୍ତଃ-ରାଜ୍ୟ ପୋଲିସ କାର୍ଯ୍ୟାନୁଷ୍ଠାନ

ଭୁବନେଶ୍ୱର, ୦୯/୦୫ (ଜେଏନଏସ) : କେନ୍ଦ୍ର ଓ ରାଜ୍ୟ ଏବଂ ରାଜ୍ୟ-ରାଜ୍ୟ ମଧ୍ୟରେ ଉତ୍ତମ ସମ୍ପର୍କ ବଜାୟ ରଖିବା ଦିଗରେ ସଂଘୀୟ ବ୍ୟବସ୍ଥା ପ୍ରମୁଖ ଭୂମିକା ନିର୍ବାହ କରିଥାଏ । ହେଲେ ଭାରତରେ ଏହା ଧୀରେ ଧୀରେ ଦୁର୍ବଳ ହେଉଥିବାର ଅନେକ ଦୃଷ୍ଟାନ୍ତ ଦୃଷ୍ଟିଗୋଚର ହେବାରେ ଲାଗିଛି । ଗୋଟିଏ ରାଜ୍ୟର ପୋଲିସ ଅନ୍ୟ ପ୍ରଦେଶରେ ପ୍ରବେଶ କରି କାହାରିକୁ ଗିରଫ କରିବା କିମ୍ବା ଉଠାଇ ଆଣିବା ଘଟଣା ସଂଘୀୟ ବ୍ୟବସ୍ଥା ପାଇଁ ଗମ୍ଭୀର ଆହ୍ୱାନ ଭାବେ ଉଭା ହୋଇଛି । ଆନ୍ତଃ-ରାଜ୍ୟ ଗିରଫଦାରି ସମ୍ବନ୍ଧୀୟ ଆଇନଗତ ସ୍ଥିତି ନେଇ ଭାରତୀୟ ସମ୍ବିଧାନର ସପ୍ତମ ଅନୁସୂଚୀ ଅନୁଯାୟୀ 'ପୋଲିସ' ରାଜ୍ୟ ତାଲିକାରେ ରହିଛି । ଅର୍ଥାତ୍ ପୋଲିସ ସମ୍ବନ୍ଧୀୟ ପ୍ରସଙ୍ଗରେ ରାଜ୍ୟ ସରକାରଗୁଡ଼ିକର ନିୟନ୍ତ୍ରଣ ରହିଥାଏ । ଯେତେବେଳେ ଗୋଟିଏ ରାଜ୍ୟର ପୋଲିସ ଅନ୍ୟ ରାଜ୍ୟକୁ ଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରେ, ସେତେବେଳେ ସେଠାକାର ପୋଲିସ ସହଯୋଗରେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଗିରଫ କରିବା ସହ ନିକଟସ୍ଥ ଅଦାଲତରେ ହାଜର କରାଇଥାଆନ୍ତି । ଏଥିସହ ଅଦାଲତଙ୍କ ଅନୁମତି କ୍ରମେ ତାଙ୍କୁ ଟ୍ରାଞ୍ଜିଟ୍ ରିମାଣ୍ଡରେ ନିଜ ଅଞ୍ଚଳକୁ ନେଇଥାଆନ୍ତି । ଏବେ ବହୁ କ୍ଷେତ୍ରରେ ଏହାର ଉଲ୍ଲଂଘନ ହେଉଥିବା ଦେଖିବାକୁ ମିଳୁଛି । ଫଳରେ ତାହା ସଂଘୀୟ ମର୍ଯ୍ୟାଦା ଓ ରାଜ୍ୟ-ରାଜ୍ୟ ମଧ୍ୟରେ ଥିବା ସମନ୍ୱୟକୁ ପ୍ରଭାବିତ କରୁଛି । ଏହା ମଧ୍ୟ ଦେଖାଯାଉଛି ଯେ, କେନ୍ଦ୍ରରେ ଶାସିତ ଦଳ ପୋଲିସ ବ୍ୟବସ୍ଥାର ଦୁରୁପଯୋଗ କରି ଯେଉଁ ରାଜ୍ୟରୁ ପାରୁଛି ସେଠାରୁ ନିର୍ଦ୍ଦିଷ୍ଟ ବ୍ୟକ୍ତିଙ୍କୁ ଗିରଫ କରିଆଣିପାରୁଛି । ଏଭଳି ଅସାମ୍ବିଧାନିକ କାର୍ଯ୍ୟରେ ପ୍ରଥମେ ଦିଲ୍ଲୀ ପୋଲିସକୁ ଅନେକ ଥର ବ୍ୟବହାର କରାଯାଇଛି । ମନେପକାଇ ଦିଆଯାଇପାରେ ଯେ, ଦିଲ୍ଲୀ ପୋଲିସ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଅଧୀନ ।

ଏଠାରେ କିଛି ଉଦାହରଣ ଉଲ୍ଲେଖ କରାଯାଇପାରେ । ଜଳବାୟୁ ପରିବର୍ତ୍ତନ କର୍ମୀ ତଥା ଭାରତରେ ଗ୍ରେଟା ଥନ୍‌ବର୍ଗଙ୍କ 'ଫ୍ରାଇଡେ ଫର୍ ଫ୍ୟୁଚର' ଶାଖାର ସହ-ପ୍ରତିଷ୍ଠାତା ଦିଶା ରବିଙ୍କୁ ଟୁଲ୍ କିଟ୍‌ରେ ସମ୍ପୃକ୍ତ ଥିବା ଅଭିଯୋଗରେ ୧୩ ଫେବୃଆରୀ ୨୦୨୧ରେ ବାଙ୍ଗାଲୋରସ୍ଥିତ ଘରୁ ଦିଲ୍ଲୀ ପୋଲିସ ଗିରଫ କରିନେଇଥିଲା । ଅବଶ୍ୟ ଟୁଲ୍ କିଟ୍‌ର କୌଣସି ସ୍ୱଷ୍ଟ ବିବରଣୀ ବାହାର କରିବା କଷ୍ଟକର । ସୂଚନା ଦିଆଯାଇପାରେ ଯେ, ସେତେବେଳେ ଭାରତରେ କୃଷକ ଆନ୍ଦୋଳନ ଅନ୍ତର୍ଜାତୀୟ ସ୍ତରରେ ଆଲୋଡ଼ନ ସୃଷ୍ଟି କରିଥିଲା । ଚାଷୀ ଆନ୍ଦୋଳନ ସହ ଜଡ଼ିତ ଏକ ଟୁଲ୍ କିଟ୍ ଏଡିଟ୍ କରି ସବୁଆଡ଼େ ପଠାଇବାରେ ଦିଶାଙ୍କ ପ୍ରମୁଖ ଭୂମିକା ଥିଲା ବୋଲି ପୋଲିସ ଅଭିଯୋଗ କରିଥିଲା । ଭାରତ ବିରୋଧରେ ଘୃଣା, ଅସନ୍ତୋଷ ଓ ହିଂସା ବଢ଼ିବାର ଆଶଙ୍କା ସୃଷ୍ଟି ହେବାକୁ ଦେଖି ଦିଲ୍ଲୀ ପୋଲିସ ତାଙ୍କୁ ଗିରଫ କରିଥିଲା । କିନ୍ତୁ ପରବର୍ତ୍ତୀ ସମୟରେ ତାଙ୍କ ବିରୋଧରେ ତଥ୍ୟ ପ୍ରମାଣ ମିଳି ନ ଥିବାରୁ ତାଙ୍କୁ ମୁକ୍ତ କରିଦିଆଯାଇଥିଲା । ସେଥିରୁ ବୁଝାପଡ଼ିଥିଲା ଯେ, ଏହା କେବଳ ଧମକାଇବାର ଉଦ୍ଦେଶ୍ୟ ରଖି କରାଯାଇଥିଲା । ମନେପଡ଼େ ପ୍ରତିରକ୍ଷା ବିଶ୍ଳେଷକ ଅଭିଜିତ ଆୟର-ମିତ୍ରଙ୍କ ଗିରଫଦାରି ଘଟଣା । କୋଣାର୍କ ସୂର୍ଯ୍ୟ ମନ୍ଦିର ବିଷୟରେ ବିବାଦୀୟ ମନ୍ତବ୍ୟ ପରେ ନବୀନ ପଟ୍ଟନାୟକଙ୍କ ବିଜୁ ଜନତା ଦଳ ଶାସିତ ଓଡ଼ିଶା ପୋଲିସ ଦିଲ୍ଲୀ ଯାଇ ଅଭିଜିତଙ୍କୁ ଗିରଫ କରିଥିଲା । ପରେ ଅଭିଜିତଙ୍କ ନିଃସର୍ତ୍ତ କ୍ଷମା ପ୍ରାର୍ଥନା ଓ ଅଭିଯୋଗ ପ୍ରତ୍ୟାହାର ପରେ ଏହି ଘଟଣାର ସମାପ୍ତି ଘଟିଥିଲା । କିନ୍ତୁ ସେ ଏକମାସରୁ ଊର୍ଦ୍ଧ୍ୱ ସମୟ ବିଚାର ବିଭାଗୀୟ ହାଜତରେ ରହି ଭୁବନେଶ୍ୱରସ୍ଥିତ ଝାରପଡ଼ା ଜେଲରେ ହନ୍ତସନ୍ତ ହୋଇଥିଲେ । ସାମ୍ପ୍ରତିକ ଘଟଣାଗୁଡ଼ିକ ସୂଚିତ କରୁଛି ଯେ ଏହି ଧାରା ଏପର୍ଯ୍ୟନ୍ତ କମି ନାହିଁ । ସାମ୍ପ୍ରଦାୟିକ ମନ୍ତବ୍ୟ ଦେଇ ଭିଡିଓ ପୋଷ୍ଟ କରିବା ଅଭିଯୋଗରେ ସୋସିଆଲ ମିଡିଆ ଇନ୍‌ଫ୍ଲୁଏନ୍ସର ତଥା ଆଇନ ଛାତ୍ରୀ ଶର୍ମିଷ୍ଠା ପାନୋଲିଙ୍କୁ ମମତା ବାନାର୍ଜୀଙ୍କ ତୃଣମୂଳ ଶାସିତ ପଶ୍ଚିମବଙ୍ଗର କଲିକତା ପୋଲିସ ୨୦୨୫ ମେ' ୩୦ରେ ହରିୟାଣାର ଗୁରୁଗ୍ରାମରୁ ଉଠାଇ ଆଣିଥିଲା । ପରବର୍ତ୍ତୀ ସମୟରେ କ୍ଷମାପ୍ରାର୍ଥନା କରିବା ପରେ ତାଙ୍କୁ ମୁକ୍ତ କରାଯାଇଥିଲା । ଏପ୍ରିଲ ୨୦୨୬ରେ ଭାଜପା ନେତା ତଥା ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମାଙ୍କ ସ୍ତ୍ରୀ ରିଙ୍କି ଭୂୟାଁ ।

ଶର୍ମାଙ୍କ ସମ୍ପର୍କରେ କଂଗ୍ରେସ ନେତା ପବନ ଖେରା ଦେଇଥିବା ମନ୍ତବ୍ୟକୁ ନେଇ ଅସ୍ୱାଭାବିକ ସ୍ଥିତି ଉପୁଜିଥିଲା । ଖେରା ଅଭିଯୋଗ କରିଥିଲେ ଯେ, ରିଙ୍କିଙ୍କ ପାଖରେ ଏକାଧିକ ବିଦେଶୀ ପାସ୍‌ପୋର୍ଟ ଓ ବିଦେଶରେ ଅଘୋଷିତ ସମ୍ପତ୍ତି ରହିଛି । ଏହା ପରେ ଆସାମ ପୋଲିସ ଖେରାଙ୍କ ବିରୋଧରେ ଏତଲା ଦାୟର କରିଥିଲା । ସେତେବେଳେ ଖେରା କଂଗ୍ରେସ ଶାସିତ ତେଲଙ୍ଗାନାର ହାଇଦ୍ରାବାଦରେ ଥିବାରୁ ସେଠାରେ ସୁରକ୍ଷିତ ରହିଯାଇଥିଲେ । ତେବେ ଗୁଆହାଟୀ ହାଇକୋର୍ଟ ତାଙ୍କ ଆଗୁଆ ଜାମିନ ଆବେଦନକୁ ଖାରଜ କରିଦେବା ପରେ ଖେରା ସୁପ୍ରିମକୋର୍ଟରୁ ଆଗୁଆ ଜାମିନ ପାଇଥିଲେ । କିନ୍ତୁ ଆସାମ ପୋଲିସ ଦିଲ୍ଲୀରେ ଖେରାଙ୍କ ଘରକୁ ଯାଇ ତାଙ୍କୁ ଖୋଜିଥିଲା । ମେ' ୨୦୨୬ରେ ଦୂରଦର୍ଶନର ଉପସ୍ଥାପକ ଅଶୋକ ଶ୍ରୀବାସ୍ତବ ଲୋକ ସଭା ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କ ବିରୋଧରେ ସରକାରୀ ଟେଲିଭିଜନ କାର୍ଯ୍ୟକ୍ରମରେ ଆପତ୍ତିଜନକ ମନ୍ତବ୍ୟ ଦେବାକୁ ନେଇ ଆଉ ଏକ ଆନ୍ତଃ ରାଜ୍ୟ ପୋଲିସ କାର୍ଯ୍ୟାନୁଷ୍ଠାନ ଦୃଷ୍ଟାନ୍ତ ଦୃଷ୍ଟିଗୋଚର ହୋଇଛି । କଂଗ୍ରେସ ଶାସିତ ରାଜ୍ୟ ତେଲଙ୍ଗାନାର ହାଇଦ୍ରାବାଦରେ ଅଶୋକଙ୍କ ବିରୋଧରେ ପଞ୍ଜୀକୃତ ଏତଲା ଆଧାରରେ ତେଲଙ୍ଗାନା ପୋଲିସ ୩ ମେ' ୨୦୨୬ରେ ଟେଲିଭିଜନ ଉପସ୍ଥାପକଙ୍କ ଭାଜପା ଶାସିତ ଉତ୍ତରପ୍ରଦେଶର ଘାଜିଆବାଦ ଘରେ ପହଞ୍ଚି ନୋଟିସ୍ ଦେଇଥିଲା । ଅବଶ୍ୟ ସେହି ସମୟରେ ଅଶୋକ ଘରେ ନ ଥିଲେ ।

ପୋଲିସ ପଠାଇବା ବ୍ୟତୀତ ଜାତୀୟ ରାଜନୈତିକ ଦଳଗୁଡ଼ିକ ଅତି ସହଜରେ ବିଭିନ୍ନ ରାଜ୍ୟରେ ଏତଲା ଦାୟର କରି ବ୍ୟକ୍ତିବିଶେଷର ବାକ୍ ସ୍ୱାଧୀନତା ଚାପିବା ପାଇଁ ପ୍ରବଳ ଭାବେ ହଇରାଣ କରିଦେଇପାରୁଛନ୍ତି । ଏ ନେଇ କୌଣସି ସ୍ୱଷ୍ଟ ଆଇନ ନ ଥିବାରୁ ଅଦାଲତଗୁଡ଼ିକ ମଧ୍ୟ ବିଭିନ୍ନ ଜାଗାରୁ ସମାନ ଦୋଷ ପାଇଁ ୱାରେଣ୍ଟ ପଠାଇ ଦେଉଛନ୍ତି । ଏହାର ଜ୍ୱଳନ୍ତ ଦୃଷ୍ଟାନ୍ତ ହେଉଛନ୍ତି ୟୁଟ୍ୟୁବର ରଣବୀର ଆହ୍ଲାବାଦିଆ । ଉପରୋକ୍ତ ଦୃଷ୍ଟାନ୍ତକୁ ଦେଖିଲେ ପୋଲିସ ବ୍ୟବସ୍ଥା ରାଜନୈତିକ ଚାପରେ ବଦଳିବାରେ ଲାଗିଛି । ସେହିପରି ଅଧିକାଂଶ ମାମଲାରେ ହାଇକୋର୍ଟଗୁଡ଼ିକ ସାଧାରଣତଃ ରାଜ୍ୟ ସରକାରଙ୍କ ପକ୍ଷରେ ଥିବାର ଦେଖାଯାଏ । ସମ୍ଭବତଃ ସେହି କାରଣରୁ ହାଇକୋର୍ଟ ବିଚାରପତିଙ୍କୁ ସ୍ଥାନୀୟ ଚାପରୁ ରକ୍ଷା କରିବା ଏବଂ ନିରପେକ୍ଷତା ସୁନିଶ୍ଚିତ କରିବା ପାଇଁ ୧୯୭୦ ଦଶକର ଶେଷ ଭାଗରେ ହାଇକୋର୍ଟ ମୁଖ୍ୟ ବିଚାରପତିଙ୍କୁ ନିଜ ରାଜ୍ୟ ବାହାରୁ ନିଯୁକ୍ତି ଦେବାର ନୀତି ଆରମ୍ଭ ହୋଇଥିଲା । ଜରୁରିକାଳୀନ ପରିସ୍ଥିତି ସମୟରେ ବିଚାରପତିଙ୍କ ସାମୂହିକ ସ୍ଥାନାନ୍ତରଣ ପରେ ଆଇନ କମିଶନଙ୍କ ୮୦ତମ ରିପୋର୍ଟ (୧୯୭୯)ରେ ଏହାକୁ ଆନୁଷ୍ଠାନିକ ଭାବେ ସୁପାରିସ କରାଯାଇଥିଲା । ଏହା ସଂଘୀୟ ଢାଞ୍ଚାରେ ପ୍ରାଦେଶିକ ଅତିଶୟୋକ୍ତିକୁ ନିୟନ୍ତ୍ରଣ କରିବାର ଆବଶ୍ୟକତାକୁ ପ୍ରତିଫଳିତ କରୁଥିଲା । ବିଡମ୍ବନାର ବିଷୟ, ଯେଉଁ ସୁରକ୍ଷା ବ୍ୟବସ୍ଥା ନିରପେକ୍ଷତା ଓ ନ୍ୟାୟକୁ ସୁରକ୍ଷିତ କରିବାକୁ ଚେଷ୍ଟା କରିଥିଲା, ଏବେ ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ ସାମ୍ପ୍ରତିକ ପୋଲିସ ବ୍ୟବସ୍ଥା ସେହି ନୀତିଗୁଡ଼ିକୁ ଦୁର୍ବଳ କରିବାର ଆଶଙ୍କା ସୃଷ୍ଟି କରୁଛି । ଭାରତର ଗଣତାନ୍ତ୍ରିକ ସ୍ଥିରତା ବହୁଦିନ ଧରି ଆଇନ ଆଧାରରେ ଭିନ୍ନମତକୁ ସ୍ଥାନ ଦେବାର କ୍ଷମତା ଉପରେ ନିର୍ଭର କରିଆସିଛି । ବାକ୍ ସ୍ୱାଧୀନତାକୁ ଦମନ କରିବା ପାଇଁ ଆନ୍ତଃ-ରାଜ୍ୟ ପୋଲିସ କାର୍ଯ୍ୟାନୁଷ୍ଠାନର ବାରମ୍ବାର ବ୍ୟବହାର ସେହି ଆଧାରକୁ ବିପରୀତ ଦିଗରେ ଘୂରାଇବାର ବିପଦ ସୃଷ୍ଟି କରୁଛି ।

# ଗଣତନ୍ତ୍ରରେ ରାଜତନ୍ତ୍ରର ସ୍ୱର


ପଂଚାନନ କାନୁନ୍‌ଗୋ

ସଂପ୍ରତି ଭାରତର ୫ଟି ମୁଖ୍ୟ ରାଜ୍ୟ ପାଇଁ ନିର୍ବାଚନ ଶେଷ ହେଲା । ନିର୍ବାଚନ ଚାଲିଥିବା ସମୟରେ ହଠାତ୍ କେନ୍ଦ୍ରରେ ଶାସନ କରୁଥିବା ଭାରତୀୟ ଜନତା ପାର୍ଟିର ନେତା ଅମିତ ଶାହ ଏକ ସଭାରେ ଉଚ୍ଚ ସ୍ୱରରେ ଘୋଷଣା କଲେ ଆମେ ପୂର୍ବ ଭାରତର ଅଙ୍ଗ ଓ କଳିଙ୍ଗ ଦଖଲ କରିସାରିଛୁ । ଏବେ ବଙ୍ଗ ଦଖଲ କରିବୁ । ପୂର୍ବ ଭାରତରେ ଥିବା ରାଜ୍ୟମାନଙ୍କ ଭିତରେ ଆସାମର ଐତିହାସିକ ପରିଚୟ ହେଉଛି, ଏହା ଏକଦା ଅଙ୍ଗ ରାଜ୍ୟ ଥିଲା । ଓଡ଼ିଶାର ଐତିହାସିକ ପରିଚୟ ଏହି ରାଜ୍ୟ କଳିଙ୍ଗ ଥିଲା । ସେହିପରି ବର୍ତ୍ତମାନ ଯାହାକୁ ଭାରତର ନକ୍ସା ବଙ୍ଗଳାର ପରିଚୟ ଦେଇଛି ସେହି ଭୂଖଣ୍ଡର ପୁରୁଣା ପରିଚୟ ହେଉଛି ବଙ୍ଗ । ଗତ କିଛି ବର୍ଷ ଧରି ଭାରତବର୍ଷର କେନ୍ଦ୍ର ଶାସନ ଭାରତୀୟ ଜନତା ପାର୍ଟି ହାତକୁ ଯାଇଛି ଓ ଅନେକ ରାଜ୍ୟ ଭାରତୀୟ ଜନତା ପାର୍ଟିର ଶାସନାଧୀନ ଥିଲା । ମାତ୍ର ପଶ୍ଚିମବଙ୍ଗରେ ଭାରତୀୟ ଜନତା ପାର୍ଟି ତାର କ୍ଷମତା ପାଦ ଥାପି ପାରିନଥିଲା । ଏହି ରାଜ୍ୟରେ ଦୀର୍ଘ ଦିନଧରି ସାମ୍ୟବାଦୀମାନଙ୍କର ମିଳିତ ମଞ୍ଚ ଶାସନ କରୁଥିଲା । ଏହି ମଞ୍ଚର ମୁଖ୍ୟ ଥିଲେ ମାର୍କ୍ସବାସୀ ଓ ଅନ୍ୟାନ୍ୟ ବାମପନ୍ଥୀ ଦଳ । ଏହାର ନେତା ମାନନୀୟ ଜ୍ୟୋତି ବସୁ ଦୀର୍ଘ ଦିନଧରି ରାଜ୍ୟରେ ଥିବା ସମସ୍ତ ଛୋଟ ବଡ଼ ସାମ୍ୟବାଦୀ ଦଳମାନଙ୍କୁ ଏକତ୍ରିତ କରି ରାଜ୍ୟର ମୁଖ୍ୟମନ୍ତ୍ରୀ ଭାବେ ଶାସନ, ସଂସଦୀୟ ଗଣତାନ୍ତ୍ରିକ ବ୍ୟବସ୍ଥା ଅନୁସାରେ ରଖିଥିଲେ । ସେହି ଦଳ ମାର୍କ୍ସବାଦୀ କମ୍ୟୁନିଷ୍ଟ ପାର୍ଟି ଅଧିକ ସଂଖ୍ୟକ ପ୍ରତିନିଧି ନିଜ ସପକ୍ଷରେ ଆଣି ଗଠବନ୍ଧନର ନେତୃତ୍ୱ ନେଇଥିଲା । ଏଥିସହିତ ଅନ୍ୟ ଯେଉଁସବୁ ଦଳ ଏକତ୍ରିତ ହୋଇଥିଲେ ସମସ୍ତେ ପ୍ରାୟତଃ ସମଭାବସମ୍ପନ୍ନ । ପଶ୍ଚିମବଙ୍ଗରେ ଏହି ଗଠବନ୍ଧନ ଦଳ ଦେଶରେ କ୍ଷମତାସୀନ କଂଗ୍ରେସ ପାର୍ଟିକୁ ବାରମ୍ବାର ପରାଜିତ କରି ପଶ୍ଚିମବଙ୍ଗରେ କ୍ଷମତା ହାତେଇଥିଲା ଏବଂ କଂଗ୍ରେସ ଦଳରେ ଗତ ଶତାବ୍ଦୀର ଶେଷ ଭାଗରେ ଏକ ବିରାଟ ବିଭାଜନ ହେଲା । ସେହି ବିଭାଜନ ସମୟରେ ୧୯୯୮ରେ ଜଣେ ଯୁବ ନେତୃତ୍ୱର ଅଭ୍ୟୁଦୟ ଘଟିଲା । ସେହି ଯୁବ କଂଗ୍ରେସର ନେତ୍ରୀ ମମତା ବାନାର୍ଜୀ ଥିଲେ । ସେ ଭାରତୀୟ ଜାତୀୟ କଂଗ୍ରେସ ଠାରୁ ଅଲଗା ହୋଇ ୧୯୯୮ ମସିହା ଜାନୁୟାରୀ ୧ ତାରିଖରେ ତୃଣମୂଳ କଂଗ୍ରେସ ଗଠନ କଲେ । ଯେଉଁ ରାଜ୍ୟରେ କଂଗ୍ରେସର ମୂଳଭିତ୍ତି ପଡ଼ିଥିଲା ଓ କାଳକ୍ରମେ ସୁଦୃଢ଼ ହୋଇଥିଲା ଏବଂ ଜାତୀୟ ସଂଗ୍ରାମର ମୁଖ୍ୟ ନାୟକମାନେ ଜନ୍ମ ନେଇଥିଲେ, ସେହି ରାଜ୍ୟରେ ତୃଣମୂଳ କଂଗ୍ରେସ ଜନ୍ମଦେଲା । ଔପନିବେଶୀୟ ବ୍ରିଟିଶ ଶାସନ ବିରୋଧରେ ବଙ୍ଗଳା ହିଁ ସଂଗ୍ରାମର ମୁଖ୍ୟ ନେତୃତ୍ୱ ନେଇଥିଲା । ସେହି ପଶ୍ଚିମବଙ୍ଗରେ ପୁରୁଖା ନେତା ସିଦ୍ଧାର୍ଥ ଶଙ୍କର ରାୟ, ଅତୁଲ୍ୟ ବୋଷ, ପ୍ରଣବ ମୁଖାର୍ଜୀ ପ୍ରମୁଖଙ୍କୁ ମୁଖ୍ୟ ଜନସ୍ରୋତରୁ ପଛକୁ ଠେଲି ଜଣେ ଅତ୍ୟନ୍ତ ପରିଶ୍ରମୀ, ଚତୁର, ନିରଳସ କଂଗ୍ରେସର ତୃଣମୂଳ ଯୁବନେତ୍ରୀ ମମତା ବାନାର୍ଜୀ ତଳସ୍ତରର (ତୃଣମୂଳ) ସମସ୍ତ କଂଗ୍ରେସ କର୍ମୀମାନଙ୍କୁ ଏକତ୍ରିତ କରି କଂଗ୍ରେସର ଉଚ୍ଚ ନେତୃବର୍ଗଙ୍କ ବିରୋଧରେ ସ୍ୱର ଉତ୍ତୋଳନ କଲେ । ଅବଶ୍ୟ ୧୯୬୭ ମସିହାରେ ପଶ୍ଚିମବଙ୍ଗରେ କଂଗ୍ରେସରୁ ବିଭାଜନ ହୋଇ "ବଙ୍ଗଳା କଂଗ୍ରେସ" ଗଠିତ ହୋଇଥିଲା । ତେବେ ତାହା ଉଚ୍ଚସ୍ତରର ଥିବା ନେତୃତ୍ୱ କନ୍ଦଳରୁ ଦୁଇ ଗୋଷ୍ଠୀ ମଧ୍ୟରେ ମୁଖ୍ୟତଃ ଲଢ଼େଇ ଥିଲା । ମାତ୍ର ମମତା ବାନାର୍ଜୀ ଉଚ୍ଚସ୍ତରରେ ଥିବା ନେତା ଓ ତଳସ୍ତରରେ ଥିବା କର୍ମୀମାନଙ୍କ ଭିତରେ ସଂଘର୍ଷର ସୂତ୍ରପାତ କଲେ ଓ ପ୍ରାୟତଃ ସମସ୍ତ ତଳସ୍ତରର କଂଗ୍ରେସର କର୍ମୀମାନଙ୍କୁ ଏହି ଦଳରେ ଏକତ୍ରିତ କରି ଅନେକ ସ୍ଥାନରେ ପ୍ରତିନିଧିତ୍ୱ ହାସଲ କରିବାରେ ସଫଳ ହେଲେ । ତୃଣମୂଳ କଂଗ୍ରେସ ରାଜ୍ୟରେ ସମସ୍ତ କଂଗ୍ରେସର କର୍ମୀମାନଙ୍କୁ ସଫଳତାର ସହିତ ଏକତ୍ରିତ କରି ଆଗକୁ ଯାତ୍ରା କଲାବେଳେ ଦେଶର ଅନେକ ନେତୃବୃନ୍ଦଙ୍କ ଦୃଷ୍ଟି ଆକର୍ଷଣ କରିପାରିଥିଲେ ଏବଂ ଦେଶରେ ଥିବା ସେହି ନେତାମାନେ କେନ୍ଦ୍ରରେ ହେଉ ଅବା ରାଜ୍ୟରେ ହେଉ ସରକାର ଗଠନ ପାଇଁ ମମତାଙ୍କର ସାହାଯ୍ୟ ଲୋଡ଼ିଥିଲେ । କେନ୍ଦ୍ରୀୟ ନେତାମାନଙ୍କ ଭିତରେ ବିଶେଷତଃ ଭାରତୀୟ ଜନତା ପାର୍ଟିର ନେତା ଅଟଳ ବିହାରୀ ବାଜପେୟୀ ମମତାଙ୍କୁ ନିଜ ମନ୍ତ୍ରୀମଣ୍ଡଳରେ ସାମିଲ କରି ରେଳବାଇ ପରି ଏକ ଗୁରୁତ୍ୱପୂର୍ଣ୍ଣ ବିଭାଗର ମନ୍ତ୍ରୀ ଦାୟିତ୍ୱ ଦେଇଥିଲେ । ମମତା ବାନାର୍ଜୀ ଏନ୍ ?ଡିଏ ସରକାରରେ ସାମିଲ ହୋଇ କେନ୍ଦ୍ର ସ୍ତରରେ ଏକ ଚର୍ଚ୍ଚିତ ନେତା ଭାବେ ପରିଚୟ ସୃଷ୍ଟି କରିଥିଲେ । କିନ୍ତୁ ସେ ହଠାତ୍ ? ଏନ୍ ?ଡିଏ ଛାଡ଼ି ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବା ପାଇଁ ଚେଷ୍ଟା କରିଥିଲେ । ଦୀର୍ଘ ଦିନଧରି ପଶ୍ଚିମବଙ୍ଗରେ ଶାସନ କରୁଥିବା କମ୍ୟୁନିଷ୍ଟ ପାର୍ଟିର ଶାସନରେ କଳଙ୍କି ଲାଗି ଯାଇଥିଲା ଓ ଏହି ଶାସନ ପ୍ରତି ଲୋକଙ୍କର ଶ୍ରଦ୍ଧା ତଥା ସମର୍ଥନ କମି ଯାଇଥିଲା । ତାହାର ସୁଯୋଗ ନେଇ ମମତା ବାନାର୍ଜୀ ନିଜ ରାଜ୍ୟ ବଙ୍ଗଳାରେ ତୃଣମୂଳ କଂଗ୍ରେସକୁ ଏକ ଶାଣିତ ରାଜ୍ୟର ଦଳ ଭାବେ ଛିଡ଼ା କରାଇବାର ଉଦ୍ୟମ ଆରମ୍ଭ କଲେ । ଅବଶ୍ୟ ଏଥିପାଇଁ ତାଙ୍କୁ ଅନେକ କଠିନ ପରିଶ୍ରମ କରିବାକୁ ପଡ଼ିଛି । ଅବଶେଷରେ ସେ ସଫଳ ହୋଇପାରିଥିଲେ, କ୍ରମେ କ୍ରମେ କଂଗ୍ରେସର ସମସ୍ତ ଶକ୍ତିକୁ ନିଜ ପାଖରେ ଠୁଳ କରିବା ସହିତ କମ୍ୟୁନିଷ୍ଟ ପାର୍ଟିର ପରାଜୟ ଘଟାଇ ସେ ଦେଶସ୍ତରୀୟ ଜଣେ ପ୍ରମୁଖ ନେତ୍ରୀ ଭାବେ ପରିଚୟ ସୃଷ୍ଟି କଲେ । ଯଦିଓ ପରବର୍ତ୍ତୀକାଳରେ ସେ ତାଙ୍କର ଦଳକୁ ଏକ ସର୍ବଭାରତୀୟ ଦଳ ଭାବେ ଦେଖାଇବା ନିମନ୍ତେ ଆଇନ୍ ଗତ ଭାବେ ସର୍ବଭାରତୀୟ ଦଳର ନାମକରଣ କଲେ । ଯେଉଁଥିରେ କେବଳ ପଶ୍ଚିମବଙ୍ଗ ନୁହେଁ ଆଖପାଖ ବଙ୍ଗଭାଷୀ ରାଜ୍ୟ ତ୍ରିପୁରାରେ ସେ ତାଙ୍କ ଦଳକୁ ସୁଦୃଢ଼ କରାଇପାରିଥିଲେ ଓ ଆସାମରେ ଦଳର ଉପସ୍ଥିତି ମଧ୍ୟ ଲୋକଲୋଚନକୁ ଆଣିଥିଲେ । ଏପରିକି ଏକ ସମୟରେ ଓଡ଼ିଶାରେ ଏକ ନିର୍ବାଚନ ମଣ୍ଡଳୀ ପାଟକୁରାରେ ତୃଣମୂଳ କଂଗ୍ରେସର ଜଣେ ପ୍ରାର୍ଥୀ ଶ୍ରୀ ତ୍ରିଲୋଚନ ବେହେରା ନିର୍ବାଚିତ ହୋଇଥିଲେ । ମୋଟାମୋଟି ଭାବେ ଦଳଟି ଯଦିଓ ବଙ୍ଗଭାଷୀ ବଙ୍ଗାଳୀମାନଙ୍କର ପରିଚୟ ନେଇ ଏକ ଆଞ୍ଚଳିକ ଦଳ ବା ଏକ ରାଜ୍ୟ ଦଳ ଭାବେ ଛିଡ଼ା ହୋଇଥିଲା, ସର୍ବଭାରତୀୟତାର ପରିଚୟ ପାଇଁ ଦଳଟିର ନାମ ସର୍ବଭାରତୀୟ ତୃଣମୂଳ କଂଗ୍ରେସ (ଇଓଞ୍ଚଗଉ) ରଖାଗଲା । ଏହାର ନିର୍ବାଚନ ସଂକେତ ଦୁଇଟି କଅଁଳ ପତ୍ର ସହ ଫୁଲ ଅର୍ଥାତ୍ ତୃଣମୂଳ ବା ମାଟି ଉପରେ ପଡ଼ିରହି ପରିଚୟ ସୃଷ୍ଟି କରିଥିବା କ୍ଷୁଦ୍ରାତିକ୍ଷୁଦ୍ର ଘାସଫୁଲ ପରି ଏହି ଦଳଟି ନିଜର ପରିଚୟ ବିସ୍ତାରିତ କରିବା ଆରମ୍ଭ କରିଦେଇଥିଲା । ପଶ୍ଚିମବଙ୍ଗରେ ଦୀର୍ଘ ୩୦ ବର୍ଷରୁ ଊର୍ଦ୍ଧ୍ୱ ରାଜନୈତିକ କ୍ଷମତାରେ ଥିବା ସାମ୍ୟବାଦୀ ସଂଗଠନଗୁଡ଼ିକୁ ପୁରାପୁରି ନିଶ୍ଚିହ୍ନ କରିଦେଇ ମମତା ବାନାର୍ଜୀ ୨୦୧୧, ୨୦୧୬, ୨୦୨୧ ତିନିଗୋଟି ନିର୍ବାଚନରେ ବହୁସଂଖ୍ୟାରେ ବିଧାନସଭାର ପ୍ରତିନିଧିତ୍ୱ ହାସଲ କରି ତିନି ତିନି ଥର ରାଜ୍ୟର ମୁଖ୍ୟମନ୍ତ୍ରୀ ହେଲେ । ଏହି ମୁଖ୍ୟମନ୍ତ୍ରୀତ୍ୱ କାଳରେ ସେ ବଙ୍ଗାଳୀମାନଙ୍କ ଅସ୍ମିତାର ପରିଚୟ ସୃଷ୍ଟି କରି ଭାରତରେ ଏକ ଅପ୍ରତିଦ୍ୱନ୍ଦୀ ନେତା ଭାବେ ପରିଗଣିତ ହେଲେ । ଏପରିକି କିଛି କିଛି ସମୟରେ ମମତା ବାନାର୍ଜୀଙ୍କୁ ନେଇ ଭାରତୀୟ ରାଜନୈତିକ ଦୃଶ୍ୟପଟ୍ଟର ଚର୍ଚ୍ଚା ମଧ୍ୟ କରାଯାଉଥିଲା । ତାଙ୍କର କଠିନ ପରିଶ୍ରମ ଓ ନିଷ୍ଠା ଫଳରେ ସେ ତୃଣମୂଳ ସ୍ତରରୁ ଉପରକୁ ଉଠି ପାରିଥିଲେ । ଏହା କହିବା ନିଷ୍ପ୍ରୟୋଜନ । ଜଣେ ସାଧାରଣ ପରିବାରର ପରିଚୟ ମଧ୍ୟ ସମସ୍ତଙ୍କ ସାମ୍ନାରେ ରଖିପାରିଥିଲେ । ଅବିବାହିତା ଥିଲେ । ନନ୍ଦିଗ୍ରାମ ଆନ୍ଦୋଳନରେ ପ୍ରମୁଖ ଭୂମିକା ନେଇ ଟାଟାକୁ ମାଟିରୁ ହଟାଇଥିଲେ ଓ ମାଟିର ମଣିଷମାନଙ୍କୁ ତାଙ୍କ ଜମି ହସ୍ତାନ୍ତର କରି ସୁରକ୍ଷା ଦେଇଥିଲେ । ଏହା ତାଙ୍କର ସଂଗ୍ରାମୀ ଜୀବନର କେବଳ ପରିଚୟ ନଥିଲା, ଯେତେବେଳେ ପଶ୍ଚିମବଙ୍ଗରେ ନକ୍ସଲପନ୍ଥୀମାନଙ୍କ ପ୍ରଭାବରେ କଂଗ୍ରେସ ଓ କମ୍ୟୁନିଷ୍ଟ ପାର୍ଟିର ନେତୃବର୍ଗ ଥରହର ହେଉଥିଲେ, ସେହି ସମୟରେ ମମତା ବାନାର୍ଜୀ ସାମ୍ନା ସଂଗ୍ରାମରେ ଅବତୀର୍ଣ୍ଣ ହୋଇଥିଲେ । ତାଙ୍କର ଏହି ଲଢୁଆ ଓ ସଂଗ୍ରାମୀ ପରିଚୟ ପାଇଁ ଜନସାଧାରଣ ବିଶେଷତଃ ଯୁବକମାନଙ୍କ ଭିତରେ ଅନେକ ପ୍ରଶଂସା ଓ ସମର୍ଥନ ଲାଭ କରିଥିଲେ । ରାଜ୍ୟରେ କ୍ଷମତା ହାସଲ କରିବାର ସୁଯୋଗ ଲାଭ କଲାପରେ ସେ ଏକାକୀ ହିଁ ସମସ୍ତ ସଫଳତାର କାରଣ ଓ କର୍ତ୍ତା ଭାବେ ଚର୍ଚ୍ଚାକୁ ଆସିଥିଲେ । ରବର୍ତ୍ତୀକାଳରେ ୨୦୧୪ ନିର୍ବାଚନରେ ଭାରତୀୟ ଜନତା ପାର୍ଟି କେନ୍ଦ୍ରରେ ଶାସନ କ୍ଷମତା ହାସଲ କରିବା ସମୟରେ ଏହା ବିରୋଧରେ ଲଢ଼େଇ କରୁଥିବା ସମସ୍ତ ଶକ୍ତିମାନଙ୍କ ଭିତରେ ମମତା ମନ୍ତ୍ରୀ ଭାବେ ଅବତୀର୍ଣ୍ଣ ହୋଇଥିଲେ । ଦିଲ୍ଲୀର ପ୍ରମୁଖ ଶାସକ ଦଳ ଭାରତୀୟ ଜନତା ପାର୍ଟିର ଦୁଇ ନେତା ନରେନ୍ଦ୍ର ସିଂ ମୋଦୀ ଓ ଅମିତ ଶାହା ମମତା ବାନାର୍ଜୀଙ୍କୁ ଦୁର୍ବଳ କରିବା ନିମନ୍ତେ ଅତୀତରେ ଅନେକ ଚେଷ୍ଟା କରି ମଧ୍ୟ ସଫଳ ହୋଇପାରିନଥିଲେ । ତାଙ୍କର ସହଯୋଗୀମାନଙ୍କୁ ବିଭିନ୍ନ ଦୁର୍ନୀତିମୂଳକ ଅଭିଯୋଗରେ ଅଭିଯୁକ୍ତ କରାଇ କେବଳ କାରାରୁଦ୍ଧ କଲେନାହିଁ, ପରନ୍ତୁ ରାଜ୍ୟ ବାହାର ଓଡ଼ିଶା ଜେଲ୍‌ରେ ରଖି ନା ନା ପ୍ରକାର ହଇରାଣ କରିବା ଦେଖାଯାଇଥିଲା । ଦଳର ଅନେକ ସୁସଂଗଠକ ଓ ନେତା ତୃଣମୂଳ କଂଗ୍ରେସ ଛାଡ଼ି ବିଜେପିରେ ଯୋଗ ଦେଲାପରେ ଅତ୍ୟନ୍ତ ସଫାସୁତୁରା, ନିର୍ମଳ ଭାବମୂର୍ତ୍ତିରେ ପରିଣତ ହେଲେ । ତଥାପି ମମତା ନିଜର ସାମର୍ଥ୍ୟ ଓ ଦୃଢ଼ ମନୋବଳ ହରାଇ ନଥିଲେ । ୨୦୨୧ ନିର୍ବାଚନରେ ତାଙ୍କର କିଛି ସହଯୋଗୀଙ୍କୁ ତାଙ୍କଠାରୁ ଛଡ଼ାଇ ନେଇ ଭାରତୀୟ ଜନତା ପାର୍ଟି ମମତାଙ୍କ ବିରୋଧରେ ଛିଡ଼ା କରାଇଥିଲା । ସେହିପରି ବ୍ୟକ୍ତିମାନଙ୍କ ଭିତରେ ଶ୍ରୀ ଶୁଭେନ୍ଦୁ ଅଧିକାରୀ ମମତାଙ୍କ ବିରୋଧରେ ନନ୍ଦିଗ୍ରାମରେ ଛିଡ଼ା ହୋଇ ପରାଜିତ ହୋଇଥିଲେ । କିନ୍ତୁ ଏବେ ୨୦୨୬ ନିର୍ବାଚନରେ ସେ ପୁନଶ୍ଚ ମମତା ବାନାର୍ଜୀଙ୍କ ବିରୋଧରେ ଛିଡ଼ାହୋଇ ସଫଳତା ହାସଲ କରିଛନ୍ତି । ପଶ୍ଚିମବଙ୍ଗରେ କେବଳ ଭାରତୀୟ ଜନତା ପାର୍ଟି ଓ ତାହାର ନେତା ମମତାଙ୍କୁ କ୍ଷମତାଚ୍ୟୁତ କରିବା ପାଇଁ ଉଦ୍ୟମ କରୁଥିଲେ ତା' ନୁହେଁ । ଦେଶର ସମସ୍ତ ଜଣାଶୁଣା ସାମ୍ୟବାଦୀ ନେତାମାନେ ମଧ୍ୟ ନିଜ ନିଜର ରାଗ ସୁଝାଇବା ଉଦ୍ଦେଶ୍ୟରେ ମମତାଙ୍କ ବିରୋଧରେ ଥିଲେ । ଅଧିକନ୍ତୁ, କଂଗ୍ରେସ ଦଳ ମଧ୍ୟ ଦଳତ୍ୟାଗୀ ମମତା କଂଗ୍ରେସକୁ ପଶ୍ଚିମବଙ୍ଗରେ ଅତ୍ୟନ୍ତ ଦୁର୍ବଳ ସ୍ତରକୁ ନେଇଯାଇଥିବା ହେତୁ ରାଗରେ ରକ୍ତଚାଉଳ ଚୋବାଉଥିଲେ । ସମସ୍ତ ବିରୋଧ ସତ୍ତ୍ୱେ ମମତା ଏକାକୀ ଲଢୁଥିଲେ ଓ ସଫଳତା ମଧ୍ୟ ସାଉଁଟୁଥିଲେ । ଏବେ ଅତି ନିକଟରେ ଯାଇଥିବା ନିର୍ବାଚନରେ ପଶ୍ଚିମବଙ୍ଗରେ କେହି ଆଶା କରୁନଥିବା ସ୍ଥିତିଟିଏ ଉପୁଜିଲା । ସମଗ୍ର ଭାରତରେ ଅତୀତରେ ହୋଇଥିବା ନିର୍ବାଚନକୁ ପଛରେ ପକାଇ ପଶ୍ଚିମବଙ୍ଗରେ ହୋଇଥିବା ଦୁଇପର୍ଯ୍ୟାୟ ନିର୍ବାଚନରେ ସର୍ବାଧିକ ମତଦାନ (୯୨% ରୁ ଊର୍ଦ୍ଧ୍ୱ) ହେବାର ଦେଖାଯାଇଥିଲା । ଏହା ପୂର୍ବରୁ ମମତାଙ୍କ ବିରୋଧରେ ଅନେକ କୋର୍ଟ ମାମଲା ଓ ସାଧାରଣରେ କୁତ୍ସା ରଟନା କରାଯାଇଥିଲା । ଏକ ଡାକ୍ତରୀ ଛାତ୍ରୀର ଧର୍ଷଣ ଓ ହତ୍ୟାର ଅଭିଯୋଗ ଅଣାଯାଇ ସିବିଆଇ ଦ୍ୱାରା ଅନୁସନ୍ଧାନ ମଧ୍ୟ କରାଯାଇଥିଲା । ବିରୋଧୀ ପକ୍ଷ ନା କୋର୍ଟରେ ନା ଜନସାଧାରଣଙ୍କ ଭିତରେ ମମତାଙ୍କୁ ଅପରାଧୀ ତାଲିକାକୁ ନେବାରେ ସଫଳ ହୋଇପାରିଥିଲେ । ନିର୍ବାଚନରେ ରାଜ୍ୟରେ ଚାରିପାଖରେ ଥିବା ସମସ୍ତ ଶକ୍ତିମାନଙ୍କୁ ରାଜ୍ୟ ଭିତରକୁ ବିଭିନ୍ନ ଦିଗରୁ ନୁଆଁଇ ଦେଇଥିଲେ । ଗୋଟିଏ ପକ୍ଷରେ ଥିବା ବିହାର ଯାହାର ଅତୀତ ନାମ ମଗଧ ଥିଲା ତାର ମୁଖ୍ୟମନ୍ତ୍ରୀ ଓ ଭାରତୀୟ ଜନତା ପାଟିର ନେତାମାନେ ସମର୍ଥକମାନଙ୍କ ସହିତ ନିର୍ବାଚନ ସମୟରେ ପଶ୍ଚିମବଙ୍ଗରେ ବିଛାଡ଼ି ହୋଇଯାଇଥିଲେ । ସେହିପରି ଅନ୍ୟ ଏକ ପଡୋଶୀ ରାଜ୍ୟ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଓ ତାଙ୍କର ସହଯୋଗୀମାନେ ବଙ୍ଗଳା ଭିତରକୁ ପଶିଆସି କ୍ଷମତାର ପ୍ରଭାବ ବିସ୍ତାର କରିବାର ଉଦ୍ୟମ ଆରମ୍ଭ କରିଥିଲେ । ଅନ୍ୟପକ୍ଷରେ ଆସାମର ମୁଖ୍ୟମନ୍ତ୍ରୀ ତାଙ୍କର ସମର୍ଥକ ଓ ସାମର୍ଥ୍ୟ ସହିତ ମମତାଙ୍କ ଉପରେ ଆକ୍ରମଣାତ୍ମକ ଭୂମିକା ଗ୍ରହଣ କରିଥିଲେ । ସେତିକିରେ ଭାରତୀୟ ଜନତା ପାର୍ଟି ଓ ତାର ନେତୃବର୍ଗ ରଣକୌଶଳ ସୀମିତ କରିନଥିଲା । ଉତ୍ତରପ୍ରଦେଶର ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ମଧ୍ୟ ମମତାଙ୍କ ବିରୋଧରେ ଅନେକ ସଭା ସମିତିରେ ଅଭିଯୋଗର ଫର୍ଦ୍ଦ ଯୋଡିଥିଲେ । କଂଗ୍ରେସର ନେତା ନିଜ ଦଳର ସେପରି କିଛି ସଫଳତା ମିଳିବ ବୋଲି ଆଶା କରିନଥିଲେ ମଧ୍ୟ ମମତାଙ୍କ ବିରୋଧରେ ବିଷୋଦଗାର କରିଥିଲେ । ଅବଶ୍ୟ ଭାରତୀୟ ଜନତା ପାର୍ଟି କଂଗ୍ରେସ ମୁକ୍ତ ଭାରତର ସ୍ଲୋଗାନ ଦେଇ ଏପର୍ଯ୍ୟନ୍ତ ତାହା କାର୍ଯ୍ୟକାରୀ କରିବାରେ ସକ୍ଷମ ହୋଇପାରିନାହିଁ । ମହାଭାରତର ପାଣ୍ଡବମାନେ କୋଉଠି ନା କୋଉଠି ରହିଯାଇଥିବାର ସୁଯୋଗ ନେଇ ମାୟାଜାଲ ବିଛାଇବା ଓ ନିର୍ବାଚନ କମିଶନର ଛାୟା ଆଢୁଆଳରେ ରହି ନିର୍ବାଚନ ଫଳ ଘୋଷଣା ପରେ "ଆମ୍ଭେ ୨୨ ରାଜ୍ୟ ଅଧିକାର କଲୁ । ବଙ୍ଗ, କଳିଙ୍ଗ ସହିତ ବଙ୍ଗ ଜୟ କଲୁ ।" କୁହାଟ ଶୁଭିଲା, ଯୋଦ୍ଧା ଅଭିମନ୍ୟୁଙ୍କୁ ଅନ୍ୟାୟ ଯୁଦ୍ଧରେ ହତ୍ୟା କରି ବର୍ତ୍ତମାନ ସମଗ୍ର ଦେଶରେ ଉତ୍ସବ ମନାଇ ଚାଲିଛନ୍ତି । ନିର୍ବାଚନ ବ୍ୟବସ୍ଥାରେ ଥିବା ଦୋଷତ୍ରୁଟି ରହିଛି, ସେସବୁର ତୁରନ୍ତ ସମାଧାନ ହେବା ସହିତ ଦେଶରେ ଏକ ପୂର୍ଣ୍ଣ ଓ ସୁସ୍ଥ ଗଣତାନ୍ତ୍ରିକ ବ୍ୟବସ୍ଥା ସାବ୍ୟସ୍ତ ହେବ । ରାଜ୍ୟର ଗଣତାନ୍ତ୍ରିକ ବ୍ୟବସ୍ଥାରେ ଲୁଚି ରହିଥିବା ସାମନ୍ତବାଦର ସ୍ୱର ଅବଶ୍ୟ ଲୋପପାଇବ ଓ ସାମନ୍ତବାଦୀ ଚିନ୍ତା ଓ ଚେତନାର ବିଲୟ ଘଟିବ ।

**ପୂର୍ବତନ ମନ୍ତ୍ରୀ, ଓଡ଼ିଶା**
**ଭୁବନେଶ୍ୱର**

# ହୀରାକୁଦ ପରି ଦ୍ୱିତୀୟ ବୃହତ ଜଳଭଣ୍ଡାର ନିର୍ମାଣ ହେଉ


ଶାନ୍ତନୁ ଶତପଥୀ



ହୀରାକୁଦ ଜଳଭଣ୍ଡାର କେବଳ ଏକ ପଥର ଓ ମାଟିର ବନ୍ଧ ନୁହେଁ, ଏହା ଓଡ଼ିଶାର ଗର୍ବ ଏବଂ ଅତୀତର ଅନେକ ସଂଘର୍ଷର କାହାଣୀ । ୧୯୫୭ ମସିହାରେ ନିର୍ମିତ ଏହି ବିଶ୍ୱର ଦୀର୍ଘତମ ମାଟି ବନ୍ଧ ଆଜି ଅନେକ ଗମ୍ଭୀର ସମସ୍ୟାର ସମ୍ମୁଖୀନ । ଏହାର ଇତିହାସ ଏବଂ ସାମ୍ପ୍ରତିକ ସମସ୍ୟା ସମ୍ପର୍କରେ ଜାଣିଲେ ଆପଣ ଆଶ୍ଚର୍ଯ୍ୟ ହେବେ । ୧୯୩୭ ମସିହାରେ ମହାନଦୀରେ ଆସିଥିବା ଭୟଙ୍କର ବନ୍ୟା ପରେ ବିଶ୍ୱେଶ୍ୱରୟାଙ୍କ ପରାମର୍ଶ କ୍ରମେ ଏହି ବନ୍ଧର ପରିକଳ୍ପନା କରାଯାଇଥିଲା । ୧୯୪୮ରେ ଜବାହରଲାଲ ନେହେରୁ ଏହାର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ । କିନ୍ତୁ ଏହି 'ଆଧୁନିକ ଭାରତର ମନ୍ଦିର' ନିର୍ମାଣ ପଛରେ ଥିଲା ହଜାର ହଜାର ଲୋକଙ୍କ ବଳିଦାନ । ପ୍ରାୟ ୨୮୫ଟି ଗାଁ ବୁଡ଼ି ଯାଇଥିଲା ଏବଂ ୧.୫ ଲକ୍ଷରୁ ଅଧିକ ଲୋକ ନିଜର ଭିଟାମାଟି ହରାଇଥିଲେ, ଯାହାର ପୁନର୍ବାସ ସମସ୍ୟା ଆଜି ବି ସମ୍ପୂର୍ଣ୍ଣ ସମାଧାନ ହୋଇନାହିଁ ।

ଏବେ ବି ହୀରାକୁଦର ଅନେକ ମୁଖ୍ୟ ସମସ୍ୟା ରହିଛି । ପଟୁ ମାଟି ଜମା ହେବା ଦ୍ୱାରା ଏହା ବର୍ତ୍ତମାନ ହୀରାକୁଦର ସବୁଠାରୁ ବଡ଼ ଶତ୍ରୁ । ବନ୍ଧ ନିର୍ମାଣ ବେଳେ ଯେଉଁ ପରିମାଣର ଜଳଧାରଣ କ୍ଷମତା ଥିଲା, ପଟୁ ମାଟି ଜମା ହେବା ଫଳରେ ତାହା ପ୍ରାୟ ୩୦% ରୁ ୩୫% କମିଗଲାଣି । ନଦୀର ଉପର ମୁଣ୍ଡରେ ଜଙ୍ଗଲ କ୍ଷୟ ଯୋଗୁଁ ପ୍ରତିବର୍ଷ ବିପୁଳ ପରିମାଣର ବାଲି ଓ ମାଟି ଜଳଭଣ୍ଡାରରେ ଜମା ହେଉଛି, ଯାହା ବନ୍ଧର ଆୟୁଷ କମାଉଛି । ଛତିଶଗଡ଼ ସରକାର ମହାନଦୀର ଉପର ମୁଣ୍ଡରେ ଅନେକ ବ୍ୟାରେଜ୍ ଓ ବନ୍ଧ ନିର୍ମାଣ କରିଥିବାରୁ ଅଣ-ମୌସୁମୀ ସମୟରେ (ଖରାଦିନେ) ହୀରାକୁଦକୁ ପର୍ଯ୍ୟାପ୍ତ ଜଳ ଆସୁନାହିଁ । ଏହାଫଳରେ ଜଳବିଦ୍ୟୁତ ଉତ୍ପାଦନ ଏବଂ ଚାଷକାର୍ଯ୍ୟ ବାଧାପ୍ରାପ୍ତ ହେଉଛି । ବନ୍ୟା ନିୟନ୍ତ୍ରଣରେ ଅସୁବିଧା ହେଲାଣି । ଜଳଧାରଣ କ୍ଷମତା କମିଥିବାରୁ ଅଳ୍ପ ବର୍ଷାରେ ଜଳଭଣ୍ଡାର ପୂର୍ଣ୍ଣ ହୋଇଯାଉଛି । ଫଳରେ ବନ୍ୟା ସମୟରେ ଏକାସାଙ୍ଗରେ ଅନେକ ଗେଟ୍ ଖୋଲିବାକୁ ପଡୁଛି, ଯାହା ତଳମୁଣ୍ଡରେ (କଟକ, ପୁରୀ, ଜଗତସିଂହପୁର) କୃତ୍ରିମ ବନ୍ୟା ସୃଷ୍ଟି କରୁଛି ।

ଏହି ଜଳ ଭଣ୍ଡାରରୁ ଅନେକ ଶିଳ୍ପ ସଂସ୍ଥାଙ୍କୁ ଜଳ ଯୋଗାଣ ହେଉଛି । ଚାଷୀମାନଙ୍କ ପାଇଁ ଉଦ୍ଦିଷ୍ଟ ଜଳକୁ ଅନେକ ସମୟରେ ବଡ଼ ବଡ଼ କଳକାରଖାନାକୁ ଦିଆଯାଉଥିବାରୁ ଚାଷୀକୂଳ ମଧ୍ୟରେ ଅସନ୍ତୋଷ ଦେଖାଦେଉଛି । ତେବେ ସବୁଠାରୁ ବଡ଼ ସମାଧାନର ବାଟ ହେଲା ଡ୍ରେଜିଂ । ଜଳଭଣ୍ଡାରରୁ ପଟୁ ମାଟି ବାହାର କରିବା ପାଇଁ ଯୋଜନା । କିନ୍ତୁ ଏହା ଅତ୍ୟଧିକ ବ୍ୟୟବହୁଳ । ବନ୍ଧର ସୁରକ୍ଷା ଓ ଅଧିକ ଜଳ ନିଷ୍କାସନ ପାଇଁ ବାମ ପାର୍ଶ୍ୱରେ ଏକ ନୂଆ ସ୍ପିଲୱେ ନିର୍ମାଣ କରାଯାଉଛି । ମହାନଦୀର ତଳ ମୁଣ୍ଡରେ ଅତିବଡ଼ୀ ଜଗନ୍ନାଥ ଦାସ ବ୍ୟାରେଜ୍ ଭଳି ଦ୍ୱିତୀୟ ବୃହତ ବନ୍ଧ ପ୍ରକଳ୍ପ ନିର୍ମାଣ କରି ଜଳ ସଂରକ୍ଷଣ କରିବା । ହୀରାକୁଦ ହେଉଛି ଓଡ଼ିଶାର ଜୀବନରେଖା । ଏହାର ସୁରକ୍ଷା ପାଇଁ ମୃତ୍ତିକା ସଂରକ୍ଷଣ ଏବଂ ନଦୀ ଜଳର ସଠିକ୍ ପରିଚାଳନା ଏବେ ସମୟର ଆହ୍ୱାନ ।

ଏବେ ବି ହିରାକୁଦ ପାଇଁ ଅନେକ ବିସ୍ଥାପିତଙ୍କ ସଂଘର୍ଷ ଚାଲିଛି । 'ଭିଟାମାଟିରୁ ଶରଣାର୍ଥୀ'ହୀରାକୁଦ ବନ୍ଧ ନିର୍ମାଣ ସମୟରେ ପ୍ରାୟ ୨୮୫ଟି ଗାଁ ଜଳମଗ୍ନ ହୋଇଥିଲା । ଏହି କାହାଣୀ କେବଳ ଘର ଭାଙ୍ଗିବାର ନୁହେଁ, ବରଂ ଏକ ସମୃଦ୍ଧ ସଂସ୍କୃତି ପାଣିରେ ବୁଡ଼ିଯିବାର କାହାଣୀ । ଏବେ ବି ସେହି ପୁନର୍ବାସର ଅଧୁରା ସ୍ୱପ୍ନ ରହିଯାଇଛି । ଯେଉଁମାନେ ନିଜର ଚାଷଜମି ଓ ଘର ହରାଇଲେ, ସେମାନଙ୍କୁ ପ୍ରତିଶ୍ରୁତି ମୁତାବକ ସବୁ ସୁବିଧା ମିଳିଲା ନାହିଁ । ଅନେକ ପରିବାର ଆଜି ବି 'ହୀରାକୁଦ ବିସ୍ଥାପିତ' ଭାବେ ପରିଚିତ ଏବଂ ଜମି ପଟ୍ଟା ପାଇଁ ଲଢ଼େଇ କରୁଛନ୍ତି । ବନ୍ଧ ଭିତରେ ଶତାଧିକ ପ୍ରାଚୀନ ମନ୍ଦିର ବୁଡ଼ି ରହିଛି । ଗ୍ରୀଷ୍ମ ଋତୁରେ ଯେତେବେଳେ ଜଳସ୍ତର କମିଯାଏ, ସେତେବେଳେ ସେହି ପୁରୁଣା ମନ୍ଦିରର ଚୂଡ଼ା ଦେଖାଯାଏ, ଯାହା ବିସ୍ଥାପିତମାନଙ୍କୁ ସେମାନଙ୍କ ପୂର୍ବପୁରୁଷଙ୍କ ସ୍ମୃତି ମନେ ପକାଇଦିଏ । ଏହି ବିସ୍ଥାପନ ଯୋଗୁଁ ସମ୍ବଲପୁରୀ ସଂସ୍କୃତିର ଅନେକ ପାରମ୍ପରିକ ଗାଁ ବିଚ୍ଛିନ୍ନ ହୋଇଗଲା । ହୀରାକୁଦ ବନ୍ଧ ସେହି ସମୟର ଏକ ଇଞ୍ଜିନିୟରିଂ ଚମତ୍କାର ଥିଲା । ଦୀର୍ଘତମ ମାଟି ବନ୍ଧ ଏହାର କିଛି ବିଶେଷତ୍ୱ ଥିଲା । ଏହାର ମୁଖ୍ୟ ବନ୍ଧର ଲମ୍ବ ୪.୮ କିଲୋମିଟର, କିନ୍ତୁ ଦୁଇ ପାର୍ଶ୍ୱର ପାହାଡ଼କୁ ଯୋଡୁଥିବା ଡାଇକ୍ (ଉଚ୍ଚଳରସ୍ତ) ସହିତ ଏହାର ମୋଟ ଲମ୍ବ ପ୍ରାୟ ୨୫.୮ କିଲୋମିଟର । ବନ୍ଧରେ ଦୁଇଟି ପ୍ରମୁଖ ସ୍ପିଲୱେ ଅଛି - ବାମ ଓ ଡାହାଣ । ଏଥିରେ ମୋଟ ୯୮ଟି ଗେଟ୍ (୬୪ଟି ତଳ ଗେଟ୍ ଏବଂ ୩୪ଟି କ୍ରେଷ୍ଟ ଗେଟ୍) ରହିଛି, ଯାହା ବନ୍ୟା ଜଳ ନିଷ୍କାସନ ପାଇଁ ବ୍ୟବହୃତ ହୁଏ ।ଜଳ ବିଦ୍ୟୁତ ପ୍ରକଳ୍ପ: ଏଠାରେ ଦୁଇଟି ପାୱାର ହାଉସ୍ ଅଛି (ବୁର୍ଲା ଏବଂ ଚିପିଲିମା), ଯାହାର ମୋଟ ବିଦ୍ୟୁତ ଉତ୍ପାଦନ କ୍ଷମତା ପ୍ରାୟ ୩୪୭.୧୫ ମେଗାୱାଟ । ବର୍ତ୍ତମାନର ବିପଦକୁ ଦେଖି ବିଶ୍ୱବ୍ୟାଙ୍କ ସହାୟତାରେ ଏକ ନୂଆ ସ୍ପିଲୱେ ନିର୍ମାଣ ହେଉଛି । ଏହା ବନ୍ଧର ଉପର ଭାଗରେ ଚାପ କମାଇବ ଏବଂ ଏକା ସାଙ୍ଗରେ ଅଧିକ ଜଳ ନିଷ୍କାସନ କରିବାରେ ସାହାଯ୍ୟ କରିବ । ବର୍ତ୍ତମାନ ସରକାର ବିସ୍ଥାପିତଙ୍କ ସମସ୍ୟା ସମାଧାନ ପାଇଁ ଏବେ ବିଭିନ୍ନ ପ୍ୟାକେଜ୍ ଘୋଷଣା କରୁଛନ୍ତି, କିନ୍ତୁ ଦଶନ୍ଧି ଦଶନ୍ଧିର ଏହି ଯନ୍ତ୍ରଣା ଏବେ ବି ଲୋକଙ୍କ ମନରେ ରହିଛି ।

ଓଡ଼ିଶାର ଦ୍ୱିତୀୟ ହୀରାକୁଦ କୁହାଯାଉଥିବା 'ଅତିବଡ଼ୀ ଜଗନ୍ନାଥ ଦାସ ବ୍ୟାରେଜ୍' ବା 'ଚୌଦ୍ୱାର-ଆଠଗଡ଼ ବ୍ୟାରେଜ୍' ପ୍ରକଳ୍ପ ଏକ ସ୍ୱପ୍ନର ପ୍ରକଳ୍ପ ହୀରାକୁଦ ବନ୍ଧ ନିର୍ମାଣର ଦଶନ୍ଧି ଦଶନ୍ଧି ପରେ, ଓଡ଼ିଶା ସରକାର ମହାନଦୀ ଉପରେ ଏକ ବିରାଟ ଜଳଭଣ୍ଡାର ନିର୍ମାଣ ପାଇଁ ଯୋଜନା କରିଛନ୍ତି । ଏହା ମହାନଦୀର ନିମ୍ନ ଭାଗରେ, ବିଶେଷ କରି କଟକ ଏବଂ ଢେଙ୍କାନାଳ ଜିଲ୍ଲାର ସୀମାନ୍ତରେ ନିର୍ମିତ ହେବାକୁ ଯାଉଛି । ଏହି ପ୍ରକଳ୍ପକୁ 'ଦ୍ୱିତୀୟ ହୀରାକୁଦ' ଭାବେ ନାମିତ କରାଯାଉଛି କାରଣ ଏହା ଜଳ ସଂରକ୍ଷଣ ଏବଂ ପରିଚାଳନା କ୍ଷେତ୍ରରେ ହୀରାକୁଦ ପରେ ବଡ଼ ଭୂମିକା ଗ୍ରହଣ କରିବ । ଏହି ବିଶାଳ ବ୍ୟାରେଜ୍ କଟକ ଜିଲ୍ଲାର ଚୌଦ୍ୱାର (ଖଇରାପୁଲ) ଏବଂ ଆଠଗଡ଼ (ବନ୍ଧହୁଡ଼ା) ମଧ୍ୟରେ ମହାନଦୀ ଉପରେ ନିର୍ମାଣ କରାଯିବ । ଏହାର ଲମ୍ବ ପ୍ରାୟ ୩ କିଲୋମିଟର ହେବ । ହୀରାକୁଦ ବନ୍ଧରୁ ଛଡ଼ାଯାଉଥିବା ବଳକା ଜଳ ଏବଂ ସମୁଦ୍ରକୁ ବହିଯାଉଥିବା ବନ୍ୟା ଜଳକୁ ଅଟକାଇବା ପାଇଁ ଏହି ବ୍ୟାରେଜ୍ ସହାୟକ ହେବ । ଏଠାରେ ପ୍ରାୟ ୩୦୦ ରୁ ୪୦୦ ମିଲିୟନ କ୍ୟୁବିକ୍ ମିଟର ଜଳ ସଂରକ୍ଷିତ କରି ରଖାଯାଇପାରିବ । ମହାନଦୀ ତଳମୁଣ୍ଡରେ କଟକ, ପୁରୀ ଏବଂ ଜଗତସିଂହପୁର ଜିଲ୍ଲାରେ ହେଉଥିବା ବନ୍ୟା ବିପତ୍ତିକୁ ଏହା କମାଇବ । ଏହି ପ୍ରକଳ୍ପ ଦ୍ୱାରା ପ୍ରାୟ ୪୦,୦୦୦ ହେକ୍ଟର ଚାଷଜମିକୁ ଜଳସେଚନ ସୁବିଧା ମିଳିପାରିବ, ଯାହା ଚୌଦ୍ୱାର, ଆଠଗଡ଼ ଏବଂ ବାଙ୍କୀ ଅଞ୍ଚଳର ଚାଷୀଙ୍କ ଭାଗ୍ୟ ବଦଳାଇ ଦେବ । କଟକ ଓ ଭୁବନେଶ୍ୱର ଭଳି ବଡ଼ ସହରକୁ ଭବିଷ୍ୟତରେ ବିଶୁଦ୍ଧ ପାନୀୟ ଜଳ ଯୋଗାଇବାରେ ଏହା ସହାୟକ ହେବ । ଏହି ବ୍ୟାରେଜ୍ ଉପରେ ଏକ ଚାରିଲେନ ବିଶିଷ୍ଟ ରାସ୍ତା ନିର୍ମାଣ ହେବ, ଯାହା ଚୌଦ୍ୱାର ଏବଂ ଆଠଗଡ଼ ମଧ୍ୟରେ ଯୋଗାଯୋଗକୁ ସହଜ କରିବ । ଏଥିସହିତ ଏଠାରେ ଜଳବିଦ୍ୟୁତ ଉତ୍ପାଦନ ପାଇଁ ମଧ୍ୟ ଯୋଜନା ରହିଛି । ଏହାର ଆଖପାଖ ଅଞ୍ଚଳକୁ ଏକ ବଡ଼ ପର୍ଯ୍ୟଟନ ସ୍ଥଳୀ ଭାବେ ବିକଶିତ କରାଯିବ ।ବର୍ତ୍ତମାନ ସରକାର ଏହି ପ୍ରକଳ୍ପ ପାଇଁ ପ୍ରାୟ ୧୩,୦୦୦ କୋଟି ଟଙ୍କାରୁ ଅଧିକ ବଜେଟ୍ ଅଟକଳ କରିଛନ୍ତି । ଏହାର ସର୍ଭେ କାମ ଶେଷ ପର୍ଯ୍ୟାୟରେ ଅଛି ଏବଂ ନିର୍ମାଣ କାର୍ଯ୍ୟ ଖୁବଶୀଘ୍ର ଆରମ୍ଭ ହେବାକୁ ଯାଉଛି ।

**ଯୁବ ସମାଜସେବୀ**
**ଭୁବନେଶ୍ୱର**

# ବିଜେପି ସରକାରଙ୍କ ମାଷ୍ଟରଷ୍ଟ୍ରୋକ୍

## ୩୦ବର୍ଷର ପ୍ରତୀକ୍ଷାର ଅନ୍ତ, କାର୍ଯ୍ୟକାରୀ ହେବ 'ପେସା' ଆଇନ



ଭୁବନେଶ୍ୱର, ୦୯/୦୫ (ଜେଏନଏସ) : ରାଜ୍ୟ ସରକାର 'ପେସା' ଆଇନକୁ ଲାଗୁ କରିବା ପାଇଁ ସମସ୍ତ ପ୍ରକାରର ବୈଷୟିକ ଓ ପ୍ରଶାସନିକ ପ୍ରସ୍ତୁତି ଶେଷ କରିସାରିଛନ୍ତି। ଆଗାମୀ କ୍ୟାବିନେଟ ବୈଠକରେ ଏହି ପ୍ରସ୍ତାବ ଆଗତ କରାଯିବ ଓ କ୍ୟାବିନେଟର ଅନୁମୋଦନ ମିଳିବା ପରେ ଓଡ଼ିଶାରେ ଏହି ଆଇନ ବିଧିବଦ୍ଧ ଭାବେ ଲାଗୁ ହେବ। ଦୀର୍ଘ ୩୦ବର୍ଷର ପ୍ରତୀକ୍ଷାର ଅନ୍ତ ଘଟାଇ ରାଜ୍ୟରେ କେନ୍ଦ୍ର ସରକାର ପ୍ରଣୟନ କରିଥିବା 'ପଂଚାୟତ ସମ୍ପ୍ରସାରଣ (ଅନୁସୂଚିତ ଅଂଚଳ) ଆଇନ ବା 'ପେସା' ଆକ୍ଟ ଓଡ଼ିଶାରେ ବିଧିବଦ୍ଧ ଭାବେ କାର୍ଯ୍ୟକାରୀ ହେବ। ଆଗାମୀ ପଂଚାୟତ ନିର୍ବାଚନ ପୂର୍ବରୁ ଏହି ଗୁରୁତ୍ୱପୂର୍ଣ୍ଣ ଆଇନକୁ ଲାଗୁ କରି ବିଜେପି ସରକାର ରାଜ୍ୟ ରାଜନୀତିରେ ଏକ ମାଷ୍ଟରଷ୍ଟ୍ରୋକ୍ ଖେଳିଛନ୍ତି, ଯାହା ଆଦିବାସୀ ଅଂଚଳରେ ଶାସକ ବିଜେପିର ସ୍ଥିତିକୁ ଅଧିକ ସୁଦୃଢ଼ କରିବ ବୋଲି କୁହାଯାଉଛି। ମୋହନ ମାଝୀଙ୍କ ସରକାର ଏହି 'ପେସା' ଆଇନର କାର୍ଯ୍ୟକାରିତାକୁ ତ୍ୱରାନ୍ୱିତ କରିବା ସହ କେନ୍ଦ୍ର ପଂଚାୟତିରାଜ ମନ୍ତ୍ରଣାଳୟ ଦ୍ୱାରା ନିର୍ଦ୍ଧାରିତ ୧୦ଟି ସୂଚକାଙ୍କ ଉପରେ ଗୁରୁତ୍ୱ ଦେଇ ଗ୍ରାମସଭାଗୁଡ଼ିକୁ ସର୍ବୋଚ୍ଚ କ୍ଷମତା ପ୍ରଦାନ କରିବାକୁ ଲକ୍ଷ୍ୟ ରଖିଥିବା ଜଣାପଡ଼ିଛି। ରାଜ୍ୟ ପଂଚାୟତିରାଜ ମନ୍ତ୍ରୀ ରବିନାରାୟଣ ନାଏକ ଆଜି ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି ଯେ, ରାଜ୍ୟ ସରକାର 'ପେସା' ଆଇନକୁ ଲାଗୁ କରିବା ପାଇଁ ସମସ୍ତ ପ୍ରକାରର ବୈଷୟିକ ଓ ପ୍ରଶାସନିକ ପ୍ରସ୍ତୁତି ଶେଷ କରିସାରିଛନ୍ତି। ଆଗାମୀ କ୍ୟାବିନେଟ ବୈଠକରେ ଏହି ପ୍ରସ୍ତାବ ଆଗତ କରାଯିବ। ଏହି ଆଇନ ପ୍ରଣୟନ ପୂର୍ବରୁ ସାଧାରଣ ଲୋକଙ୍କ ମତାମତ ନିଆଯିବା ସହ ପ୍ରାୟ ୪୧ଟି ବିଭାଗ ସଙ୍ଗେ ବିସ୍ତୃତ ଆଲୋଚନା କରାଯାଇଛି। ଆଦିବାସୀ ସମାଜର ନେତୃତ୍ୱ ନେଉଥିବା ବ୍ୟକ୍ତିବିଶେଷ ଓ ବିଭିନ୍ନ ଏନଜିଓମାନଙ୍କ ସହ ମଧ୍ୟ ପରାମର୍ଶ କରାଯାଇ ସେମାନଙ୍କର ମୂଲ୍ୟବାନ ମତାମତକୁ ଗ୍ରହଣ କରାଯାଇଛି। ଅନ୍ୟ ରାଜ୍ୟଗୁଡ଼ିକରେ 'ପେସା' ଆଇନ କିଭଳି ଭାବରେ କାର୍ଯ୍ୟକାରୀ ହେଉଛି ସେ ବିଷୟରେ ମଧ୍ୟ ଅନୁଧ୍ୟାନ କରାଯାଇଛି।

ଏହି ସମ୍ପର୍କରେ ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରାଯିବା ପରେ ତାଙ୍କ ନିର୍ଦ୍ଦେଶକ୍ରମେ ଆଦିବାସୀ ଉପଦେଷ୍ଟା କମିଟି(ଟିଏସି) ସହ ମଧ୍ୟ ପୂର୍ଣ୍ଣାଙ୍ଗ ଆଲୋଚନା ସରିଛି। ଆଜି ଅନୁଷ୍ଠିତ ହୋଇଥିବା ଶେଷ ବୈଠକରେ ଏହି ପ୍ରକ୍ରିୟା ଉପରେ ଚୂଡ଼ାନ୍ତ ମୋହର ବାଜିଛି। ଖୁବଶୀଘ୍ର କ୍ୟାବିନେଟର ଅନୁମୋଦନ ମିଳିବା ପରେ ଓଡ଼ିଶାରେ ଏହି ଆଇନ ବିଧିବଦ୍ଧ ଭାବେ ଲାଗୁ ହେବ ଯାହାଦ୍ୱାରା ଅନୁସୂଚିତ ଅଂଚଳର ଲୋକମାନେ ନିଜର ଅଧିକାର ସାବ୍ୟସ୍ତ କରିପାରିବେ ବୋଲି ମନ୍ତ୍ରୀ ଶ୍ରୀ ନାଏକ ସୂଚନା ଦେଇଛନ୍ତି। ଉଲ୍ଲେଖଯୋଗ୍ୟ, ଓଡ଼ିଶାରେ ୧୯୯୬ ମସିହାରୁ ଏହି କେନ୍ଦ୍ରୀୟ 'ପେସା' ଆଇନ ଥିଲେ ମଧ୍ୟ ଏହାର ରୁଲସ୍ (ନିୟମାବଳୀ) ପ୍ରଣୟନ କରିବାକୁ ରାଜ୍ୟ ସରକାର ବିଭିନ୍ନ ଆଳ ଦେଖାଇ ପ୍ରାୟ ତିନି ଦଶନ୍ଧି ବିଳମ୍ବ କରିଛନ୍ତି। ୨୦୨୩ ନଭେମ୍ବର ୧୦ ତାରିଖରେ ତତକାଳୀନ ବିଜେଡି ସରକାର ସମୟରେ ଓଡ଼ିଶା ଗେଜେଟରେ 'ପେସା ରୁଲସ୍ ୨୦୨୩ର ଚିଠାବିଜ୍ଞପ୍ତି ପ୍ରକାଶ ପାଇଥିଲା। ବର୍ତ୍ତମାନର ବିଜେପି ସରକାର ଏହି ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ସହ ଥିବା ଆହ୍ୱାନଗୁଡ଼ିକୁ ଦୂର କରିବାକୁ ଚେଷ୍ଟା କରୁଛନ୍ତି। ଗ୍ରାମସଭା ବୈଠକରେ ଲୋକଙ୍କ ଅଂଶଗ୍ରହଣ ବଢ଼ାଇବା ଓ କ୍ଷମତା ହସ୍ତାନ୍ତର ପ୍ରକ୍ରିୟାକୁ ସହଜ କରିବା ପାଇଁ କେନ୍ଦ୍ର ପଂଚାୟତିରାଜ ମନ୍ତ୍ରଣାଳୟ ଦ୍ୱାରା ନିର୍ଦ୍ଧାରିତ ୧୦ଟି ସୂଚକାଙ୍କ ଉପରେ ଗୁରୁତ୍ୱ ଦିଆଯାଉଛି। ଏଥିମଧ୍ୟରେ ରାଜ୍ୟ ପଂଚାୟତିରାଜ ଆଇନ ସହ 'ପେସା ରୁଲସର ସମନ୍ୱୟ, ଗ୍ରାମସଭାର ବିବରଣୀ 'ପଂଚାୟତ ନିଷ୍ପତ୍ତି' ପୋର୍ଟାଲରେ ଅପଲୋଡ଼ କରିବା ଓ 'ପେସା' ତାଲିମ ଆଦି ସାମିଲ ଅଛି।

ଭାରତର ୧୦ଟି ରାଜ୍ୟ ଯଥା ଆନ୍ଧ୍ରପ୍ରଦେଶ, ଛତିଶଗଡ଼, ଗୁଜରାଟ, ହିମାଚଳ ପ୍ରଦେଶ, ଝାଡ଼ଖଣ୍ଡ, ମଧ୍ୟପ୍ରଦେଶ, ମହାରାଷ୍ଟ୍ର, ଓଡ଼ିଶା, ରାଜସ୍ଥାନ ଓ ତେଲେଙ୍ଗାନାରେ ଅନୁସୂଚିତ ଅଂଚଳ(ସିଡ୍ୟୁଲ ଏରିଆ) ରହିଛି। ଓଡ଼ିଶା ଏପର୍ଯ୍ୟନ୍ତ କେବଳ ଚିଠା ନିୟମାବଳୀ ବା ଡ୍ରାଫ୍ଟ ରୁଲ୍ସ ପ୍ରସ୍ତୁତ କରିଥିବାବେଳେ ଅନ୍ୟ ୯ଟି ରାଜ୍ୟ ନିଜର ପେସା ରୁଲସ୍ କାର୍ଯ୍ୟକାରୀ କରିସାରିଛନ୍ତି। ପୂର୍ବରୁ ଓଡ଼ିଶା ଗ୍ରାମ ପଂଚାୟତ ଆଇନ ୧୯୬୪ରେ କିଛି ସଂଶୋଧନ କରାଯାଇଥିଲେ ମଧ୍ୟ ସମ୍ପୂର୍ଣ୍ଣ ରୁଲସ୍ ଘୋଷଣା ହୋଇ ନଥିବାରୁ ସିଡ୍ୟୁଲ ଏରିଆ ବା ପେଷା ଅଂଚଳରେ ଥିବା ଗ୍ରାମସଭାଗୁଡ଼ିକ ଶକ୍ତିଶାଳୀ ହୋଇପାରୁ ନାହିଁ।

ସୂଚନାଯୋଗ୍ୟ, ଓଡ଼ିଶାର ମୋଟ ଭୌଗୋଳିକ କ୍ଷେତ୍ରଫଳର ପ୍ରାୟ ୪୪.୭୧ ପ୍ରତିଶତ ଅଂଚଳ ଏହି 'ପେସା' ଆଇନ ଅଧୀନରେ ଆସୁଛି। ମୋଟ ୩୦ଟି ଜିଲ୍ଲା ମଧ୍ୟରୁ ୧୩ଟି ଜିଲ୍ଲାରେ ଏହି ପେସା ଆଇନ କାର୍ଯ୍ୟକ୍ଷମ ହେବ। ଏଥିରେ ମୟୂରଭଞ୍ଜ, ସୁନ୍ଦରଗଡ଼, କୋରାପୁଟ, ମାଲକାନଗିରି, ନବରଙ୍ଗପୁର, ରାୟଗଡ଼ା ଓ କନ୍ଧମାଳ ଜିଲ୍ଲା ସମ୍ପୂର୍ଣ୍ଣ ଭାବେ ଏବଂ କେନ୍ଦୁଝର, ଗଜପତି, ରାୟଗଡ଼ା, କଳାହାଣ୍ଡି,ବାଲେଶ୍ୱର ଓ ଗଞ୍ଜାମ ଜିଲ୍ଲାର କିଛି ବ୍ଲକ ଅଂଚଳରେ ଏହି 'ପେସା' ଆଇନ ରହିବ। ମୋଟାମୋଟି ଭାବେ ରାଜ୍ୟର ପ୍ରାୟ ୧୨୨ଟି ବ୍ଲକର ୨୦୬୯ଟି ପଂଚାୟତର ୧୯୩୧୧ଟି ରାଜସ୍ୱ ଗ୍ରାମ ଏହି ପେସା ଆଇନ ପରିସରଭୁକ୍ତ ହେବ। ଏସବୁ ଅଂଚଳରେ ଗ୍ରାମସଭାଗୁଡ଼ିକ ଅଧିକ ପ୍ରଭାବଶାଳୀ ହେବା ସହ ଗ୍ରାମର ବିକାଶ, ପ୍ରାକୃତିକ ସମ୍ପଦର ସୁରକ୍ଷା ଓ ସାମାଜିକ ନ୍ୟାୟ ସମ୍ପର୍କିତ ନିଷ୍ପତ୍ତି ନେବା ପାଇଁ ସକ୍ଷମ ହେବେ। ବିଶେଷକରି ଖଣିଜ ଦ୍ରବ୍ୟ ଓ ଲଘୁ ବନଜାତ ଦ୍ରବ୍ୟ ଉପରେ ସ୍ଥାନୀୟ ଆଦିବାସୀଙ୍କ ମାଲିକାନା ସ୍ୱତ୍ୱ ବୃଦ୍ଧି ପାଇବାକୁ ଥିବାରୁ ଏହା ସେମାନଙ୍କ ଆର୍ଥିକ ମେରୁଦଣ୍ଡକୁ ସୁଦୃଢ଼ କରିବ। ପଂଚାୟତ ନିର୍ବାଚନ ମୁହାଁ ଓଡ଼ିଶାରେ ମୋହନ ସରକାରଙ୍କ ଏହି ନିଷ୍ପତ୍ତି ଆଦିବାସୀ ଭୋଟରଙ୍କୁ ନିଜ ଆଡ଼କୁ ଆକୃଷ୍ଟ କରାଇବାରେ ଏକ ମାଷ୍ଟରଷ୍ଟ୍ରୋକ୍ ବୋଲି ଚର୍ଚ୍ଚା ହେଉଛି।

# କୋଇଲା ଅବୈଧ ପରିବହନକୁ ପ୍ରୋତ୍ସାହନ

**ବାରୁଦ ଗଦାରେ ପୁଞ୍ଜିଭୂତ ଅସନ୍ତୋଷ**

ଅନୁଗୁଳ, ୦୯/୦୫ (ଜେଏନ୍ଏସ୍) : ଜିଲ୍ଲା ପ୍ରଶାସନର ଚାପ ଆଗରେ କୋଇଲା ପରିବହନ ବିରୋଧି ଆନ୍ଦୋଳନ ଏବେ ପଛଘୁଞ୍ଚା ଦେଇଛି। ଜିଲ୍ଲା ପ୍ରଶାସନର ଚାପ ଆଗରେ ନିଜ ହକ ପାଇଁ ତଥା ସରକାରୀ ଆଇନର ବାଟ ଦେଖାଇବାକୁ ଆନ୍ଦୋଳନ କରୁଥିବା କୋଶଳାବାସୀ ଆନ୍ଦୋଳନରୁ ଓହରି ଯାଇଛନ୍ତି। କେନ୍ଦ୍ର ସରକାରଙ୍କ ଆଇନକୁ ଉଲଂଘନ କରି ଅବୈଧ କୋଇଲା ପରିବହନକୁ ଛେଣ୍ଡିପଦା ଅଂଚଳରେ ବିରୋଧ କରାଯାଉଥିଲା । ବିରୋଧ କାରୀମାନଙ୍କ ଆନ୍ଦୋଳନ ଯୋଗୁ ଦୀର୍ଘ ଦିନ ପାଇଁ କୋଇଲା ପରିବହନ ଠପ ହୋଇ ଯାଇଥିଲା । ଛେଣ୍ଡିପଦା ଅଂଚଳବାସୀଙ୍କ ମେଳି ଆଗରେ ଅନୁଗୁଳ ଜିଲ୍ଲା ପ୍ରଶାସନ ନିରୁପାୟ ହୋଇ



ପଡିଥିଲା । ଆନ୍ଦୋଳନକୁ ବନ୍ଦ କରିବାକୁ ସମସ୍ତ ଚେଷ୍ଟା ଫେଲ ମାରିଥିଲା। ଶେଷରେ ବ୍ରିଟିସ ଫର୍ମୁଲା କୁ ପ୍ରୟୋଗ କରାଯାଇ କୁରାଢ଼ି ପଛରେ କାଠର ବେଣ୍ଟ ଲଗାଗଲା । ଅଂଚଳବାସୀଙ୍କ ମଧ୍ୟରେ ବିଭାଜନର ପ୍ରକ୍ରିୟା ଆରମ୍ଭ ହେଲା । ନିଜ ଭାଇ ସାଜିଲା ବିରାଦରି । ଆନ୍ଦୋଳନର ନେତାମାନଙ୍କୁ ମିଛ କେଶରେ ଫସାଇ ଦିଆଗଲା ବୋଲି ଆନ୍ଦୋଳନ କାରୀ ମାନେ ଅଭିଯୋଗ କଲେ । କୋଇଲା କମ୍ପାନୀ ପ୍ରତି ଜିଲ୍ଲା ପ୍ରଶାସନର ଏପରି ମାତ୍ରାଧିକ ଅନୁଗ୍ରହ ବୁଦ୍ଧିଜୀବୀ ମହଲରେ ଏବେ ଚର୍ଚ୍ଚାର ବିଷୟ ପାଲଟି ଯାଇଛି । ଜିଲ୍ଲାବାସୀଙ୍କ ଧନ ଜୀବନ ଅପେକ୍ଷା ଆଇନ ଖିଲାପ କାରୀ କୋଇଲା କମ୍ପାନୀକୁ ସୁରକ୍ଷା ଦେବା ଘଟଣାକୁ ବେଶ ନାପସନ୍ଦ କରା ଯାଇଛି । ଗୋଟିଏ ଘରୋଇ କମ୍ପାନୀ ପାଇଁ ପ୍ରଶାସନର ମାତ୍ରାଧିକ ଦରଦ ପଛରେ କଣ କାରଣ ରହିଛି ବୋଲି ଅଂଚଳବାସୀ ଯାଣିବାକୁ ଚାହିଁଛନ୍ତି । ପ୍ରଶାସନର ଚାପ ଆଗରେ ଆନ୍ଦୋଳନ ସାମୟୀକ ଭାବରେ ସମାପ୍ତି ହୋଇଛି । ଆନ୍ଦୋଳନ ହଟିବା ପରେ ନୈନୀ କୋଇଲା ଖଣିରୁ ଏବେ କୋଇଲା ପରିବହନ ଆରମ୍ଭ ସୁଗମ ହୋଇଛି । ରାଜ୍ୟ ରାଜ ପଥ ଦେଇ କୋଇଲା ପରିବହନ ପରେ ଜିଲ୍ଲା ପ୍ରଶାସନ ଏବେ ଆଶ୍ୱସ୍ଥ । ଛେଣ୍ଡିପଦା ଅଂଚଳର ନୈନୀ କୋଇଲା ଖଣିରୁ ଉତ୍ପନ୍ନ କୋଇଲା ରାଜ୍ୟ ସଡକ ପଥରେ ପରିବହନ ହେଲେ ହଜାର ହଜାର ଲୋକ ପ୍ରଦୂଷଣରେ ପ୍ରଭାବିତ ହେବାର ଆଶଙ୍କା ରହିଥିଲା । ପ୍ରଦୂଷଣ ରୁ କୋଇଲା ଖଣି ଅଂଚଳର ଜନ ସାଧାରଣଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଜନ ବସତି ଅଂଚଳ ବାହାରେ କୋଇଲା ପରିବହନ ପାଇଁ କେନ୍ଦ୍ର ପରିବେଶ ମନ୍ତ୍ରଣାଳୟ ସଂପୃକ୍ତ କୋଇଲା କମ୍ପାନୀକୁ ସର୍ତ୍ତ ରଖିଥିଲା । କିନ୍ତୁ କଂପାନୀ ସେସବୁକୁ ଅମାନ୍ୟ କରି ନିଜସ୍ୱ ରାସ୍ତା ନିର୍ମାଣ ବଦଳରେ ଜନ ବସତି ଅଂଚଳରେ ଯାଇଥିବା ରାଜ୍ୟ ସଡକ ପଥରେ କୋଇଲା ପରିବହନ କରିବାକୁ ଜିଦ୍ ଧରିବା ଘଟଣା ଲଜ୍ଜାଜନକ ଘଟଣା ବୋଲି ବୁଦ୍ଧିଜିବୀ ମାନେ ପ୍ରତିକ୍ରିୟା ରଖିଛନ୍ତି । ଘଟଣା ପରେ ଛେଣ୍ଡିପଦା ଅଂଚଳର ଜନତା ବେଶ ଚିନ୍ତିତ ହୋଇ ପଡିଛନ୍ତି । ନୈନୀ କୋଇଲା କମ୍ପାନୀକୁ ନିଜ ରାସ୍ତାରେ ଜରପଡା ରେଳବାଇ ଷ୍ଟକ ୟାର୍ଡ ପର୍ଯ୍ୟନ୍ତ ପରିବହନର ସୁବିଧା ନିଜେ କରିବାକୁ ପରିବେଶ ମନ୍ତ୍ରଣାଳୟ ର ନିର୍ଦ୍ଦେଶ ରହିଥିବା ପ୍ରକାଶ । କିନ୍ତୁ କଂପାନୀ କାହିଁକି ଏହାକୁ ଉଲଂଘନ କରୁଛି ବୋଲି ଆନ୍ଦୋଳନ କାରୀ ମାନେ ନିଜ ଅଭିଯୋଗରେ ବାରମ୍ବାର ଦର୍ଶାଇ ଆସୁଥିଲେ ମଧ୍ୟ ଜିଲ୍ଲା ପ୍ରଶାସନ ଏହି ଦିଗକୁ ଗୁରୁତ୍ୱ ନଦେବା ଦୁର୍ଭାଗ୍ୟଜନକ ବୋଲି ଆନ୍ଦୋଳନକାରୀ ଙ୍କ ପ୍ରତିକ୍ରିୟା ଶୁଣିବାକୁ ମିଳିଛି । କୋଶଳା ଠାରେ ଚାଲିଥିବା କୋଇଲା ପରିବହନ ବିରୋଧି ଅନ୍ଦୋଳନକୁ ଭଣ୍ଡୁର କରିବାକୁ ପ୍ରଶାସନର ଉଦ୍ୟମ ଗ୍ରାମବାସୀ ମାନଙ୍କୁ ବ୍ୟଥିତ କଲା । ଜନତା ଙ୍କ ଅଭିଯୋଗ ଶୁଣିବା ବଦଳରେ ଆନ୍ଦୋଳନ ହଟେଇବାକୁ ତତ୍ପରତା ଦେଖାଇଲା ପ୍ରଶାସନ । ଏକ ଜନ ଆନ୍ଦୋଳନକୁ ଚପାଇ ଦେବାକୁ ଚାରିଶହ ଲୋକଙ୍କ ନାମରେ ମିଥ୍ୟା କେଶ ରଜୁ କରିବା ପରି ଘଟଣା ଏକ ସ୍ୱାଧୀନ ଗଣତାନ୍ତ୍ରୀକ ରାଷ୍ଟ୍ରର ପରିଭାଷା ହୋଇ ନ ପାରେ ବୋଲି ରାଜନୈତିକ ସମୀକ୍ଷକ ମାନେ ସେମାନଙ୍କ ମତ ପୋଷଣ କରିଛନ୍ତି । ଆନ୍ଦୋଳନର ନେତୃତ୍ୱ ନେଉଥିବା ପାଂଚ ଜଣଙ୍କୁ ଜେଲରେ ରଖିବା ଦ୍ୱାରା ସାମୟିକ ଭାବରେ ଆନ୍ଦୋଳନକୁ ବନ୍ଦ କରିଦିଆ ଯାଇପାରେ । ମାତ୍ର ଲୋକଙ୍କ ମନର ସୃଷ୍ଟି ହୋଇଥିବା ପୁଞ୍ଜି ଭୁତ ଅଶନ୍ତୋଷ ସମୟ ସୁବିଧା କ୍ରମରେ ଯେଉଁ ବିସ୍ଫୋରଣ ସୃଷ୍ଟି କରିବ ତାହା କାହା ପାଇଁ ଘାତକ ହେବ ସମୟ କହିବ ବୋଲି ଅନେକେ ମତ ବ୍ୟକ୍ତ କରିଛନ୍ତି । ଶାସନ କୁ ଆସିବା ଆଗରୁ ଗତ ନିର୍ବାଚନ ବେଳେ ଭୋଟ ଖଣ୍ଡେ ନଚେତ କାଠ ଖଣ୍ଡେ ମାଗୁଥିବା ନେତା ଏବେ ଅଂଚଳ ବାସୀଙ୍କ ଉପରେ ବୋଝ ପାଲଟି ଯାଇଛନ୍ତି । ସେହିପରି ବ୍ୟକ୍ତି ମାନଙ୍କୁ ଉଚିତ ସମୟରେ ଠିକଣା ଜବାବ ଦିଆଯିବ ବୋଲି ଛେଣ୍ଡିପଦା ଅଂଚଳରେ ଏବେ ବେଶୀ ଚର୍ଚ୍ଚା ହେଉଛି ।

# ତିନି ରଥର ୧୮ ଚକ, ୧୨ ଓରା ନିର୍ମାଣ ସରିଲା



ପୁରୀ, ୦୯/୦୫ (ଜେଏନଏସ) : ତିନିରଥ ପାଇଁ ଗୁରୁବାର ସୁଦ୍ଧା ୧୮ ଚକ ଓ ୧୨ ଓରା ନିର୍ମାଣ ଶେଷ ହୋଇଛି। ଶନିବାର ଭଉଁରି ତିଥିରେ ତିନିରଥର ଗୋଟିଏ ଲେଖାଏଁ ଅଖରେ ଦୁଇଟି ଲେଖାଏଁ ଚକ ସଂଯୋଗ କରାଯିବ। ସେଥିପାଇଁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ରଥ ନିର୍ମାଣ ୧୮ ଦିନରେ ପହଞ୍ଚିଛି। ସେହିପରି ୧୧ ଗୋଟି ଲେଖାଏଁ ସାଲଗୁଜ, ୨୦ଟି ତିଖଗୁଜ, ୨୭ ଜଳଯନ୍ତ୍ର, ୩୨ଟି କୁଡୁକା, ଏବଂ ୧୨ ଟି ପ୍ରଥମ ଏବଂ ଦ୍ୱିତୀୟ ଭୂଇଁ ଖମ୍ବ ନିର୍ମାଣ ଶେଷ ହୋଇଛି। ତିନି ରଥର ଆଗ,ପଛ ଓ ଦୁଇପାର୍ଶ୍ୱ ନିରାଡ଼ି ନିର୍ମାଣ ପାଇଁ ୪ଟି ଲେଖାଏଁ ୨୦ ଫୁଟିଆ ଧଉରା କାଠ ଯୋଗାଯାଇଛି। ଗୁରୁବାର ଭୋଇ ସେବକମାନେ ଯନ୍ତାଗାଡ଼େର ତିନି ରଥର ଗୋଟିଏ ଗୋଟିଏ ତୁମ୍ବରେ ଅର ସଂଯୋଗ କରିଛନ୍ତି। ରୂପକାର ସେବକ ମାନେ ତିନି ରଥର ୧୧ଟି ଲେଖାଏଁ ସାଲଗୁଜରେ ନୃସିଂହ ରୂପ ଖୋଦେଇ କରିଛନ୍ତି। ଦୋଳବେଦୀ କୋଣ ଅସ୍ଥାୟୀ କମାରଶାଳରେ କମାର ସେବକମାନେ ତିନି ରଥର ଚକ ଗୁଡ଼ିକ ପାଇଁ ପନ୍ଦାରି, ତୁମ୍ବବଳା, ଅରକଣ୍ଟା, ପନ୍ଦାରି ଚାବି ପ୍ରସ୍ତୁତ କରୁଛନ୍ତି। ଗୁରୁବାର ରଥ ନିର୍ମାଣ କାର୍ଯ୍ୟରେ ୭୮ ମହାରଣା, ୭୦ ଭୋଇ, ୨୧ ରୂପକାର, ୧୭ କମାର, ୪ କରତି ଓ ୨ ବିନ୍ଧ କାରିଗର ଅଂଶ ଗ୍ରହଣ କରିଥିଲେ।

# ଯୁବକଙ୍କୁ ପନିକିରେ ହାଣି ଫିଲ୍ମ ଷ୍ଟାଇଲ୍‌ରେ ଆକ୍ରମଣ କଲେ ଦୁର୍ବୃତ୍ତ

- ରାଜ୍ୟରେ ଭୟଙ୍କର ପରିସ୍ଥିତି,ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ
- ଗୃହ ଓ ଆଇନ ମନ୍ତ୍ରୀଙ୍କ ଇସ୍ତଫା ଦାବି କଲେ ବିରୋଧୀ



କଣାସ, ୦୯/୦୫ (ଜେଏନଏସ) : ବିଚ୍ ରାସ୍ତାରେ ଯୁବକଙ୍କୁ ପନିକିରେ ହାଣି ଆକ୍ରମଣ କରିବା ଏବଂ ଗାଡ଼ି ଚଢ଼ାଇବାର ଦୃଶ୍ୟକୁ ଆପଣ ଦେଖନ୍ତୁ। କେମିତି ଅପରାଧୀମାନେ ସର୍ବସାଧାରଣ ସ୍ଥାନରେ ଏଭଳି ଅପରାଧ ଘଟାଇ ଫେରାଇ ହୋଇଗଲେ, ଯାହା ରାଜ୍ୟର ଆଇନଶୃଙ୍ଖଳା ପରିସ୍ଥିତି ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ପୁରୀ ଜିଲ୍ଲା ସତ୍ୟବାଦୀ ନିର୍ବାଚନମଣ୍ଡଳୀ କଣାସ ବ୍ଲକ୍ ଅନ୍ତର୍ଗତ ଗୋଲାବଜାର ମାଛ ମାର୍କେଟରେ ୩ଜଣ ଦୁର୍ବୃତ୍ତ ଫିଲ୍ମ ଷ୍ଟାଇଲ୍‌ରେ ଯୁବକଙ୍କୁ ଗୋଡାଇ ଗୋଡାଇ ମାଛକଟା 'ପାନିକି'ରେ ହାଣିବା ଏବଂ ପରେ ଦୁର୍ବୃତ୍ତମାନେ ଯୁବକଙ୍କ ଉପରେ ଗାଡ଼ି ଚଢାଇ ଦେବା ଘଟଣା ରାଜ୍ୟ ତଥା ଦେଶରେ ଭୟଙ୍କର ପରିସ୍ଥିତି ସୃଷ୍ଟି କରିଛି । ଦୋକନ୍ଦା ଗ୍ରାମର ଇଲୁ ଭାରିମଲ ନାମକ ଯୁବକକୁ ଦୁର୍ବୃତ୍ତମାନେ ପନିକିରେ ହାଣି ରକ୍ତାକ୍ତ କରି ଦେଇଛନ୍ତି । ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଯୁବକଙ୍କୁ ଭଙ୍ଗା କାଚ ବୋତଲରେ ବେକ,ମୁଣ୍ଡ ଓ ଗାଲରେ ଆକ୍ରମଣ କରିଥିଲେ। ଯୁବକ ଜଣଙ୍କ ରକ୍ତାକ୍ତ ଅବସ୍ଥାରେ ଜୀବନ ବଂଚାଇବା ପାଇଁ ଯୁବକ ଜଣଙ୍କ ଥାନା ଭିତରେ ପଶି ଗୁହାରି କରିଥିଲେ। କଣାସ ପୋଲିସ ଆହତ ଯୁବକଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ଏମ୍ସରେ ଭର୍ତ୍ତି କରିଛି । ତେବେ ଯୁବକଙ୍କ ସାରା ଶରୀର କ୍ଷତାକ୍ତ ସହ ମୁଣ୍ଡରେ ପନିକି ଚୋଟ ବାଜିଥିବାରୁ ବର୍ତ୍ତମାନ ତାଙ୍କ ଅବସ୍ଥା ସଙ୍କଟପନ୍ନ ରହିବା ସହ ମୃତ୍ୟୁ ସହ ସଂଗ୍ରାମ କରୁଛନ୍ତି । ଅନ୍ୟ ପକ୍ଷେ ଅପରାଧୀମାନେ ଘଟଣାସ୍ଥଳରୁ ଫେରାଇ ହୋଇଯାଇଥିବା ବେଳେ ଆହତ ଯୁବକ ଓ ଆକ୍ରମଣକାରୀଙ୍କ ନାମରେ ୬ରୁ ଉର୍ଦ୍ଧ୍ୱ ଅପରାଧିକ ମାମଲା ରହିଥିବା ପୋଲିସ ସଫେଇ ଦେଇ ଖସି ଯିବାକୁ ବସିଛି । ଅପରାଧୀଙ୍କୁ ଧରିବା ପାଇଁ ପୋଲିସ ୩ଟି ସ୍ୱତନ୍ତ୍ର ସ୍କ୍ୱାର୍ଡ ଗଠନ କରିଥିବା କହିଥିବା ବେଳେ ସାର୍ବଜନୀନ ସ୍ଥାନରେ ଏପରି ଅନିୟନ୍ତ୍ରିତ ବର୍ବରତା ଆଇନ ଶୃଙ୍ଖଳା ପରିସ୍ଥିତି ଉପରେ ଗମ୍ଭୀର ଚିନ୍ତା ସୃଷ୍ଟି କରିଛି । ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଓ ରାଜ୍ୟରେ କଂଗ୍ରେସ ଦଳ ଏଭଳି ଘଟଣାକୁ ଦୃଢ ନିନ୍ଦା କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରୁଥିବା ବେଳେ ରାଜ୍ୟରେ ଆଇନଶୃଙ୍ଖଳା ପରିସ୍ଥିତିକୁ ନେଇ ନୈତିକତା ଦୃଷ୍ଟିରୁ ମୁଖ୍ୟମନ୍ତ୍ରୀ,ଗୃହମନ୍ତ୍ରୀ ଓ ଆଇନମନ୍ତ୍ରୀ ଇସ୍ତଫା ଦେବା ଦରକାର ବୋଲି କହିଛନ୍ତି ।

# ବାଲିଅନ୍ତା ଘଟଣାକୁ ନେଇ ନବୀନଙ୍କ କ୍ଷୋଭ



ଭୁବନେଶ୍ୱର, ୦୯/୦୫ (ଜେଏନଏସ) : ଭୁବନେଶ୍ୱର ଉପକଣ୍ଠ ବାଲିଅନ୍ତାରେ ଜଣେ ଯୁବକକୁ ପିଟିପିଟି ସର୍ବସମ୍ମୁଖରେ ହତ୍ୟା କରାଯିବା ପରି ଘଟଣା ରାଜ୍ୟରେ ଚହଳ ପକାଇଛି। ଏହି ଘଟଣାକୁ ନେଇ ରାଜ୍ୟ ରାଜନୀତି ସରଗରମ ହୋଇ ଉଠିଛି। ଏହାକୁ ନେଇ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ସରକାରଙ୍କୁ ଘେରିଛନ୍ତି। ସେ କହିଛନ୍ତି ଏହା ଅତ୍ୟନ୍ତ ବର୍ବର ଘଟଣା। ରାଜ୍ୟ ରାଜଧାନୀ ନିକଟରେ ଏପରି ଜଘନ୍ୟ ଘଟଣା ଘଟୁଥିଲେ ବି ସରକାରଙ୍କ ଅସମ୍ଭବ ନୀରବତା ରାଜ୍ୟବାସୀଙ୍କୁ ଆଶ୍ଚର୍ଯ୍ୟ କରିଦେଉଛି। ସେ କହିଛନ୍ତି, ପୋଲିସ ଉପସ୍ଥିତିରେ ଯଦି ଏପରି ଘଟଣା ଘଟୁଛି, ତେବେ ଲୋକେ କାହାକୁ ସୁରକ୍ଷା ମାଗିବେ? ଅପରାଧୀଙ୍କ ଆଗରେ ପୋଲିସ ପ୍ରଶାସନ, ସରକାର ଏତେ ଅସହାୟ କାହିଁକି ? ଭୁବନେଶ୍ୱର ଉପକଣ୍ଠରେ ଯଦି ସରକାର ଏପରି ଘଟଣାକୁ ରୋକିବାରେ ଅସମର୍ଥ, ତେବେ ସାରା ରାଜ୍ୟର ଅବସ୍ଥା କ'ଣ ତାହା ସ୍ପଷ୍ଟ ଅନୁମେୟ। ନିକଟରେ ହିଞ୍ଜିଳି, କଣାସ ଓ ଢେଙ୍କାନାଳରେ ଘଟିଥିବା ବର୍ବର କାଣ୍ଡରେ ସରକାର କ'ଣ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କଲେ ? ସାଧାରଣ ଜନତାଙ୍କ ସୁରକ୍ଷା ସରକାର କାହିଁକି ବିପନ୍ନ କରୁଛନ୍ତି ? ବଡ଼ ବଡ଼ ଭାଷଣରେ ସରକାର ଚାଲେନି, ମିଛ ବାହାସ୍ଫୋଟରେ ସରକାର ଚାଲେନି। ସରକାର ତୁରନ୍ତ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଲୋକଙ୍କ ସୁରକ୍ଷା ତଥା ଓଡ଼ିଶାରେ ଆଇନଶୃଙ୍ଖଳା ସୁନିଶ୍ଚିତ କରନ୍ତୁ। ଅନ୍ୟପଟେ ଘଟଣାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଦୁଃଖ ପ୍ରକାଶ କରିଛନ୍ତି। ଏଭଳି ମବ୍ ଲିଞ୍ଚିଙ୍ଗ୍ ବା ଭିଡ଼ ହତ୍ୟା ଘଟଣାର ଯେପରି ପୁନରାବୃତ୍ତି ନ ହୁଏ, ସେଥିପ୍ରତି ସତର୍କ ରହିବାକୁ ପରାମର୍ଶ ଦେଇଛନ୍ତି। ରାଜ୍ୟ ମହିଳା କମିଶନ ଅଧକ୍ଷା ମଧ୍ୟ ଆସନ୍ତାକାଲି ବାଲିଅନ୍ତା ଯିବେ। ସମ୍ପୃକ୍ତ ମହିଳାମାନଙ୍କ ସହିତ ଆଲୋଚନା କରି ସତ୍ୟାସତ୍ୟର ଅନୁସନ୍ଧାନ କରିବେ। ଏହି ଘଟଣା ସମ୍ପର୍କରେ ମୁଖ୍ୟମନ୍ତ୍ରୀ ପୋଲିସ ମହାନିର୍ଦ୍ଦେଶକ ଶ୍ରୀ ୱାଇ.ବି ଖୁରାନିଆଙ୍କ ସହିତ କଥା ହୋଇ ଘଟଣାର ପୁଙ୍ଖାନୁପୁଙ୍ଖ ଯାଞ୍ଚ କରିବା ସହିତ ଦୋଷୀମାନଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ଏଭଳି ଭିଡ଼ ହତ୍ୟା ଘଟଣାର ଯେପରି ପୁନରାବୃତ୍ତି ନହୁଏ, ସେଥିପ୍ରତି ପୋଲିସ ପ୍ରଶାସନ ଓ ପୋଲିସ ବାହିନୀ ସତର୍କ ରହିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି । ରାଜ୍ୟରେ ଆଇନର ଶାସନ ପ୍ରତିଷ୍ଠା କରିବା ପାଇଁ ପୋଲିସ କଠୋରରୁ କଠୋରତମ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି।

# ଗୁଜରାଟରୁ ଆସିବ ୪୮,୩୩୦ କୋଟି ନିବେଶ : ୮ ଏମ୍‌ଓୟୁ, ୬୩ ଆଇଆଇଏଫ୍ ସ୍ୱାକ୍ଷର




ଭୁବନେଶ୍ୱର, ୦୯/୦୫ (ଜେଏନଏସ) : ତିନିଦିନିଆ ଗୁଜରାଟ ଗସ୍ତରେ ଯାଇଥିବା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ୪୮,୩୩୦ କୋଟି ଟଙ୍କାର ପୁଞ୍ଜି ନିବେଶ ପ୍ରସ୍ତାବ ହାସଲ କରିଛନ୍ତି। ଏହି ଗସ୍ତରେ ୮ଟି ବୁଝାମଣାପତ୍ର ଓ ୬୩ଟି ନିବେଶ ଆଗ୍ରହ ଫର୍ମ (ଆଇଆଇଏଫ୍) ସ୍ୱାକ୍ଷର ହେବା ସହ ରାଜ୍ୟ ସରକାରଙ୍କୁ ମୋଟ୍ ୭୧ଟି ନିବେଶ ପ୍ରସ୍ତାବ ମିଳିଛି। ସେହି ପ୍ରକଳ୍ପଗୁଡ଼ିକ କାର୍ଯ୍ୟକାରୀ ହେଲେ ରାଜ୍ୟରେ ୬୭,୮୩୮ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ଗୁଜରାଟର ଚାରିଟି ସହର ଅହମଦାବାଦ, ଭଦୋଦରା, ଏକତାନଗର (କେବାଡ଼ିଆ-ଷ୍ଟାଚ୍ୟୁ ଅଫ୍ ୟୁନିଟି) ଓ ମୁନ୍ଦ୍ରାରେ ୧୩୨ ଜଣ ଶିଳ୍ପପତିଙ୍କ ସହ ଆଲୋଚନା, ଚାରିଟି କ୍ଷେତ୍ରଭିତ୍ତିକ ରାଉଣ୍ଡଟେବୁଲ୍ ବୈଠକ, ୨ଟି ନିବେଶ ପ୍ରସାର ରୋଡ୍ ସୋ ଓ ଉଚ୍ଚସ୍ତରୀୟ ବି୨ଜି ବୈଠକ ଅନୁଷ୍ଠିତ ହୋଇଥିଲା, ଯେଉଁଥିରେ ୭୦୦ରୁ ଅଧିକ ଶିଳ୍ପ ପ୍ରତିନିଧି ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଥିଲେ ଯେ ପଶ୍ଚିମ ଭାରତ ଦେଶର ଶିଳ୍ପ ଅଭିବୃଦ୍ଧିର ନେତୃତ୍ୱ ନେଉଛି। ଏବେ କିନ୍ତୁ ବିକଶିତ ଭାରତ ପାଇଁ ପୂର୍ବ ଭାରତକୁ ଆଗକୁ ବଢ଼ିବାକୁ ପଡ଼ିବ। ସେହି ରୂପାନ୍ତରର ନେତୃତ୍ୱ ନେବା ପାଇଁ ଓଡ଼ିଶା ପ୍ରସ୍ତୁତ ରହିଛି। ଓଡ଼ିଶାକୁ ସେ ଦ୍ରୁତ ଗତିରେ ଆଗକୁ ବଢ଼ୁଥିବା ଭାରତର ପ୍ରମୁଖ ବାଣିଜ୍ୟ କରିଡର୍ ଭାବେ ଅଭିହିତ କରି ରାଜ୍ୟର ଭୌଗୋଳିକ ସ୍ଥିତିର ଲାଭ ଉଠାଇବାକୁ ନିବେଶକମାନଙ୍କୁ ଅନୁରୋଧ କରିଥିଲେ। ପୂର୍ବୋଦୟ ଲକ୍ଷ୍ୟ ଅଧୀନରେ ପୂର୍ବ ଭାରତ ପାଇଁ ଓଡ଼ିଶା ଦ୍ରୁତ ଗତିରେ ଏକ ଗୁରୁତ୍ୱପୂର୍ଣ୍ଣ ଶିଳ୍ପ କେନ୍ଦ୍ର ଭାବେ ଉଭା ହେଉଛି ବୋଲି ଶିଳ୍ପ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ କହିଥିଲେ। ରାଜ୍ୟର ଦୃଢ଼ ବନ୍ଦର ଆଧାରିତ ଭିତ୍ତିଭୂମି, ସ୍ଥିର ଶିଳ୍ପ ନୀତି, ଦକ୍ଷ ଶ୍ରମଶକ୍ତି ଓ ସ୍ପଷ୍ଟ ଭବିଷ୍ୟତ ଯୋଜନା ଉପରେ ସେ ଆଲୋକପାତ କରିଥିଲେ। ଏସବୁ କାର୍ଯ୍ୟକ୍ରମରେ ମୁଖ୍ୟ ସଚିବ ଅନୁ ଗର୍ଗ, ଶିଳ୍ପ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ହେମନ୍ତ ଶର୍ମା ଓ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଏହା ପୂର୍ବରୁ ହାଇଦ୍ରାବାଦ ଓ କୋଲକାତାରେ ଦୁଇଟି ନିବେଶକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା, ଯେଉଁଥିରୁ ସରକାରଙ୍କୁ ୧.୬୭ ଲକ୍ଷ କୋଟି ଟଙ୍କାର ନିବେଶ ପ୍ରସ୍ତାବ ମିଳିଥିଲା।

ଜନବାର୍ତ୍ତା
ସ୍ୱାଭିମାନୀ ଓଡ଼ିଆଙ୍କ ସ୍ୱର
(JANABARTTA SWABHIMANI ODIANKA SWARA)

# ନବୀନଙ୍କ ଦଶା ଭୋଗିଲେ ମମତା




ଭୁବନେଶ୍ୱର, ୦୯/୦୫ (ଜେଏନ୍ଏସ୍) : ନବୀନ ପଟନାୟକ ୨୪ ବର୍ଷ ଓଡ଼ିଶାର ମୁଖ୍ୟମନ୍ତ୍ରୀ ରହିଲେ । ତାଙ୍କ ଦ୍ୱାରା ଗଠନ କରାଯାଇଥିବା ବିଜୁ ଜନତା ଦଳ ମଧ୍ୟ ୨୪ ବର୍ଷ କ୍ଷମତାରେ ରହିଲା । ଭାରତ ବର୍ଷର ଗୋଟିଏ ପ୍ରମୁଖ ରାଜନୈତିକ ଦଳ ହିସାବରେ ପରିଗଣିତ ହେଉଥିଲା ବିଜେଡି । ନବୀନ ପଟନାୟକଙ୍କ ଲୋକପ୍ରିୟତା କେବଳ ଓଡ଼ିଶାରେ ସୀମିତ ନ ଥିଲା, ସାରା ଭାରତ ବର୍ଷରେ ଜଣେ ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ହିସାବରେ ସଦାବେଳେ ଚର୍ଚ୍ଚାରେ ରହୁଥିଲେ ସେ। ବିଭିନ୍ନ ଜନହିତକରି ଯୋଜନା ମାଧ୍ୟମରେ ସେ ବହୁତ ଲୋକପ୍ରିୟତା ହାସଲ କରିଥିଲେ । ଜନ୍ମ ଠାରୁ ମୃତ୍ୟୁ ପର୍ଯ୍ୟନ୍ତ ଅନେକ ଯୋଜନା ବିଜେଡି ସରକାର ସମୟରେ ପ୍ରଚଳିତ ହେଉଥିଲା । ବିଜେଡି ଓ ବିଜେପିର ମେଣ୍ଟ ସରକାର ୨୦୦୯ ପର୍ଯ୍ୟନ୍ତ ଓଡ଼ିଶାରେ ଶାସନ କରୁଥିଲେ। ସେହି ସମୟରେ ନବୀନ ବାବୁ ଓ ବିଜେଡି ଦଳର ମୁଖ୍ୟ ପରାମର୍ଶଦାତା ଥିଲେ ପ୍ୟାରୀ ମୋହନ ମହାପାତ୍ର । ଦଳ ଓ ପ୍ରଶାସନ ଉପରେ ତାଙ୍କର ଅଖଣ୍ଡ କ୍ଷମତା ଥିଲା। ୨୦୦୯ ମସିହାରେ ବିଜେଡି ଓ ବିଜେପି ମେଣ୍ଟ ଭାଙ୍ଗିଲା । ଏହା ପରେ ବିଜେଡି ଆହୁରି ସଶକ୍ତ ହେଲା । ବିଜେପି ଆଉ ସେହିପରି ସଫଳତା ହାସଲ ଓଡ଼ିଶାରେ କରି ପାରିଲା ନାହିଁ । ୨୦୦୯ ସାଧାରଣ ନିର୍ବାଚନରେ ବିଜେପିର ଶୋଚନୀୟ ପରାଜୟ ପ୍ରତିପାଦିତ କଲା ଯେ ନବୀନ ହିଁ ଅଦ୍ୱିତୀୟ ନେତା । ସମୟକ୍ରମେ ବିଜେଡି ଦଳ ଭିତରେ ପ୍ୟାରୀ ମହାପାତ୍ରଙ୍କ ଦବଦବା କମିଲା ଓ ସେତେବେଳେ ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ଥିବା ଭି. କେ. ପାଣ୍ଡିଆନଙ୍କ ପତିଆରା ଦଳ ଭିତରେ ବୃଦ୍ଧି ପାଇବାକୁ ଲାଗିଲା । ୨୦୧୨ ମସିହା ମେ ମାସ ୨୯ ତାରିଖ ମିଡ ନାଇଟ ଅପରେସନ ପରେ ବିଜେଡିରୁ ବିଦା ହେଇଥିଲେ ପ୍ୟାରୀ ମୋହନ । ତା ପରଠାରୁ ଭି. କେ. ପାଣ୍ଡିଆନ ହେଲେ ବିଜେଡିର ହର୍ତ୍ତାକର୍ତ୍ତା । ପ୍ରଶାସନ ଓ ଦଳ ସବୁ ତାଙ୍କରି ନିର୍ଦ୍ଦେଶରେ ପରିଚାଳିତ ହେଲା । ୨୦୧୪ ଓ ୨୦୧୯ ସାଧାରଣ ନିର୍ବାଚନରେ ବିଜେଡିର ବିପୁଳ ବିଜୟ ପରେ ପାଣ୍ଡିଆନ ଉପରେ ସମ୍ପୂର୍ଣ୍ଣ ନୁର୍ଭରଶୀଳ ହେଇ ପଡିଲେ ନବୀନ ପଟନାୟକ। ଶାସନ କ୍ଷମତା ସମ୍ପୂର୍ଣ୍ଣ ପାଣ୍ଡିଆନଙ୍କ ନିର୍ଦ୍ଦେଶରେ ଚାଲିଲା । ଏହାପରେ ଆରମ୍ଭ ହେଲା ପ୍ରକୃତ ରାଜନୈତିକ ଖେଳ । ଦଳ ଭିତରେ ବରିଷ୍ଠ ନେତାଙ୍କ ଭିତରେ ଅସନ୍ତୋଷ ବଢ଼ିଲା । ଦଳୀୟ ନେତା ଓ କର୍ମୀ ନିଜ ନେତା ନବୀନ ପଟନାୟକଙ୍କୁ ଆଉ ଭେଟିବାକୁ ସୁଯୋଗ ପାଇଲେ ନାହିଁ । ଭି. କେ. ପାଣ୍ଡିଆନଙ୍କ ନିଜସ୍ୱ ଗୋଷ୍ଠି ବିଜେଡି ଦଳ ଭିତରେ ସୃଷ୍ଟି ହେଲା । ପାଣ୍ଡିଆନଙ୍କ ଅଘୋଷିତ ନେତୃତ୍ୱକୁ ଯିଏ ନ ମାନିଲା ତା ଉପରେ ଆରମ୍ଭ ହେଇଗଲା କାର୍ଯ୍ୟାନୁଷ୍ଠାନ । ଅନେକ ନେତା ଦଳ ଛାଡି ପଳେଇଲେ। ଅନେକ ଦଳ ବିରୋଧୀ ଆଖ୍ୟା ପାଇ ଦଳରୁ ବିଦା ହେଲେ । ପ୍ରଶାସନିକ କ୍ଷେତ୍ରରେ ମଧ୍ୟ ସେଇଆ ହେଲା । ଭି. କେ. ପାଣ୍ଡିଆନ ମୁଖ୍ୟତଃ ତାମିଲନାଡୁର ବାସିନ୍ଦା ଥିଲେ । ତେଣୁ ଓଡ଼ିଶାରେ ଯେତେ ଅଣ ଓଡ଼ିଆ ପ୍ରଶାସନିକ ଅଧିକାରୀ ଥିଲେ ସମସ୍ତେ ଭାଗ୍ୟଶାଳୀ ସାବ୍ୟସ୍ତ ହେଲେ। ୨୦୧୯ ମସିହା ପରେ ସମୟ ଏପରି ଆସିଲା ଯେ ୩୦ ଜିଲ୍ଲାରୁ ୨୮ ଜିଲ୍ଲାର ଜିଲ୍ଲାପାଳ ଭାବରେ ଅଣ ଓଡ଼ିଆ ଆଇଏସଙ୍କୁ ନିଯୁକ୍ତି ମିଳିଲା । ୩୨ ଆରକ୍ଷୀ ଅଧିକ୍ଷକ ଜିଲ୍ଲାରୁ ୩୦ ଜିଲ୍ଲାରେ ଅଣ ଓଡ଼ିଆ ଆରକ୍ଷୀ ଅଧିକ୍ଷକ ନିଯୁକ୍ତି ପାଇଲେ। ବିଭିନ୍ନ ଦୁଧିଆଳୀ ବିଭାଗରେ ଅଣ ଓଡ଼ିଆ ସଚିବ ନିଯୁକ୍ତି ହେଲେ । ପ୍ରଶାସନ ଓ ସାଧାରଣ ଜନତାଙ୍କ ଭିତରେ ତାରତମ୍ୟ ବଢ଼ିଲା । ଲୋକଙ୍କ ଭିତରେ ଜନ ଅସନ୍ତୋଷ ବଢ଼ିଲା । ଏହି ଆକ୍ରୋଶଭାବର ସଦୁପଯୋଗ କରିବାକୁ ଆଗେଇ ଆସିଲା ଭାରତୀୟ ଜନତା ପାର୍ଟି । ଓଡ଼ିଆ ଅସ୍ମିତାର ସୁରକ୍ଷା ନାରା ନେଇ ବିଜେଡି, ଭି. କେ. ପାଣ୍ଡିଆନ ଓ ବିଜେଡି ବିରୁଦ୍ଧରେ ସ୍ୱତନ୍ତ୍ର ରଣନୀତି ପ୍ରସ୍ତୁତ କରି ବିଜେପି ଶାସନ କ୍ଷମତା ବିଜେଡି ହାତରୁ ୨୦୨୪ ସାଧାରଣ ନିର୍ବାଚନରେ ଛଡେଇ ନେଲା ।

ସମାନ ଅବସ୍ଥା ଆଜି ଘଟିଲା ପଶ୍ଚିମବଙ୍ଗରେ । ତୃଣମୂଳ କଂଗ୍ରେସ ଦୀର୍ଘ ୧୫ ବର୍ଷ ଧରି ଶାସନ କ୍ଷମତାରେ ଥିଲା । ମମତା ବାନାର୍ଜୀ ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ଥିଲେ। ୩୪ ବର୍ଷର କମ୍ୟୁନିଷ୍ଟ ଶାସନ ବିରୁଦ୍ଧରେ ଲଢେଇ କରି ୨୦୧୧ ମସିହାରେ ଶାସନ କ୍ଷମତାକୁ ଆସିଥିଲେ । ସମୟକ୍ରମେ ସେ ନିଜର ଉତ୍ତରାଧିକାରୀ ଭାବରେ ନିଜର ପୁତୁରା ଅଭିଷେକ ବାନାର୍ଜୀଙ୍କୁ ରାଜନୀତିକୁ ଆଣିଲେ । ଅଭିଷେକଙ୍କ ଦବଦବା ଦଳ ଭିତରେ ବଢ଼ିଲା । ଦଳ ଓ ପ୍ରଶାସନ ଭିତରେ ଅଖଣ୍ଡ କ୍ଷମତା ମିଳିଲା ତାଙ୍କୁ । ନିଜର ସ୍ୱତନ୍ତ୍ର ଗୋଷ୍ଠି ତିଆରି କରି ପୁରା ଦଳ ଓ ପ୍ରଶାସନକୁ ନିଜ ନିୟନ୍ତ୍ରଣକୁ ନେଇ ଗଲେ ଅଭିଷେକ । ଦଳ ଭିତରେ ପ୍ରବଳ ଅସନ୍ତୋଷ ସୃଷ୍ଟି ହେଲା । ଅନେକ ପ୍ରତିଷ୍ଠାତା ସଦସ୍ୟ ଦଳ ଛାଡି ଚାଲିଗଲେ। ଏହି ଅସନ୍ତୋଷର ଫାଇଦା ଉଠାଇଲା ବିଜେପି । ଗୋଟିଏ ଦୀର୍ଘ ମିଆଦି ଯୋଜନା ପ୍ରସ୍ତୁତ କରି ପଶ୍ଚିମବଙ୍ଗକୁ ନିଜ ଦାଖଲକୁ ଦେଇଗଲା ଦଳ । ତୃଣମୂଳ ଯୁଗର ଅନ୍ତ ହେଲା ଓ ବିଜେପି ଯୁଗ ଆରମ୍ଭ ହେଲା । ନବୀନ ପଟନାୟକ ଥିଲେ ଅବିବାହିତ । ମମତା ବାନାର୍ଜୀ ମଧ୍ୟ ଅବିବାହିତ । ସେମାନେ ଗଠନ କରିଥିବା ନିଜ ରାଜନୈତିକ ଦଳରେ କୌଣସି ସଠିକ ଉତ୍ତରାଧିକାରୀ ସୃଷ୍ଟି କରି ପାରିଲେ ନାହିଁ । ନବୀନଙ୍କ ନିଷ୍ପତି ଭି. କେ. ପାଣ୍ଡିଆନ ଦଳ ଓ ଓଡ଼ିଶାବାସୀଙ୍କ ଦ୍ୱାରା ଗ୍ରହଣୀୟ ହେଲେ ନାହିଁ । ତେଣୁ ଦଳ ବିପର୍ଯ୍ୟୟର ସମ୍ମୁଖୀନ ହେଲା । ଜୀବନର ପରିଣତ ବୟସରେ ଏବେ ନବୀନ ପଟନାୟକ। ବିରୋଧୀ ଦଳ ନେତା ଅଛନ୍ତି । ଏ ପର୍ଯ୍ୟନ୍ତ ନିଜ ଉତ୍ତରାଧିକାରୀ ଚୟନ କରୁ ନାହାନ୍ତି । ଦଳ ଭିତରେ ପ୍ରବଳ ଅସନ୍ତୋଷ । ଆସନ୍ତା ପଂଚାୟତ ନିର୍ବାଚନ ଓ ୨୦୧୯ ସାଧାରଣ ନିର୍ବାଚନ ପୂର୍ବରୁ ଦଳ ଶୋଚନୀୟ ଅବସ୍ଥାକୁ ଚାଲି ଯାଇଥିବ ବୋଲି ରାଜନୀତି ମହଲରେ ଚର୍ଚ୍ଚା । ସେହିପରି ତୃମୂଳ କଂଗ୍ରେସ ଅବସ୍ଥା । ଶାସନ କ୍ଷମତାରୁ ହଟିଲା ଦଳ । ମମତା ବାନାର୍ଜୀ ମଧ୍ୟ ବୟସର ଅପରାହ୍ନରେ ଉପନୀତ। ତାଙ୍କ ଦ୍ୱାରା ମନୋନୀତ ଅଭିଷେକ ବାନାର୍ଜୀଙ୍କୁ ଦଳ ଓ ବଙ୍ଗବାସି ଗ୍ରହଣ କଲେ ନାହିଁ । ସଠିକ ଉତ୍ତରାଧିକାରୀ ନ ହେଲେ ତୃଣମୂଳ ମଧ୍ୟ ବିଜେଡି ଅବସ୍ଥା ଭୋଗିବ ବୋଲି ଏବେ ଠାରୁ ଆକଳନ ଆରମ୍ଭ ହେଇ ଗଲାଣି ।

## ବିଜେଡିର ରାଘବ ଚଢ଼ା କିଏ ?




ନୂଆଦିଲ୍ଲୀ, ୦୯/୦୫: ନିକଟରେ ଆମ ଆଦମୀ ପାର୍ଟିର ୭ ଜଣ ରାଜ୍ୟସଭା ସାଂସଦ ଦଳ ଛାଡି ବିଜେପିରେ ସାମିଲ ହେଇଛନ୍ତି । ଆମ ଆଦମୀ ପାର୍ଟିର ରାଜ୍ୟସଭାରେ ୧୦ ଜଣ ସାଂସଦ ଥିଲେ। ୭ ଜଣ ଦଳ ପରିତ୍ୟାଗ କଲେ। ଅର୍ଥାତ ଦୁଇ ତୃତୀୟାଂଶରୁ ଅଧିକ । ତେଣୁ ଦଳ ବଦଳ ଆଇନ ହେଇ କ୍ଷେତ୍ରରେ ଲାଗୁ ହେଲା ନାହିଁ ଓ ଏହି ୭ ଜଣ ସାଂସଦ ବିଜେପି ସାଂସଦ ଭାବରେ ପରିଗଣିତ ହେଲେ। ଭାରତବର୍ଷରେ ଏବେ ଅଧିକାଂଶ ଆଞ୍ଚଳିକ ଦଳ ବିଜେପି ଦ୍ୱାରା କବଳିତ। ଅଧିକାଂଶ ଦଳ ବିଭାଜନ ମୁହାଁ । ଭାରତୀୟ ଜନତା ପାର୍ଟିର ରାଜନୈତିକ ଚକ୍ରବ୍ୟୁହରେ ପେଶି ହେଇ ଯାଉଛନ୍ତି ବିଭିନ୍ନ ଆଞ୍ଚଳିକ ଦଳ। ମହାରାଷ୍ଟ୍ରର ପ୍ରମୁଖ ରାଜନୈତିକ ଦଳ ଥିଲା ଶିବସେନା । ବିଜେପି ସହିତ ମେଣ୍ଟ କରି ଏହି ଦଳ ମହାରାଷ୍ଟ୍ରରେ ସରକାର ଗଢ଼ିଥିଲା । ମେଣ୍ଟ ସରକାରରେ ଶିବସେନା ବଡ଼ଭାଇର ଭୂମିକା ନିଭାଉଥିଲା। କିନ୍ତୁ ଏହି ମେଣ୍ଟ ବେଶୀ ଦିନ ତିଷ୍ଠି ପାରିଲା ନାହିଁ । ୨୦୧୯ ବିଧାନସଭା ନିର୍ବାଚନ ପରେ ମେଣ୍ଟରେ ଫାଟ ସୃଷ୍ଟି ହେଇଥିଲା । ଶିବସେନା ଓ କଂଗ୍ରେସ ନିର୍ବାଚନ ପରବର୍ତ୍ତୀ ମେଣ୍ଟ କରି ସରକାର ଗଢ଼ିଲେ। କିଛି ମାସ ପରେ ଶିବସେନାରେ ବିରାଟ ବିଭାଜନ ହେଲା । ଏକନାଥ ସିନ୍ଧେଙ୍କ ନେତୃତ୍ୱରେ ଶିବସେନାର ଦୁଇ ତୃତୀୟାଂଶ ବିଧାୟକ ଦଳ ଛାଡିଲେ । ଶିବସେନା ଚିହ୍ନ ସହିତ ଶିବସେନାକୁ ଦଳକୁ ଏକ ପ୍ରକାର ନିଜ ନିୟନ୍ତ୍ରଣକୁ ନେଇ ଗଲେ ଏକନାଥ ସିନ୍ଧେ । ଏହା କେବଳ ଗୋଟିଏ ଉଦାହରଣ ନୁହଁ । ବିହାରରରେ ଜନତା ଦଳ ୟୁନାଇଟେଡ଼ ଆରଜେଡି ସହିତ ମିଶି ୨୦୦୦ ନିର୍ବାଚନରେ ବହୁମତ ହାସଲ କରିଥିଲା ଓ ସରକାର ଗଢ଼ିଥିଲେ। ମାତ୍ର କିଛି ମାସ ପରେ ନୀତିଶ ପୁଣି ଏନଡିଏକୁ ଫେରିଲେ ଓ ବିଜେପି ସହିତ ମିଶି ସରକାର ଗଢିଲେ।୨୦୨୫ ନିର୍ବାଚନରେ ଏନଡିଏ ସ୍ପଷ୍ଟ ବହୁମତ ପାଇ ସରକାର ଗଢିଲେ । ନୀତିଶ ପୁଣି ମୁଖ୍ୟମନ୍ତ୍ରୀ ହେଲେ । ସରକାର ଗଠନର ଛଅ ମାସ ପୂରିନି ଆଶ୍ଚର୍ଯ୍ୟଜନକ ଭାବେ ନୀତିଶ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେଲେ । ରାଜ୍ୟସଭା ସାଂସଦ ହେଲେ ଓ ବିଜେପିର ସମ୍ରାଟ ଚୌଧୁରୀ ବିହାର ମୁଖ୍ୟମନ୍ତ୍ରୀ ହେଲେ। ଧୀରେ ଧୀରେ ଜେଡିୟୁ ରାଜନୈତିକ ଅସ୍ଥିରତା ଭିତରକୁ ଯିବା ଆରମ୍ଭ ହେଇଗଲା ବୋଲି ସାରା ଦେଶରେ ଚର୍ଚ୍ଚା । ଝାଡ଼ଖଣ୍ଡରେ ଜେଏମଏମ ସରକାର ଗଢ଼ିଛି ସତ କିନ୍ତୁ ଜାତୀୟ ସ୍ତରରେ ସେପରି କରିସ୍ମା ନାହିଁ ଏହି ଦଳର। ଏକଦା ପଞ୍ଜାବରେ ଅକାଳି ଦଳ ସହିତ ମେଣ୍ଟ କରି ପଞ୍ଜାବରେ ସରକାର ଗଢିଥିଲା ବିଜେପି । ଆଜି ଅକାଳି ଦଳର ଚିହ୍ନ ବର୍ଣ ନାହିଁ ପଞ୍ଜାବରେ। ନିକଟରେ ଆମ ଆଦମୀ ପାର୍ଟି ଅତି ସଙ୍କଟ ପରିସ୍ଥିତି ଦେଇ ଗତି କରୁଛି । ଦିଲ୍ଲୀରେ ବିଜେପି ଠାରୁ ପରାଜୟ ପରେ ଦଳରେ ବିଭାଜନ ପ୍ରକ୍ରିୟା ଆରମ୍ଭ ହେଇ ଗଲାଣି କହିଲେ ଚଳେ । ଦଳର ୧୦ ରାଜ୍ୟସଭା ସାଂସଦଙ୍କ ମଧ୍ୟରୁ ୭ ସାଂସଦ ଏବେ ବିଜେପିରେ । ପଞ୍ଜାବରେ ଏବେ ଆପ ସରକାର ଶାସନ କରୁଛି । ଆସନ୍ତା ବର୍ଷ ଅର୍ଥାତ ୨୦୨୭ରେ ପଞ୍ଜାବ ବିଧାନସଭା ନିର୍ବାଚନ । ଏହା ପୂର୍ବରୁ ରାଘବ ଚଢ଼ାଙ୍କ ନେତୃତ୍ୱରେ ୭ ସାଂସଦ ବିଜେପିରେ ମିଶିବା ଦଳ ପାଇଁ ଶକ୍ତ ଧକ୍କା । ଆସନ୍ତା ପଞ୍ଜାବ ବିଧାନସଭା ନିର୍ବାଚନ ପୂର୍ବରୁ ଆପ ପାର୍ଟିରେ ଆହୁରି ବଡ଼ ବିଭାଜନ ହବ ବୋଲି ଜାତୀୟ ରାଜନୀତିରେ ଜୋର ଚର୍ଚ୍ଚା । ଓଡ଼ିଶାରେ ୨୪ ବର୍ଷ ଶାସନ କ୍ଷମତାରେ ରହିଲା ବିଜୁ ଜନତା ଦଳ। ଦଳ ଉଭୟ ବିଜେପି ଓ କଂଗ୍ରେସ ଠାରୁ ସମ ଦୂରତା ବଜାୟ ରଖି ଆସୁଥିଲେ ବି ୨୦୧୪ ପର ଠାରୁ ଏହା ପ୍ରତ୍ୟକ୍ଷ ଭାବରେ ବିଜେପି ସହିତ ଅଘୋଷିତ ମେଣ୍ଟ କରି ରାଜନୀତି କରୁଥିଲା । କ୍ଷମତାରୁ ଯିବା ପରେ ଦଳ ଭିତରେ ଅନେକ ବିଶୃଙ୍ଖଳା । ଅନେକ ନେତା ଦଳ ଛାଡି ସାରିଲେଣି । ନୂଆପଡ଼ା ଉପ ନିର୍ବାଚନରେ ବିଜେଡି ଶୋଚନୀୟ ପରାଜୟ ବରଣ କଲା । ରାଜ୍ୟସଭା ନିର୍ବାଚନରେ ଦଳ ହାରିଲା । ଦଳର ସଭାପତି ନବୀନ ପଟନାୟକ ବୟସାଧିକ କାରଣରୁ ଏତେଟା ଚଳଚଞ୍ଚଳ ହେଇ ପାରୁ ନାହାନ୍ତି । ନିଜର ରାଜନୈତିକ ଉତ୍ତରାଧିକାରୀ ଏ ପର୍ଯ୍ୟନ୍ତ ଘୋଷଣା କରୁ ନାହାନ୍ତି । ଏପରି ସ୍ଥଳେ ବିଜେଡିର ରାଜନୈତିକ ଭବିଷ୍ୟତ ଅନିଶ୍ଚିତତା ଭିତର ଦେଇ ଗତି କରୁଛି । ଆସନ୍ତା ବର୍ଷ ଓଡ଼ିଶାରେ ତ୍ରିସ୍ତରୀୟ ପଂଚାୟତ ନିର୍ବାଚନ ଅନୁଷ୍ଠିତ ହେବ । ଏହା ପୂର୍ବରୁ ବିଜେଡିର ଗୋଟିଏ ବୃହତ ଗୋଷ୍ଠି ବିଜେପିରେ ବିଲୟ ହେବାର ଖବର ନିର୍ଭରଯୋଗ୍ୟ ସୂତ୍ରରୁ ଜଣା ପଡିଛି । ଦୁଇ ତୃତୀୟାଂଶ ବିଜେଡି ବିଧାୟକ ବିଜେପିରେ ସାମିଲ ହେବେ। ଆମ ଆଦମୀ ପାର୍ଟିର ରାଘବ ଚଢ଼ା ଯେପରି ଏହି ଦଳର ବିଭାଜନ ନେତୃତ୍ୱ ନେଇଛନ୍ତି ସେହିପରି ବିଜେଡି ଦଳରେ ଜଣେ ରାଘବ ଚଢ଼ାକୁ ସ୍ଥିର କରା ଯାଇ ସାରିଲାଣି । ଉପକୂଳ ଅଞ୍ଚଳର ଏହି ନେତାଙ୍କ ମାଧ୍ୟମରେ ବିଜେଡି ବିଧାୟକଙ୍କ ସହିତ କଥାବାର୍ତ୍ତା ଅନ୍ତିମ ପର୍ଯ୍ୟାୟରେ । ଅତି ସତର୍କତାର ସହିତ ଏହି ଅପରେସନ ଚାଲିଛି । ନବୀନ ନିବାସ ଏ ପର୍ଯ୍ୟନ୍ତ ଏହାର ସୁରାକ ପାଇ ପାରୁ ନାହିଁ । ଓଡ଼ିଶାରେ ଏହା ଗୋଟିଏ ରାଜନୈତିକ ଭୂକମ୍ପ ସୃଷ୍ଟି କରିପାରେ। ରାଜ୍ୟସଭା ନିର୍ବାଚନ ପରେ ଏହି ଯୋଜନାର ରୂପରେଖ ପ୍ରସ୍ତୁତ କରାଯାଇଛି । ରାଜ୍ୟସଭା ନିର୍ବାଚନରେ ବିଜେଡି କଂଗ୍ରେସ ସହିତ ମେଣ୍ଟ କରିବା ଓ ଦିଲ୍ଲୀରେ ଇଣ୍ଡିଆ ମେଣ୍ଟ ବୈଠକରେ ଯୋଗ ଦେବା ଦଳ ପାଇଁ ବୁମେରାଙ୍ଗ ହେଇଛି । ଦେଖିବାକୁ ଗଲେ ଭାରତ ବର୍ଷର ଗୋଟିଏ ବୃହତ ଆଞ୍ଚଳିକ ଦଳ ହେଉଛି ବିଜେଡି । ଏହି ଦଳ ସମ୍ପୂର୍ଣ୍ଣ ଭାବରେ ବିଜେପିରେ ବିଲୟ ହେଲେ ଏହାର ଭୋଟ ବ୍ୟାଙ୍କ ଭାଙ୍ଗି ଚୁରମାର ହେଇ ଯିବ ବୋଲି ଆଶା ଓ କେବଳ ବିଜେପି ଏହାର ଫାଇଦା ନେବ ବୋଲି ରଣନୀତି ପ୍ରସ୍ତୁତ ହେଉଛି । ବିଜେଡିର ଏହି ରାଘବ ଚଢ଼ା ନବୀନ ନିବାସର ଅତି ନିକଟତର ହେଇ ରାଜନୈତିକ ଚକ୍ରବ୍ୟୁହ ପ୍ରସ୍ତୁତ କରୁଛନ୍ତି । ସମ୍ପୂର୍ଣ୍ଣ ରୂପରେଖ ଆଗାମୀ କିଛି ମାସ ଭିତରେ ପ୍ରସ୍ତୁତ ହେଇ ଯିବ ବୋଲି ସୂତ୍ରରୁ ଜଣା ପଡିଛି ।

## ସୁଧୁରି ଯାଅ, ପାକିସ୍ତାନକୁ ରାଘବଙ୍କ ଚେତାବନୀ

ନୂଆଦିଲ୍ଲୀ, ୦୯/୦୫ : ଆମ୍ ଆଦ୍‌ମୀ ପାର୍ଟି (ଆପ) ଛାଡ଼ି ଭାଜପାରେ ଯୋଗ ଦେଇଥିବା ରାଜ୍ୟ ସଭା ଏମ୍‌ପି ରାଘବ ଚଢ଼ା 'ଅପରେଶନ ସିନ୍ଦୂର'ର ପ୍ରଥମ ବାର୍ଷିକୀରେ ତାଙ୍କ ଇନ୍‌ଷ୍ଟାଗ୍ରାମ ଆକାଉଣ୍ଟରେ ଏକ ଭିଡିଓ ପୋଷ୍ଟ କରିଛନ୍ତି। ଭିଡିଓରେ ଚଢ଼ା ପାକିସ୍ତାନକୁ ଚେତାବନୀ ଦେଇ କହିଛନ୍ତି ଯେ, ଯଦି କୌଣସି ପଡ଼ୋଶୀ ପାକିସ୍ତାନ ପରି, ତେବେ ତାକୁ ସଂଶୋଧନ କରିବା ପାଇଁ କଠୋର ଦଣ୍ଡ ଦେବା ଆବଶ୍ୟକ। ଚଢ଼ା ପାକିସ୍ତାନକୁ ତା'ର ପଥ ସଂଶୋଧନ କରିବାକୁ ଚେତାବନୀ ଦେଇଛନ୍ତି, ନଚେତ ସେହିଦିନ ଆସିବ ଯେତେବେଳେ ଗଙ୍ଗା ନଦୀ କାଶୀରୁ ଇସଲାମାବାଦକୁ ପ୍ରବାହିତ ହେବ। ସେ ଆହୁରି ମଧ୍ୟ କହିଛନ୍ତି, ଏହା ସତ୍ୟ ଯେ ତୁମେ ବନ୍ଧୁ ବଦଳାଇ ପାରିବ, କିନ୍ତୁ ତୁମର ପଡ଼ୋଶୀ ନୁହେଁ। ଯଦି କୌଣସି ପଡ଼ୋଶୀ ପାକିସ୍ତାନ ପରି, ତେବେ ତାକୁ ସଂଶୋଧନ କରିବା ପାଇଁ କଠୋର ଦଣ୍ଡ ଦେବା ଆମର ପ୍ରଥମ କର୍ତ୍ତବ୍ୟ। ଆଜି ଭାରତ କେବଳ ପାକିସ୍ତାନ ବିରୋଧରେ ନୁହେଁ, ବରଂ ନିଷ୍ଠୁରତା, ବର୍ବରତା ଏବଂ ଆତଙ୍କବାଦୀ ମାନସିକତା ବିରୋଧରେ ଯୁଦ୍ଧ ଲଢୁଛି। ଆମର ସେନା ଯେଉଁ ଅବିଶ୍ୱସନୀୟ ସାହସ ଏବଂ ସାହସ ସହିତ ଲଢୁଛି ତାହା ସ୍ପଷ୍ଟ କରୁଛି ଯେ ଏଥର ଆତଙ୍କବାଦ ମୂଳପୋଛ ହୋଇଯିବ।'

## ବାଲିଅନ୍ତାରେ ରାଜ୍ୟ ମହିଳା କମିଶନ ଅଧ୍ୟକ୍ଷା

ଭୁବନେଶ୍ୱର, ୦୯/୦୫ (ଜେଏନ୍ଏସ୍) : ବାଲିଅନ୍ତାରେ ରାଜ୍ୟ ମହିଳା କମିଶନ ଅଧ୍ୟକ୍ଷା ଶୋଭନା ମହାନ୍ତି ପହଞ୍ଚିଛନ୍ତି। ଯୁବକଙ୍କୁ ହତ୍ୟା କରାଯାଇଥିବା ସ୍ଥଳ ପରିଦର୍ଶନ ସହ ପ୍ରାଥମିକ ତଦନ୍ତ ଆରମ୍ଭ କରିଛନ୍ତି। ଯୁବକଙ୍କୁ ମାଡ କରି ଗୁରୁତର କରିଥିଲେ ସ୍ଥାନୀୟଲୋକେ। ପୁଲିସ ଉଦ୍ଧାର କରି ମେଡିକାଲ ନେବା ବାଟରେ ଯୁବକଙ୍କ ମୃତ୍ୟୁ ଘଟିଥିଲା। ପ୍ରାଥମିକ ତଦନ୍ତ ପରେ କଠୋର କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି ରାଜ୍ୟ ମହିଳା କମିଶନ ଅଧ୍ୟକ୍ଷା। ସେ ଆହୁରି ମଧ୍ୟ କହିଛନ୍ତି ଯିଏ ଅଭିଯୁକ୍ତ ହୋଇଥିବେ, କାହାକୁ ମଧ୍ୟ ଛଡାଯିବନି କହିଛନ୍ତି ମୁଖ୍ୟମନ୍ତ୍ରୀ। ସାକ୍ଷ୍ୟ,ପ୍ରମାଣ ଓ ତଥ୍ୟ ଆଧାରରେ ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏହାସହ ପୀଡିତାଙ୍କ ଘରେ ପହଞ୍ଚି ବୟାନ ନେଇଛନ୍ତି ରାଜ୍ୟ ମହିଳା କମିଶନ ଅଧ୍ୟକ୍ଷା। ଏହାପରେ ମୃତ ସୌମ୍ୟରଞ୍ଜନ ସ୍ୱାଇଁଙ୍କ ଘରକୁ ମଧ୍ୟ ଅଧ୍ୟକ୍ଷା ଓ ଟିମ୍ ଯିବେ।

## ନିର୍ବାଚନରେ 'ବାଲାଟ୍ ' ବିବାଦ ବିଜେଡିକୁ ତଥ୍ୟପ୍ରମାଣ ମାଗିଲେ ସିଇଓ

ଭୁବନେଶ୍ୱର, ୦୯/୦୫ (ଜେଏନ୍ଏସ୍) : ରାଜ୍ୟସଭା ନିର୍ବାଚନବେଳେ ବିଜେପିର ଦୁଇଜଣ ବିଧାୟକଙ୍କୁ 'ଦ୍ୱିତୀୟ ବାଲାଟ ପେପର' ପ୍ରଦାନ କରାଯିବାକୁ ନେଇ ଯେଉଁ ସଙ୍ଗୀନ ଅଭିଯୋଗ ବିଜେଡି ଆଣିଥିଲା, ତାହାର ଶୁଣାଣି ଚଳିତମାସ ୧୧ତାରିଖ ପୂର୍ବାହ୍ନ ୧୧ଟାରେ ହେବ। ରାଜ୍ୟସଭା ନିର୍ବାଚନରେ ବିଜେଡିର ଅନିୟମିତତା ଅଭିଯୋଗର ଶୁଣାଣି କରିବେ ନିର୍ବାଚନ ଆୟୋଗ। ବିଜେଡି ସାଂସଦ ସସ୍ମିତ ପାତ୍ରଙ୍କ ଲିଖିତ ଅଭିଯୋଗ ଆଧାରରେ ଆସନ୍ତା ୧୧ତାରିଖରେ ନିଜର ପକ୍ଷ ଓ ତଥ୍ୟପ୍ରମାଣ ଉପସ୍ଥାପନ କରିବାକୁ ବିଜେଡିକୁ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ(ସିଇଓ) ସମୟ ଦେଇଛନ୍ତି। ନିର୍ବାଚନ ଆୟୋଗଙ୍କ ହସ୍ତକ୍ଷେପ ପରେ ଏହି ମାମଲା ନିର୍ଣ୍ଣାୟକ ମୋଡରେ ପହଂଚିଛି। ଗତ ମାର୍ଚ୍ଚ ୧୬ତାରିଖ ରାଜ୍ୟସଭା ନିର୍ବାଚନବେଳେ ବିଜେପିର ଦୁଇଜଣ ବିଧାୟକଙ୍କୁ 'ଦ୍ୱିତୀୟ ବାଲାଟ ପେପର' ପ୍ରଦାନ କରାଯିବାକୁ ନେଇ ଯେଉଁ ସଙ୍ଗୀନ ଅଭିଯୋଗ ବିଜେଡି ଆଣିଥିଲା, ତାହାର ଶୁଣାଣି ପାଇଁ ଚଳିତମାସ ୧୧ତାରିଖ ପୂର୍ବାହ୍ନ ୧୧ଟାରେ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ (ସିଇଓ) ଏକ




ଗୁରୁତ୍ୱପୂର୍ଣ୍ଣ ବୈଠକ ଡାକିଥିବା ଜଣାପଡ଼ିଛି। ଯୁଗ୍ମ ସିଇଓ ଗୋପୀନାଥ କୁଅଁର ଏନେଇ ସାଂସଦ ସସ୍ମିତ ପାତ୍ରଙ୍କୁ ଚିଠି ଲେଖି ଅବଗତ କରିବା ପରେ ବିଜେଡି ପକ୍ଷରୁ ୫ଜଣିଆ ଟିମ୍ ଗଠନ ହୋଇଥିବା ସୂଚନା ମିଳିଛି। ସୂଚନା ଅନୁସାରେ, ସାଂସଦ ସସ୍ମିତ ପାତ୍ର ଏପ୍ରିଲ ୨୮ତାରିଖରେ ମୁଖ୍ୟ ନିର୍ବାଚନ ଆୟୋଗ ଜ୍ଞାନେଶ କୁମାରଙ୍କୁ ଭେଟି ରାଜ୍ୟସଭା ନିର୍ବାଚନରେ ହୋଇଥିବା ଅନିୟମିତତାର ତଦନ୍ତ ପାଇଁ ଲିଖିତ ଦାବି ଜଣାଇଥିଲେ। ଏହାପରେ ନିର୍ବାଚନ ଆୟୋଗଙ୍କ ଅଧିକାରୀ ଏହି ମାମଲାକୁ ପ୍ରାଥମିକତା ଭିତ୍ତିରେ ଶୁଣାଣି କରିବା ନିମନ୍ତେ ରାଜ୍ୟ ସିଇଓଙ୍କୁ ପରାମର୍ଶ ଦେଇଛନ୍ତି। ଯୁଗ୍ମ ସିଇଓ ଶ୍ରୀ କୁଅଁର ବିଜେଡିକୁ ଚିଠି ଲେଖି ୧୧ତାରିଖରେ ଦିନ ୧୧ଟାବେଳେ ଉପସ୍ଥିତ ରହି ପକ୍ଷ ଓ ତଥ୍ୟ ଉପସ୍ଥାପନ ପାଇଁ କହିଛନ୍ତି। ଅନ୍ୟପକ୍ଷରେ ବିଜେଡି ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ, ମେ' ୧୧ତାରିଖ ବୈଠକ ପାଇଁ ବିଜେଡି ପକ୍ଷରୁ ୫ଜଣିଆ ପ୍ରତିନିଧି ଦଳ ଗଠନ ହୋଇଛି। ବିଧାନସଭାରେ ବିରୋଧୀ ଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟଙ୍କ ନେତୃତ୍ୱରେ ଦଳର ବରିଷ୍ଠ ନେତ୍ରୀ ପ୍ରମିଳା ମଲ୍ଲିକ, ଅରୁଣ ସାହୁ, ପ୍ରତାପ କେଶରୀ ଦେବ ଓ ସସ୍ମିତ ପାତ୍ର ଏହି ବୈଠକରେ ସାମିଲ ହେବେ। ରାଜ୍ୟସଭା ନିର୍ବାଚନବେଳେ ଦିଆଯାଇଥିବା ଦ୍ୱିତୀୟ ବାଲାଟ୍ ସଂକ୍ରାନ୍ତୀୟ ଭିଡିଓ ଫୁଟେଜ୍ ଓ ଲିଖିତ ପ୍ରମାଣ ଦଳ ପକ୍ଷରୁ ପ୍ରଦାନ କରାଯିବ ବୋଲି ସୂଚନା ମିଳିଛି। ସୂଚନାଯୋଗ୍ୟ, ମାର୍ଚ୍ଚ ୧୬ତାରିଖରେ ରାଜ୍ୟସଭା ନିର୍ବାଚନ ପାଇଁ ମତଦାନବେଳେ ବିଜେପି ବିଧାୟକ ପୂର୍ଣ୍ଣଚନ୍ଦ୍ର ସେଠୀ ଓ ଉପାସନା ମହାପାତ୍ରଙ୍କୁ ଦ୍ୱିତୀୟଥର ବାଲାଟ ପେପର ପ୍ରଦାନ କରାଯାଇଥିଲା। ଯାହା ଉପରେ ବିଜେଡି ପ୍ରତିବାଦ କରିଥିଲା। ଏହା ନିର୍ବାଚନ ପରିଚାଳନା ନିୟମାବଳୀ-୧୯୬୧ର ଧାରା ୪୧କୁ ଉଲ୍ଲଘଂନ କରୁଛି ବୋଲି ବିଜେଡି ଦର୍ଶାଇଥିଲା। କିନ୍ତୁ ଦଳ ଏହି ବିବାଦ ଉପୁଜିବାର ପ୍ରାୟ ୪୨ଦିନ ପରେ ନିର୍ବାଚନ ଆୟୋଗଙ୍କ ଦ୍ୱାରସ୍ଥ ହୋଇଥିଲା। ରାଜ୍ୟସଭା ନିର୍ବାଚନରେ ବିଜେପିର ୨ଜଣ ଓ ବିଜେପି ସମର୍ଥିତ ଜଣେ ସ୍ୱାଧୀନ ପ୍ରାର୍ଥୀ ବିଜୟୀ ହୋଇଥିବାବେଳେ ବିଜେଡିର ଜଣେ ପ୍ରାର୍ଥୀ ବିଜୟୀ ହୋଇଥିଲେ।

## ବବିଙ୍କ ଉପରେ ରାଗ ଶୁଝାଇଲେ ପାଣ୍ଡିଆନ : ଖୋର୍ଦ୍ଧା ବିଜେଡିରେ ବିଭୂତି-ବୁଟୁଙ୍କୁ କୋଣଠେସା

ଭୁବନେଶ୍ୱର, ୦୯/୦୫ (ଜେଏନ୍ଏସ୍) : ଦୀର୍ଘ ପ୍ରାୟ ଏକବର୍ଷ ଧରି ଛକାପଞ୍ଝା ପରେ ଆଜି ଖୋର୍ଦ୍ଧା ଜିଲ୍ଲା ବିଜେଡି ସଭାପତିଙ୍କ ନାମ ଘୋଷଣା ସହ ୮୯ଜଣିଆ ରାଜ୍ୟ କର୍ମକର୍ତ୍ତାଙ୍କୁ ନିଯୁକ୍ତିରୁ ଏହି ଚିତ୍ର ସ୍ପଷ୍ଟ ହୋଇଛି। ୨୦୨୫ ମଇ ୫ତାରିଖରେ ବିଜେଡି ନିଜର ୭୧ଜଣିଆ ରାଜ୍ୟ ପଦାଧିକାରୀ ତାଲିକା ଘୋଷଣା କରିଥିଲା। ବିଜେଡିରେ ଚାଲିଥିବା ଆଧିପତ୍ୟର ଲଢ଼େଇକୁ ଏବେ ସ୍ପଷ୍ଟ ରୂପରେଖ ମିଳିଛି। ଦଳର ଅଘୋଷିତ ସର୍ବେସର୍ବା ଭିକେ ପାଣ୍ଡିଆନ ଓ ତାଙ୍କ ଖାସ୍ ସହଯୋଗୀ ମାନସ ମଙ୍ଗରାଜ ପୁଣିଥରେ ପୁରୁଣା ଫର୍ମାଟରେ ନବୀନ ପଟ୍ଟନାୟକଙ୍କ ବିଜେଡିକୁ ସମ୍ପୂର୍ଣ୍ଣ ନିୟନ୍ତ୍ରଣକୁ ନେଇଛନ୍ତି। ଆଉ ପାଣ୍ଡିଆନଙ୍କ ପାଇଁ 'କ୍ରୀତଦାସ' ସାଜିଥିବା ଦଳର ପୂର୍ବତନ ସଂଗଠନ ସମ୍ପାଦକ ପ୍ରଣବପ୍ରକାଶ ଦାସ ଓରଫ ବବିଙ୍କୁ ସମ୍ପୂର୍ଣ୍ଣ କୋଣଠେସା କରିଦେଇଛନ୍ତି। ଦୀର୍ଘ ପ୍ରାୟ ଏକବର୍ଷ ଧରି ଛକାପଞ୍ଝା ପରେ ଆଜି ଖୋର୍ଦ୍ଧା ଜିଲ୍ଲା ବିଜେଡି ସଭାପତିଙ୍କ ନାମ ଘୋଷଣା ସହ ୮୯ଜଣିଆ ରାଜ୍ୟ କର୍ମକର୍ତ୍ତାଙ୍କୁ ନିଯୁକ୍ତିରୁ ଏହି ଚିତ୍ର ସ୍ପଷ୍ଟ ହୋଇଛି। ୨୦୨୫ ମଇ ୫ତାରିଖରେ ବିଜେଡି ନିଜର ୭୧ଜଣିଆ ରାଜ୍ୟ ପଦାଧିକାରୀ ତାଲିକା ଘୋଷଣା କରିଥିଲା। ସୂଚନା ଅନୁସାରେ, ଦଳର ଦୁଇଜଣ ରାଜ୍ୟ ସାଧାରଣ ସମ୍ପାଦକଙ୍କୁ ଖୋର୍ଦ୍ଧା ଜିଲ୍ଲାର ସଭାପତି ଓ କାର୍ଯ୍ୟକାରୀ ସଭାପତି ଭାବେ ଆଜି ନିଯୁକ୍ତି ମିଳିଛି। ବିଜେଡିର ସାଧାରଣ ସମ୍ପାଦକ ରାଜେନ୍ଦ୍ର ସାହୁଙ୍କୁ ଖୋର୍ଦ୍ଧା ଜିଲ୍ଲା ସଭାପତି ଓ ମନ୍ମଥ ରାଉତରାୟଙ୍କୁ କାର୍ଯ୍ୟକାରୀ ସଭାପତି ଭାବେ ନିଯୁକ୍ତି ମିଳିଛି । ସେହିପରି ବାଲେଶ୍ୱର ଜିଲ୍ଲାର ସଭାପତି ଭାବେ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ଏବଂ କାର୍ଯ୍ୟକାରୀ ସଭାପତି ପଦରେ ବିଧାୟକ ଗୌତମବୁଦ୍ଧ ଦାସଙ୍କୁ ନିଯୁକ୍ତି ମିଳିଛି। ଗୌତମ ଏବେ ଦଳର ସାଧାରଣ ସମ୍ପାଦକ ଭାବେ କାର୍ଯ୍ୟରତ ଅଛନ୍ତି। ତେବେ ବିଜେଡି କେବଳ ଖୋର୍ଦ୍ଧା ଓ ବାଲେଶ୍ୱର ଜିଲ୍ଲାକୁ ଛାଡ଼ି ଗତବର୍ଷ ନିଜର ସବୁ ସାଂଗଠନିକ ଜିଲ୍ଲାର ସଭାପତିଙ୍କ ନାମ ଘୋଷଣା ସହ ଜିଲ୍ଲା ପଦାଧିକାରୀ କମିଟି ମଧ୍ୟ ଗଠନ କରିଥିଲା। ଖୋର୍ଦ୍ଧା ଓ ବାଲେଶ୍ୱର ଜିଲ୍ଲାରେ ବିଜେଡିରେ ଚାଲିଥିବା ତୀବ୍ର ଗୋଷ୍ଠୀକନ୍ଦଳ ଏବଂ ବିଶେଷକରି ବବି-ମାନସଙ୍କ ଯୋଗୁ ଦଳ ସେଠାରେ କୌଣସି ନିର୍ଦ୍ଦିଷ୍ଟ ଗୋଷ୍ଠୀଙ୍କୁ ଦଳର ମଙ୍ଗ ଧରାଇବାକୁ ଚାହୁଁନଥିଲା। ମାତ୍ର ଆଜି ଖୋର୍ଦ୍ଧା ଓ ବାଲେଶ୍ୱର ଜିଲ୍ଲା ସଭାପତି ନିଯୁକ୍ତି ମାଧ୍ୟମରେ ମାନସଙ୍କୁ ମୋହରା କରି ପାଣ୍ଡିଆନ ନିଜର ପତିଆରା ଦେଖାଇବା ସହ ବବିଙ୍କୁ ସମ୍ପୂର୍ଣ୍ଣ କୋଣଠେସା କରିଦେଇଥିବା ଏକରକମ ସ୍ପଷ୍ଟ ହୋଇଯାଇଛି। ବବିଙ୍କ ସମସ୍ତ ଲବି ଧୂଳିସାତ୍ ହୋଇଯାଇଛି।

ବିଜେଡି ସୂତ୍ର ଅନୁସାରେ, ବବି ନିଜ ପରିବାରର ଖାସ୍ ଅନୁଗତ କୈଳାସ ପାତ୍ର ଓରଫ ବୁଟୁଙ୍କୁ ଖୋର୍ଦ୍ଧା ଜିଲ୍ଲା ବିଜେଡି ସଭାପତି ଭାବେ ନିଯୁକ୍ତି ଦେବାକୁ ଚାହୁଁଥିଲେ। ୨୦୨୪ ସାଧାରଣ ନିର୍ବାଚନ ପୂର୍ବରୁ ବୁଟୁ ଦଳର ରାଜ୍ୟ ସାଧାରଣ ସମ୍ପାଦକ ଭାବେ କାର୍ଯ୍ୟ କରିବା ସହ ବେଗୁନିଆ ବିଧାନସଭା ଆସନରୁ ଦଳୀୟ ପ୍ରାର୍ଥୀ ହେବାକୁ ଲବି କରିଥିଲେ। କିନ୍ତୁ ଶେଷମୁହୂର୍ତ୍ତରେ ନିଜର ଗଡ଼ଫାଦରଙ୍କ ସହାୟତାରେ ମାନସ ତାଙ୍କର ଖାସ୍ ସହଯୋଗୀ ପ୍ରଦୀପ ସାହୁଙ୍କୁ ଦଳୀୟ ଟିକେଟ୍ ଦେବାରେ ସକ୍ଷମ ହୋଇଥିଲେ। ଆଉ ବୁଟୁଙ୍କୁ ଉପଯୁକ୍ତ ଥଇଥାନ କରାଯିବାର ପ୍ରତିଶ୍ରୁତି ମିଳିଥିଲା। ଏପରିକି ବୁଟୁଙ୍କ ସମ୍ପର୍କୀୟ ତଥା ବାଲିପାଟଣା ନିର୍ବାଚନମଣ୍ଡଳୀରେ ବିଜେଡିର ପ୍ରଭାବଶାଳୀ ନେତା ଚନ୍ଦନ ପାତ୍ର ଗତ ରାଜ୍ୟସଭା ନିର୍ବାଚନରେ ଦଳବିରୋଧରେ ଯାଇଥିଲେ ମଧ୍ୟ ବୁଟୁଙ୍କୁ ଦଳଠୁ ଦୂରେଇ ଯାଇନଥିଲେ। ଆଉ ସଭାପତି ପଦ ପାଇଁ ଲବି ଜାରି ରଖିଥିଲେ, ମାତ୍ର ସେଥିରେ ବ୍ରେକ୍ ଲାଗିଛି। ଜଟଣୀ ବିଧାୟକ ତଥା ଦଳର ବରିଷ୍ଠ ନେତା ବିଭୂତି ବଳବନ୍ତରାୟ ମଧ୍ୟ ସଭାପତି ଦୌଡ଼ରେ ରହିଥିଲେ। କିନ୍ତୁ ବବିଙ୍କ ଉପରେ ରାଗ ଶୁଝାଇବା ପାଇଁ ଏବଂ ତାଙ୍କୁ କୋଣଠେସା କରିବା ଉଦ୍ଦେଶ୍ୟରେ ରାଜ୍ୟ କମିଟିରେ ସାଧାରଣ ସମ୍ପାଦକ ଭାବେ କାର୍ଯ୍ୟରତ ରାଜେନ୍ଦ୍ର ଓ ମନ୍ମଥଙ୍କୁ ଖୋର୍ଦ୍ଧା ବିଜେଡିର ସଭାପତି ଓ କାର୍ଯ୍ୟକାରୀ ସଭାପତି ଭାବେ ଅବସ୍ଥାପିତ କରିଛନ୍ତି। ଆଉ ବେଗୁନିଆ ବିଧାୟକ ପ୍ରଦୀପ ସାହୁଙ୍କୁ ରାଜ୍ୟ କମିଟିରେ ସାଧାରଣ ସମ୍ପାଦକ ଭାବେ ସ୍ଥାନିତ ମଧ୍ୟ କରାଯାଇଛି। ଆଉ ବବିଙ୍କ ଉପରେ ରାଗ ଶୁଝାଇବା ପାଇଁ ବିଭୂତି ଓ ବୁଟୁଙ୍କୁ ବାଦ୍ ଦିଆଯାଇଛି ବୋଲି ଚର୍ଚ୍ଚା ହେଉଛି। ଅବଶ୍ୟ ରବୀନ୍ଦ୍ର ଜେନା ନିଜର ଦଳବଳ ସହ ବିଜେପିରେ ସାମିଲ ହେବାପରେ ବାଲେଶ୍ୱରରେ ଜ୍ୟୋତିପ୍ରକାଶ ପାଣିଗ୍ରାହୀଙ୍କ ଗୋଷ୍ଠୀ ସକ୍ରିୟ ହୋଇପଡ଼ିଛି। ଜ୍ୟୋତିଙ୍କୁ ସଭାପତି ଓ ଗୌତମ ବୁଦ୍ଧଙ୍କୁ କାର୍ଯ୍ୟକାରୀ ସଭାପତି କରାଯାଇଛି। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଖୋର୍ଦ୍ଧା ଓ ବାଲେଶ୍ୱର ଜିଲ୍ଲାରେ ପୁରୁଣା କର୍ମୀ-ନେତାଙ୍କୁ ଅଣଦେଖା କରି ୨୦୨୪ ସାଧାରଣ ନିର୍ବାଚନ ପୂର୍ବରୁ ବିଜେଡିକୁ ଆମଦାନୀ ହୋଇଥିବା ମନ୍ମଥ ଓ ଗୌତମଙ୍କୁ ଜିଲ୍ଲାର କାର୍ଯ୍ୟକାରୀ ସଭାପତି କରାଯାଇଛି । ଆଉ ଏହି ଦୁଇଜଣଙ୍କୁ ବିଜେଡିକୁ ଆଣି ଟିକେଟ୍ ଦେବାରେ ମାନସ ମଙ୍ଗରାଜ ହିଁ ପ୍ରମୁଖ ଭୂମିକା ନେଇଥିଲେ । ସେହିପରି ନିର୍ବାଚନ ପୂର୍ବରୁ ପ୍ରଦୀପ ସାହୁଙ୍କୁ ବିଜେଡିକୁ ଆମଦାନୀ କରି ବେଗୁନିଆର ଟିକେଟ୍ ଦେବାରେ ମଧ୍ୟ ମାନସ ସଫଳ ହୋଇଥିଲେ। ଏବେ ମାନସ ପୁଣିଥରେ ପାଣ୍ଡିଆନଙ୍କ ମାଧ୍ୟମରେ ନିଜର ସେହି ଅନୁଗତମାନଙ୍କୁ ରାଜ୍ୟ ଓ ଜିଲ୍ଲା କମିଟିରେ ସ୍ଥାନିତ କରିବାରେ ସକ୍ଷମ ହୋଇଥିବାବେଳେ ବବି ସମ୍ପୂର୍ଣ୍ଣ କୋଣଠେସା ହୋଇପଡ଼ିଛନ୍ତି। ପାଣ୍ଡିଆନ ବିଜେଡିକୁ ପୁଣିଥରେ ନିଜର ନିୟନ୍ତ୍ରଣରେ ରଖିବା ପାଇଁ ମାନସ ମଙ୍ଗରାଜଙ୍କୁ ବିଜେଡି ସଂସଦୀୟ ଦଳ ନେତା କରିବା ପରେ ଏବେ ସୁଚିନ୍ତିତ ଢଙ୍ଗରେ ବବିଙ୍କ ଅନୁଗତମାନଙ୍କୁ ବାଛି ବାଛି ସଫା କରୁଛନ୍ତି ବୋଲି ଦଳୀୟ ମହଲ ଚର୍ଚ୍ଚା। ଉଲ୍ଲେଖଯୋଗ୍ୟ, ଆଜି ଆଉ ୪ଟି ଜିଲ୍ଲାରେ କାର୍ଯ୍ୟକାରୀ ସଭାପତିଙ୍କ ସମେତ ଇସହଙ୍କ ଔବଭବସ୍ୱବ ଉବକ୍ଷ ରାଜ୍ୟ କମିଟିରେ ବରିଷ୍ଠ ନେତା ରଘୁନାଥ ମହାନ୍ତିଙ୍କୁ ଉପସଭାପତି ଓ ଆଉ ୫ଜଣଙ୍କୁ ବରିଷ୍ଠ ସାଧାରଣ ସମ୍ପାଦକ, ଆଉ ୨୭ଜଣଙ୍କୁ ସାଧାରଣ ସମ୍ପାଦକ, ୪୪ଜଣଙ୍କୁ ସମ୍ପାଦକ, ୧୧ଜଣଙ୍କୁ ଯୁଗ୍ମ ସମ୍ପାଦକ ଭାବେ ନିଯୁକ୍ତି ମିଳିଛି । ଅନୁଗୁଳରେ ନଳିନୀକାନ୍ତ ପ୍ରଧାନ, ବୌଦ୍ଧରେ ମହିଧର ରଣା, ଢେଙ୍କାନାଳରେ ନରୋତ୍ତମ ସାହୁ ଓ କେନ୍ଦୁଝରରେ ପ୍ରମୋଦ ପଟ୍ଟନାୟକଙ୍କୁ କାର୍ଯ୍ୟକାରୀ ସଭାପତି ଭାବେ ନିଯୁକ୍ତି ଦିଆଯାଇଛି। ଆଜିର ନିଯୁକ୍ତି ପରେ ଖୋର୍ଦ୍ଧାର ଟାଣୁଆ ନେତା ବିଭୂତି ବଳବନ୍ତରାୟ ଓ ବୁଟୁ ପାତ୍ରଙ୍କ ଭବିଷ୍ୟତ କାର୍ଯ୍ୟପନ୍ଥା କ'ଣ ହେବ, ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ବବିଙ୍କ ଶକ୍ତି ହ୍ରାସ କରି ପାଣ୍ଡିଆନ ଏବେ ନିଜର ସାମ୍ରାଜ୍ୟ ବିସ୍ତାର କରିଛନ୍ତି ସତ, କିନ୍ତୁ ବିଭୂତି ଓ ବୁଟୁଙ୍କ ପରବର୍ତ୍ତୀ ପଦକ୍ଷେପ ଖୋର୍ଦ୍ଧା ବିଜେଡିରେ ବିଭାଜନ ପାଇଁ ମାର୍ଗ ପ୍ରଶସ୍ତ କରିବାର ଆଶଙ୍କା ରହିଥିବା ସାଧାରଣରେ ଚର୍ଚ୍ଚା।



## ଆନ୍ଧ୍ର ଡାକ୍ତରରେ ଓଡ଼ିଶା ଚିକିତ୍ସା

ପାରଳାଖେମୁଣ୍ଡି, ୦୯/୦୫ (ଜେଏନ୍ଏସ୍) : ଆନ୍ଧ୍ରପ୍ରଦେଶ ନିକଟରେ ବନ୍ଧା ପଡ଼ିଛି ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ। ଶୁଣିବାକୁ ଆଶ୍ଚର୍ଯ୍ୟ ଲାଗୁଥିଲେ ବି ସତ। ଏହି ଚିତ୍ର ଦେଖିବାକୁ ମିଳିଛି, ଆନ୍ଧ୍ରପ୍ରଦେଶ ସୀମାନ୍ତ ଗଜପତିଜିଲ୍ଲା ପାରଳାଖେମୁଣ୍ଡିରେ ଥିବା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ। ବିଶେଷଜ୍ଞ ଡାକ୍ତରଙ୍କ ଅଭାବ ଦୂର କରିବାକୁ ଯାଇ ସଂପ୍ରତି ଡାକ୍ତରଖାନାର ରୋଗୀ କଲ୍ୟାଣ ପାଣ୍ଠିରୁ ଆନ୍ଧ୍ରପ୍ରଦେଶର ଶ୍ରୀକାକୁଲମସ୍ଥିତ ଘରୋଇ ହସ୍ପିଟାଲର କିଛି ବିଶେଷଜ୍ଞ ଡାକ୍ତରଙ୍କୁ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ନିୟୋଜିତ କରିଛି। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ବିଭାଗରେ ୧୪ ଆନ୍ଧ୍ର ଡାକ୍ତର ନିୟୋଜିତ ହୋଇଥିବା ବେଳେ ସେମାନେ ଭିନ୍ନ ଭିନ୍ନ ଦିନରେ ସେବା ଯୋଗାଇବାକୁ ଚୁକ୍ତି କରିଥିବା ଜଣାପଡ଼ିଛି। ଫଳରେ କିଛି ଦଲାଲ ବର୍ତ୍ତମାନ ଏବେ ଏହି ପ୍ରତିକୂଳ ପରିସ୍ଥିତିର ଫାଇଦା ଉଠାଉଛନ୍ତି। ଭାଷାଗତ ସମସ୍ୟା ଓ ଡାକ୍ତରଙ୍କୁ ସହଯୋଗ କରିବା ପାଇଁ ସେମାନେ ନିୟମିତ ଡାକ୍ତରଖାନାକୁ ଆସୁଛନ୍ତି। ଯେଉଁମାନେ କି ଅଧିକ ଚିକିତ୍ସା ପାଇଁ ଆନ୍ଧ୍ରର ଘରୋଇ ହସ୍ପିଟାଲକୁ ଯିବାକୁ ରୋଗୀଙ୍କୁ ପ୍ରବର୍ତ୍ତାଉଛନ୍ତି। ଆୟୁଷ୍ମାନ କାର୍ଡଧାରୀ ରୋଗୀଙ୍କୁ ବିନାମୂଲ୍ୟରେ ଚିକିତ୍ସା ଦେବାକୁ କହି ପ୍ରଲୋଭିତ କରି ଘରୋଇ ଆମ୍ବୁଲାନ୍ସ ଯୋଗେ ଆନ୍ଧ୍ର ପଠାଉଛନ୍ତି। ଏମାନଙ୍କ ମାଧ୍ୟମରେ ଆନ୍ଧ୍ରର ଘରୋଇ ହସ୍ପିଟାଲଗୁଡ଼ିକ ନେଟୱର୍କ ସଜାଡୁଥିବା ଅଭିଯୋଗ ହୋଇଛି। ସ୍ୱାସ୍ଥ୍ୟସେବା ପାଇଁ ସରକାରଙ୍କ ପାଣ୍ଠିରୁ ଲକ୍ଷ ଲକ୍ଷ ଟଙ୍କା ପାଣି ଭଳି ଖର୍ଚ୍ଚ ହେଉଛି। କିନ୍ତୁ ଡାକ୍ତର ପଦବି ପୂରଣ ହୋଇପାରୁନି। ପାରଳାଖେମୁଣ୍ଡି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପାଇଁ ଆବଶ୍ୟକ ୧୨୬ ଡାକ୍ତର ବଦଳରେ ମାତ୍ର ୪୦ ଜଣ ଡାକ୍ତର ରହିଛନ୍ତି। ୮୬ ପଦବି ଖାଲି ପଡ଼ିଛି। ଏଭଳି ପରିସ୍ଥିତିରେ ସ୍ୱାସ୍ଥ୍ୟସେବା କେମିତି ଚାଲୁଥିବ ତାହା ଏଥିରୁ ସ୍ପଷ୍ଟ ଅନୁମେୟ।

# ରାଜ୍ୟର ସବୁ ବେବନ୍ଦୋବସ୍ତ ଜମି ସମସ୍ୟାର ହେବ ସ୍ଥାୟୀ ସମାଧାନ, ଆସିବ ଏସଓପି : ରାଜସ୍ୱ ମନ୍ତ୍ରୀ

ଭୁବନେଶ୍ୱର, ୦୯/୦୫ (ଜେଏନଏସ) : ରାଜ୍ୟରେ ବେବନ୍ଦୋବସ୍ତ ଜମିକୁ ନେଇ ବର୍ଷବର୍ଷ ଧରି ଲାଗି ରହିଥିବା ବିବାଦର ସମାଧାନ ଖୁବଶୀଘ୍ର ହେବ। ଜମିପଟ୍ଟାରେ ଥିବା ତ୍ରୁଟି ସଂଶୋଧନ ପାଇଁ ରାଜସ୍ୱ ନିରୀକ୍ଷକ (ଆରଆଇ)ମାନଙ୍କୁ ଟାର୍ଗେଟ୍ ଦିଆଯାଇଛି। ଭୂମିହୀନ ଓ ଯୋଗ୍ୟ ହିତାଧିକାରୀଙ୍କୁ ସେମାନଙ୍କର ହକ୍ ପ୍ରଦାନ କରିବା ସହ ଜମି ରେକର୍ଡର ସଂଶୋଧନ ପ୍ରକ୍ରିୟାକୁ ଏକ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଶେଷ କରିବାକୁ ରାଜ୍ୟ ସରକାର ଗୁରୁତ୍ୱ ଦେଇଛନ୍ତି। ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ ଉଚ୍ଚସ୍ତରୀୟ ବୈଠକ ପରେ ରାଜ୍ୟରେ ବେବନ୍ଦୋବସ୍ତ ଜମିର ସମାଧାନ ପାଇଁ ଖୁବଶୀଘ୍ର ଏକ ସ୍ୱତନ୍ତ୍ର ଏସଓପି ବା ମାର୍ଗଦର୍ଶିକା ପୁସ୍ତିକା ଜାରି କରିବାକୁ ନିଷ୍ପତ୍ତି ହୋଇଛି। ଗତବର୍ଷ ରାଜ୍ୟରେ ଥିବା ପ୍ରାୟ ୩୮ ହଜାର ଏକର ବେବନ୍ଦୋବସ୍ତ ଜମି ମଧ୍ୟରୁ ୭ ହଜାର ଏକର ଜମିର ଫଇସଲା କରାଯାଇଥିବାବେଳେ ବାକି ଥିବା ମାମଲାଗୁଡ଼ିକୁ ଶୀଘ୍ର ସାରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ବିଶେଷକରି କଟକ, ପୁରୀ, ଭଦ୍ରକ, ବଲାଙ୍ଗୀର ଓ ଜଗତସିଂହପୁର ଭଳି ଜିଲ୍ଲାଗୁଡ଼ିକ ଉପରେ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ କୁହାଯାଇଛି। ଯେଉଁମାନେ ବେବନ୍ଦୋବସ୍ତ ଜମି ପାଇଁ ସଲାମି ପଇଠ କରୁନାହାନ୍ତି, ସେମାନଙ୍କୁ କାରଣଦର୍ଶାଅ ନୋଟିସ ଜାରି କରି ଏକ ମାସ ମଧ୍ୟରେ ମାମଲାର ସମାଧାନ ପାଇଁ ତହସିଲଦାରମାନଙ୍କୁ କୁହାଯାଇଛି। ଏହାଛଡ଼ା ସରକାରୀ ଜମିକୁ ଜବରଦଖଲ କରିଥିବା ବ୍ୟକ୍ତିଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ବେବନ୍ଦୋବସ୍ତ ଜମିର ସେଟେଲମେଣ୍ଟ ପାଇଁ ବିଭିନ୍ନ ସମୟରେ ଜାରି ହୋଇଥିବା ସର୍କୁଲାର ଓ ନିର୍ଦ୍ଦେଶାବଳୀକୁ ସଂକଳିତ କରି ଖୁବଶୀଘ୍ର ଏକ ସ୍ୱତନ୍ତ୍ର ଏସଓପି ପୁସ୍ତିକା ଜାରି କରାଯିବ ବୋଲି ମନ୍ତ୍ରୀ ଶ୍ରୀ ପୂଜାରୀ ନିର୍ଦ୍ଦେଶ ଦେଇଛନ୍ତି। ଜମିପଟ୍ଟାରେ ସଂଶୋଧନକୁ ଗୁରୁତ୍ୱ ଦେଇ ରାଜସ୍ୱ ନିରୀକ୍ଷକମାନଙ୍କ ପାଇଁ ମାସିକ ୨୫୦ ରୁ ୩୦୦ ଖାତାର ସର୍ଭେ ନିମନ୍ତେ ଲକ୍ଷ୍ୟଧାର୍ଯ୍ୟ ହୋଇଛି। ଜମିପଟ୍ଟାର ୨ ଖାନା ବା କଲମ୍ ୨ ସଂଶୋଧନକୁ ଗୁରୁତ୍ୱ ଦେଇ ଏପର୍ଯ୍ୟନ୍ତ ୬୨.୬୮ ଲକ୍ଷ ଖାତାର ସର୍ଭେ ହୋଇଥିବା ବେଳେ ତନ୍ମଧ୍ୟରୁ ପ୍ରାୟ ୫୮.୮୦ ଲକ୍ଷ ରେକର୍ଡ୍ ସଂଶୋଧିତ ହେବା ସହ ସଠିକ୍ ମାଲିକାନା ସପକ୍ଷରେ ପଟ୍ଟା ଜାରି କରାଯାଇଛି । ରାଜ୍ୟରେ ସଫଳ ରାଜସ୍ୱ ପ୍ରଶାସନକୁ ସୁନିଶ୍ଚିତ କରିବା ନିମନ୍ତେ ଏଣିକି ପ୍ରତି ମାସରେ ନିର୍ଦ୍ଦିଷ୍ଟ ମାନଦଣ୍ଡ ଆଧାରରେ ଜିଲ୍ଲାଗୁଡ଼ିକର ର୍‍ୟାଙ୍କିଙ୍ଗ୍ କରାଯିବ। ଯେଉଁ ଜିଲ୍ଲା ଖରାପ ପ୍ରଦର୍ଶନ କରିବେ ସେଠାର ଅଫିସରମାନଙ୍କ ବିରୁଦ୍ଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଯଦି କୌଣସି ଅଧିକାରୀ କାର୍ଯ୍ୟାଦେଶ ଅବମାନନା କରନ୍ତି କିମ୍ବା ନିର୍ଦ୍ଧାରିତ ସମୟରେ କାର୍ଯ୍ୟ ସମ୍ପନ୍ନ ନକରନ୍ତି, ତାଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ରାଜସ୍ୱ ସଚିବ ଅରବିନ୍ଦ ପାଢ଼ୀ ସ୍ପଷ୍ଟ କରିଛନ୍ତି। ଏହାସହିତ କୃଷକ ପଞ୍ଜିକରଣ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ସହ ଆଧାର ସଂଯୋଗୀକରଣକୁ ସଫଳ କରିବା ନିମନ୍ତେ କୃଷି ବିଭାଗକୁ ପରାମର୍ଶ ଦିଆଯାଇଛି। ପ୍ରାକୃତିକ ବିପର୍ଯ୍ୟୟ ଓ କାଳବୈଶାଖୀ ସମୟରେ କ୍ଷୟକ୍ଷତିର ଆକଳନ ତୁରନ୍ତ କରି ସହାୟତା ଯୋଗାଇ ଦେବାକୁ ଜିଲ୍ଲାସ୍ତରର ଅଧିକାରୀମାନଙ୍କୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଏହାସହିତ ସରକାରୀ ସେବାରେ ଶୃଙ୍ଖଳା ରକ୍ଷା କରିବା ପାଇଁ ଓଏଏସ୍ ଓ ଓଆରଏସ୍ ଅଧିକାରୀମାନଙ୍କୁ ବଦଳି ହେବାର ୭ ଦିନ ମଧ୍ୟରେ ନୂଆ ସ୍ଥାନରେ ଯୋଗ ଦେବାକୁ ବାଧ୍ୟତାମୂଳକ କରାଯାଇଛି। ଏହି ନିୟମର ଉଲ୍ଲଂଘନ କଲେ କଠୋର ଦଣ୍ଡବିଧାନ କରାଯିବ ବୋଲି ଚେତାବନୀ ଦିଆଯାଇଛି। ଏହି ଗୁରୁତ୍ୱପୂର୍ଣ୍ଣ ବୈଠକରେ ବିଭାଗୀୟ ବରିଷ୍ଠ ପଦାଧିକାରୀଙ୍କ ସମେତ ଭିଡିଓ କନଫରେନ୍ସିଂ ଜରିଆରେ ସମସ୍ତ ଆରଡିସି ଓ ଜିଲ୍ଲାପାଳମାନେ ସାମିଲ ଥିଲେ ବୋଲି ଜଣାପଡ଼ିଛି।



# ନିଟ- ୟୁଜି : ଓଡ଼ିଶାରୁ କମୁଛି ପରୀକ୍ଷାର୍ଥୀ ସଂଖ୍ୟା

ଭୁବନେଶ୍ୱର, ୦୯/୦୫ (ଜେଏନଏସ) : ଡାକ୍ତରୀ ପାଠ୍ୟକ୍ରମରେ ନାମଲେଖା ନିମନ୍ତେ ନିଟ୍- ୟୁଜି ପରୀକ୍ଷା ଅନୁଷ୍ଠିତ ହୋଇଯାଇଛି। ଚଳିତ ବର୍ଷ ନିଟ୍- ୟୁଜି ପାଇଁ ମୋଟ ୨୨.୭ ଲକ୍ଷ ଛାତ୍ରଛାତ୍ରୀ ପଞ୍ଜୀକରଣ କରିଥିବାବେଳେ ୯୬.୯% ପରୀକ୍ଷା ଦେଇଛନ୍ତି। ଏହି ପରୀକ୍ଷାରେ ଓଡ଼ିଶାରୁ ପ୍ରାୟ ୫୫ ହଜାର ଛାତ୍ରଛାତ୍ରୀ ନିଟ୍- ୟୁଜି ପରୀକ୍ଷା ଦେଇଛନ୍ତି। ତେବେ ଏହି ସଂଖ୍ୟା ପୂର୍ବବର୍ଷ ଗୁଡ଼ିକ ଅପେକ୍ଷା କମ୍ ବୋଲି ଜଣାପଡ଼ିଛି। ୨୦୨୫ ବର୍ଷରେ ରାଜ୍ୟରୁ ୫୯, ୨୩୮ ବିଦ୍ୟାର୍ଥୀ ପରୀକ୍ଷା ଦେଇଥିବା ବେଳେ ତନ୍ମଧ୍ୟରୁ ୩୧, ୬୭୩ ଛାତ୍ରଛାତ୍ରୀ ରାଙ୍କ ପାଇଥିଲେ। ୨୦୨୪ ବର୍ଷରେ ୬୪, ୩୨୫ ବିଦ୍ୟାର୍ଥୀ ନିଟ୍- ୟୁଜି ଦେଇଥିବା ବେଳେ ୩୨, ୬୧୭ ପିଲା ଡାକ୍ତରୀ ପାଠ୍ୟକ୍ରମରେ ନାମଲେଖାଇବା ନିମନ୍ତେ ରାଙ୍କ ପାଇଥିଲେ। ଅନୁରୂପ ଭାବେ ୨୦୨୩ରେ ରାଜ୍ୟରୁ ୫୫, ୮୬୬ ଛାତ୍ରଛାତ୍ରୀ ନିଟ୍- ୟୁଜି ପରୀକ୍ଷା ଦେଇଥିବା ବେଳେ ତନ୍ମଧ୍ୟରୁ ୨୮, ୩୩୦ ବିଦ୍ୟାର୍ଥୀଙ୍କୁ ରାଙ୍କ ମିଳିଥିଲା। ସେହିପରି ଚଳିତ ବର୍ଷ ମୋଟ ପଞ୍ଜିକୃତ ୨୨.୭ ଲକ୍ଷ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୪୧.୪% ୪ରାଜ୍ୟ ଉତ୍ତରପ୍ରଦେଶ, ମହାରାଷ୍ଟ୍ର, ରାଜସ୍ଥାନ ଏବଂ ବିହାରରୁ ବୋଲି ଜଣାପଡ଼ିଛି। ଏହି ୪ଟି ରାଜ୍ୟରୁ ସର୍ବାଧିକ ପିଲା ନିଟ୍- ୟୁଜି ନିମନ୍ତେ ପଞ୍ଜୀକରଣ କରିଥିଲେ। ଉତ୍ତରପ୍ରଦେଶରେ ସର୍ବାଧିକ ୩.୬ ଲକ୍ଷ ଛାତ୍ରଛାତ୍ରୀ ନିଟ୍- ୟୁଜି ନିମନ୍ତେ ପଞ୍ଜୀକରଣ କରିଥିବା ବେଳେ ମହାରାଷ୍ଟ୍ରରେ ୨.୨ ଲକ୍ଷ, ରାଜସ୍ଥାନରେ ୨ଲକ୍ଷ, ବିହାରରେ ୧.୫ ଲକ୍ଷ, ତାମିଲନାଡୁରେ ୧.୪ ଲକ୍ଷ, ମଧ୍ୟପ୍ରଦେଶରେ ୧.୨ ଲକ୍ଷ, କେରଳରେ ୧.୧ ଲକ୍ଷ ଏବଂ ପଶ୍ଚିମବଙ୍ଗ ରାଜ୍ୟରେ ୧ ଲକ୍ଷ ଛାତ୍ରଛାତ୍ରୀ ଥିଲେ। କିନ୍ତୁ ନିଟ୍- ୟୁଜି ଦେଇଥିବା ଛାତ୍ରଛାତ୍ରୀଙ୍କ ପ୍ରତିଶତ ଦେଖିଲେ ଗୁଜରାଟରେ ସର୍ବାଧିକ ୯୮.୧% ଥିବାବେଳେ ପୁଡୁଚେରୀରେ ୯୮%, ରାଜସ୍ଥାନରେ ୯୭.୯%, ଉତ୍ତର ପ୍ରଦେଶରେ ୯୭.୫%, ମହାରାଷ୍ଟ୍ରରେ ୯୭.୪%, ଆସାମରେ ୯୫%, ତାମିଲନାଡୁରେ ୯୫.୯% ଏବଂ କେରଳରେ ସର୍ବନିମ୍ନ ୯୪.୪% ଅଛନ୍ତି। କେନ୍ଦ୍ର ଶାସିତ ଅଞ୍ଚଳଗୁଡ଼ିକରୁ ପ୍ରାୟ ୫ ହଜାର ମଧ୍ୟରେ ଛାତ୍ରଛାତ୍ରୀ ନିଟ୍- ୟୁଜି ପରୀକ୍ଷା ଦେଇଥିବା କୁହାଯାଉଛି। ନ୍ୟାସନାଲ ଟେଷ୍ଟିଂ ଏଜେନ୍ସି (ଏନ୍‌ଟିଏ) ଦ୍ୱାରା ପରିଚାଳିତ ନିଟ୍- ୟୁଜି ପରୀକ୍ଷା ମେ' ୩ରେ ୫୫୧ଟି ସହରରେ ୫୪୦୦ କେନ୍ଦ୍ରରେ ଅନୁଷ୍ଠିତ ହୋଇଥିଲା। ଏହି ପରୀକ୍ଷା ଅପରାହ୍ଣ ୨ଟାରୁ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ଚାଲିଥିଲା। ପ୍ରାୟ ୨ ଲକ୍ଷ କର୍ମଚାରୀ ପରୀକ୍ଷା କାର୍ଯ୍ୟରେ ନିୟୋଜିତ ଥିଲେ। ପଞ୍ଜିକୃତ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୬୯,୯୭୬ ଛାତ୍ରଛାତ୍ରୀ ପରୀକ୍ଷା କେନ୍ଦ୍ରକୁ ଆସି ନଥିବା ଜଣାପଡ଼ିଛି।



# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

## ହିଂସା କବଳରେ...

ପୋଲିସ ପଦବୀ ସୃଷ୍ଟି କରିବାକୁ ନିଷ୍ପତ୍ତି ନେଇଛନ୍ତି । ସ୍କୁଲ-କଲେଜ ନିକଟରେ ପାଟ୍ରୋଲିଂ କଡ଼ାକଡ଼ି କରିବା ସହ ଡ୍ରୋନ୍ ଏବଂ ସିସିଟିଭି ସର୍ଭେଲାନ୍ସ ଉପରେ ଗୁରୁତ୍ୱ ଦିଆଯାଉଛି ବୋଲି ସରକାର କହୁଛନ୍ତି । ତେବେ ଓଡ଼ିଶାର ବିଜେପି ସରକାର ଅମଳରେ ଆଇନ ଶୃଙ୍ଖଳା ଏବଂ ହିଂସାକାଣ୍ଡକୁ ନେଇ ଶାସକ ଓ ବିରୋଧୀ ଦଳ ମଧ୍ୟରେ ଅନେକ ତର୍କ-ବିତର୍କ ଲାଗି ରହିଛି। ୨୦୨୫ ମସିହାରେ ପ୍ରକାଶିତ ଏକ 'ଶ୍ୱେତପତ୍ର' ଅନୁଯାୟୀ, ରାଜ୍ୟରେ ମୋଟ୍ ଅପରାଧ ମାମଲା ସଂଖ୍ୟା ପୂର୍ବ ବର୍ଷ ତୁଳନାରେ ପ୍ରାୟ ୭.୩% ବୃଦ୍ଧି ପାଇଛି । ବିଜେପି ସରକାର ଆସିବାର ପ୍ରାୟ ୧୫ ମାସ ମଧ୍ୟରେ ମହିଳାଙ୍କ ବିରୋଧରେ ୪୦,୯୪୭ଟି ଅପରାଧିକ ମାମଲା ପଞ୍ଜିକୃତ ହୋଇଛି । ଏଥିମଧ୍ୟରୁ ପ୍ରାୟ ୩,୨୦୫ଟି ଦୁଷ୍କର୍ମ ମାମଲା ରହିଛି। ସରକାରଙ୍କ ତଥ୍ୟ ଅନୁଯାୟୀ, ଯୌତୁକ ଜନିତ ମୃତ୍ୟୁ ହାରରେ ୨୦.୧% ଏବଂ ଯୌତୁକ ନିର୍ଯାତନା ମାମଲାରେ ୪.୬% ହ୍ରାସ ଘଟିଛି । ହତ୍ୟା ମାମଲା ମଧ୍ୟ ପ୍ରାୟ ୭.୪% କମିଥିବା ସରକାର ଦାବି କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସ୍ପଷ୍ଟ କରିଛନ୍ତି ଯେ ଅପରାଧୀଙ୍କ ପ୍ରତି କୌଣସି କୋହଳ ମନୋଭାବ ପୋଷଣ କରାଯିବ ନାହିଁ । ଅପରାଧୀଙ୍କୁ ମିଳୁଥିବା 'ରାଜନୈତିକ ସୁରକ୍ଷା' ଶେଷ ହୋଇଛି ବୋଲି ସେ ବିଧାନସଭାରେ କହିଛନ୍ତି। ମହିଳାଙ୍କ ବିରୋଧରେ ଘଟୁଥିବା ଅପରାଧ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ପୋଲିସକୁ 'ସମ୍ପୂର୍ଣ୍ଣ କ୍ଷମତା' ଦିଆଯାଇଛି। ପୋଲିସ ବ୍ୟବସ୍ଥାକୁ ଅଧିକ କ୍ରିୟାଶୀଳ କରିବା ପାଇଁ ପ୍ରାୟ ୩୨,୦୦୦ କର୍ମଚାରୀଙ୍କ ନିଯୁକ୍ତି ଏବଂ ଆଧୁନିକ ସର୍ଭେଲାନ୍ସ ସିଷ୍ଟମ ପାଇଁ ଯୋଜନା କରାଯାଇଛି । ବିରୋଧୀ ବିଜେଡି ଏବଂ କଂଗ୍ରେସ ରାଜ୍ୟରେ ଆଇନ ଶୃଙ୍ଖଳା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇଥିବା ଅଭିଯୋଗ କରିଛନ୍ତି। ପୁରୀ ଜିଲ୍ଲା କଣାସ ଏବଂ ବାଲିଅନ୍ତା ଗଣପିଟୁ ଭଳି ଘଟଣାକୁ ନେଇ ସେମାନେ ସରକାରଙ୍କୁ ଘେରିଛନ୍ତି । ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅଭିଯୋଗ କରିଛନ୍ତି ଯେ ସରକାରଙ୍କ ଅପାରଗତା ଯୋଗୁଁ ଅପରାଧୀମାନେ ଭୟଶୂନ୍ୟ ହୋଇ ବୁଲୁଛନ୍ତି ଏବଂ ରାଜ୍ୟରେ 'ଅରାଜକତା' ବଢ଼ିଛି । ମହିଳା ଓ ଶିଶୁ ସୁରକ୍ଷା ପାଇଁ ଏକ ସ୍ୱତନ୍ତ୍ର ହାଉସ୍ କମିଟି ଗଠନ କରିବାକୁ କଂଗ୍ରେସ ଦାବି କରିଛି । ବିଜେପି ସରକାର ଆଇନ ଶୃଙ୍ଖଳାକୁ ନିୟନ୍ତ୍ରଣ କରିବା ପାଇଁ ନୂତନ ପଦକ୍ଷେପ ଓ କଠୋର ନୀତି ଆପଣେଇଥିବା ଦାବି କରୁଥିବା ବେଳେ, ବିରୋଧୀ ଦଳଗୁଡ଼ିକ ବୃଦ୍ଧି ପାଉଥିବା ଅପରାଧିକ ତଥ୍ୟକୁ ଆଧାର କରି ସରକାରଙ୍କ ବିଫଳତାକୁ ଦର୍ଶାଉଛନ୍ତି।

## ପଶ୍ଚିମବଙ୍ଗରେ...

ଯାହାଦ୍ୱାରା ତାଙ୍କ ଦଳ ବହୁମତ ସଂଖ୍ୟା ଅତିକ୍ରମ କରିଛି । ପ୍ରଥମେ ୭ ମଇରେ ଶପଥ ଗ୍ରହଣ ପାଇଁ ଯୋଜନା ଥିଲେ ମଧ୍ୟ ସଂଖ୍ୟା ଗରିଷ୍ଠତାର ପ୍ରମାଣ ପାଇଁ ରାଜ୍ୟପାଳ ରାଜେନ୍ଦ୍ର ବିଶ୍ୱନାଥ ଅର୍ଲେକର ଅଧିକ ଚିଠି ମାଗିବାରୁ ଏହା ବିଳମ୍ବ ହୋଇଛି। ବିଜୟ ରାଜ୍ୟପାଳଙ୍କୁ ଭେଟି ସରକାର ଗଠନ ପାଇଁ ଦାବି କରି ସାରିଛନ୍ତି । ଚେନ୍ନାଇର ଜବାହରଲାଲ ନେହେରୁ ଇନଡୋର ଷ୍ଟାଡିୟମରେ ଶପଥ ଗ୍ରହଣ ପାଇଁ ପ୍ରସ୍ତୁତି ଚାଲିଥିବା ବେଳେ ଏହାର ଚୂଡ଼ାନ୍ତ ତାରିଖ ଏବେ ବି ଚର୍ଚ୍ଚାରେ ଅଛି । ପଶ୍ଚିମବଙ୍ଗରେ ବିଜେପି ଶାସନ ଆରମ୍ଭ ହୋଇଥିବା ବେଳେ ତାମିଲନାଡୁରେ ବିଜୟଙ୍କ ନେତୃତ୍ୱରେ ନୂଆ ସରକାର ଗଠନ ପାଇଁ ରାଜନୈତିକ କସରତ ଜାରି ରହିଛି।

## ନବୀନ ନିବାସ'...

କମିଶନରଙ୍କ ସହ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ମଧ୍ୟ ପକ୍ଷଭୁକ୍ତ କରାଯାଇଥିଲା। ଗତ ଫେବୃୟାରୀ ୩ ତାରିଖରେ ମାମଲାର ଶୁଣାଣି ବେଳେ ହାଇକୋର୍ଟ ସରକାରୀ ଅଧିକାରୀମାନଙ୍କ ଭୂମିକା ଉପରେ ତୀବ୍ର ଅସନ୍ତୋଷ ପ୍ରକାଶ କରିଥିଲେ। ଗତ କେତେକ ମାସ ଧରି କୌଣସି ପଦକ୍ଷେପ ନନେବା ଦୁର୍ଭାଗ୍ୟଜନକ ବୋଲି କହିବା ସହ ତିନି ସପ୍ତାହ ମଧ୍ୟରେ ଫିଲ୍ଡ ଭେରିଫିକେସନ୍ କରି ଅନଧିକୃତ ଅତିକ୍ରମଣ ହଟାଇବାକୁ ନିର୍ଦ୍ଦେଶ ଦେଇଥିଲେ। ହାଇକୋର୍ଟଙ୍କ ନିର୍ଦ୍ଦେଶ ସମ୍ପର୍କରେ ଆଡିସନାଲ୍ ଷ୍ଟାଣ୍ଡିଂ କାଉନସିଲଙ୍କ ତରଫରୁ ଜିଏ/ପିଜି ବିଭାଗର ଅତିରିକ୍ତ ସଚିବଙ୍କୁ ଚିଠି କରାଯାଇଥିଲା। ଏହା ପରେ ଜିଏ/ପିଜି ବିଭାଗ, ଭୁବନେଶ୍ୱର ମହାନଗର ନିଗମ, ପୂର୍ତ୍ତ ବିଭାଗ, ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ, ତହସିଲିଦାର ଓ ଟ୍ରାଫିକ୍ ପୁଲିସଙ୍କ ମିଳିତ ଟିମ୍ ଦ୍ୱାରା ୨୦୨୬ ଫେବୃଆରୀ ୧୨ରେ ଜଏଣ୍ଟ ଯାଞ୍ଚ କରାଯାଇଥିଲା। ଏହି ଯାଞ୍ଚ ରିପୋର୍ଟରେ ଦର୍ଶାଯାଇଛି ଯେ, ନବୀନ ନିବାସ ସାମ୍ନାରେ ଥିବା ପ୍ଲଟ୍ ନମ୍ବର ୧୦୭୧ର ପ୍ରାୟ ୦.୨୨୯ ଏକର ଜମିକୁ ସୁରକ୍ଷା ବ୍ୟବସ୍ଥା ପାଇଁ ଲୁହା ବ୍ୟାରିକେଡ୍ ଦ୍ୱାରା ଘେରାଯାଇଛି। ସେହିପରି ପ୍ଲଟ୍ ନମ୍ବର ୧୦୩୫ର ଆଉ ୦.୩୩୦ ଏକର ଜମି ମଧ୍ୟ ଏହି ବ୍ୟାରିକେଡ୍ ଭିତରେ ରହିଛି। ରିପୋର୍ଟରେ ଏହା ମଧ୍ୟ କୁହାଯାଇଛି ଯେ, ଉକ୍ତ ଅଞ୍ଚଳର ବାକି ଅଂଶ ସାଧାରଣ ରାସ୍ତା ଭାବେ ବ୍ୟବହୃତ ହେଉଛି। ଏହା ସହ ଏକ ୧୦୦ ଫୁଟ୍ ଚଉଡ଼ା ବିକଳ୍ପ ରାସ୍ତା ନିର୍ମାଣ କରାଯାଇଥିବା ମଧ୍ୟ ଯାଞ୍ଚରେ ଉଲ୍ଲେଖ ହୋଇଛି। ଏହି ରାସ୍ତା ଏୟାରପୋର୍ଟ ସ୍କୋୟାରରୁ ପୁନାମା ଗେଟ୍ ପର୍ଯ୍ୟନ୍ତ ସୁରକ୍ଷା ଦୃଷ୍ଟିରୁ ତତ୍କାଳୀନ ମୁଖ୍ୟମନ୍ତ୍ରୀଙ୍କ ପାଇଁ ତିଆରି କରାଯାଇଥିଲା। ସରକାରୀ ରେକର୍ଡ ଅନୁସାରେ, ପୂର୍ବରୁ ଇଚଓ ଏୟାରପୋର୍ଟ ଅଥରିଟିରୁ କିଛି ଜମି ଅଧିଗ୍ରହଣ କରାଯାଇ ଏହି ଡାଇଭର୍ସନ୍ ରୋଡ୍ ନିର୍ମାଣ ହୋଇଥିଲା। ପରେ ବଦଳରେ ଅନ୍ୟ ସରକାରୀ ଜମି ଏୟାରପୋର୍ଟ ଅଥରିଟିକୁ ଦିଆଯାଇଥିବା ତଥ୍ୟ ମଧ୍ୟ ଦଲିଲରେ ରହିଛି। ତେବେ ହାଇକୋର୍ଟଙ୍କ ନିର୍ଦ୍ଦେଶକୁ କାର୍ଯ୍ୟକାରୀ କରିବା ପାଇଁ ବର୍ତ୍ତମାନ ପୂର୍ତ୍ତ ବିଭାଗ ପକ୍ଷରୁ ଗୃହ ବିଭାଗକୁ ଚିଠି କରାଯାଇଥିଲା। କମିଶନରେଟ୍ ପୋଲିସ ଓ ଡିସିପି ଟ୍ରାଫିକଙ୍କ ସହ ଆଲୋଚନା କରି ବ୍ୟାରିକେଡ୍ ସ୍ଥାନାନ୍ତର କିମ୍ବା ହଟାଇବା ନେଇ ମତାମତ ମଗାଯାଇଛି।

## ରହସ୍ୟ ଘେରରେ ସୌମ୍ୟଙ୍କ...

କରାଯାଇଥିବା କଟକ ରେଳବାଇ ଏସ୍‌ପିଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ମିଳିଛି। ଓଡ଼ିଶା ପୋଲିସରେ ପ୍ରଥମେ ଏପିଆର୍ କନେଷ୍ଟବଳ ଭାବେ ଯୋଗ ଦେଇଥିବା ସୌମ୍ୟରଞ୍ଜନ ପରେ ଓଆର୍ କନେଷ୍ଟବଳ ଭାବେ କାର୍ଯ୍ୟ କରି ଆସୁଥିଲେ। ତତ୍କାଳୀନ ରେଳବାଇ ଏଡିଜି ଥିବା ଆଇପିଏସ୍ ଅଫିସରଙ୍କ ଜିମ୍‌ରେ ସୌମ୍ୟରଞ୍ଜନ ମାଗଣାରେ କାର୍ଯ୍ୟ କରିଆସୁଥିଲେ। ଏହାପରେ ସମ୍ପୃକ୍ତ ଆଇପିଏସ୍ ଅଫିସର ରେଳବାଇରୁ ବଦଳି ହୋଇ ଅନ୍ୟ ବିଭାଗକୁ ଯିବା ପରେ ମଧ୍ୟ ବିଭିନ୍ନ ସମୟରେ ଆହୁରି ୭ ଜଣ ପୁଲିସ କର୍ମଚାରୀ ତାଙ୍କ ନିକଟରେ ରହି ବ୍ୟକ୍ତିଗତ କାମରେ ନିୟୋଜିତ ହୋଇଥିଲେ। ସମ୍ପୃକ୍ତ ଆଇପିଏସ୍ ଅଫିସରଜଣକ ସୌମ୍ୟରଞ୍ଜନଙ୍କ ଦ୍ୱାରା ମାଲିସ କରାଇବା ସହିତ ନିର୍ଯାତନା ଦେଇ ଆସୁଥିବା ତାଙ୍କ ମା' ଗଣମାଧ୍ୟମରେ ଖୋଲାଖୋଲି ଅଭିଯୋଗ କରିଛନ୍ତି। ଏଭଳି ସମ୍ବେଦନଶୀଳ ପ୍ରସଙ୍ଗ ଖବର ପ୍ରକାଶ ପାଇବା ପରେ ପୋଲିସ ବିଭାଗରେ ଘଣ୍ଟାଚକଟା ଆରମ୍ଭ ହୋଇଛି। ବିଭିନ୍ନ ସାମାଜିକ ଗଣମାଧ୍ୟମରେ ଆଇପିଏସ୍ ଅଫିସରଙ୍କ କାର୍ଯ୍ୟ ଉପରେ ପ୍ରଶ୍ନ ଉଠିଛି।
ଅନ୍ୟପଟେ ଆଜି ହାବିଲଦାର, କନେଷ୍ଟବଳ ଓ ସିପାହୀ ମହାସଂଘର ସଭାପତି ଅନିଲ କୁମାର ଷେଣ୍ଢଙ୍କ ନେତୃତ୍ୱରେ ଏକ ଟିମ୍ କଟକ ରେଳବାଇ ଏସ୍‌ପି ଭବାନୀ ଶଙ୍କର ଉଦ୍‌ଗାତାଙ୍କୁ ଭେଟିଛନ୍ତି। ଶ୍ରୀ ଷେଣ୍ଢ କହିଛନ୍ତି ଯେ କନେଷ୍ଟବଳ ସୌମ୍ୟରଞ୍ଜନଙ୍କୁ ହତ୍ୟା ଘଟଣାର ନିରପେକ୍ଷ ତଦନ୍ତ ସହିତ ଦୋଷୀ ବିରୋଧରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସଂଘ ପକ୍ଷରୁ ଦାବି କରାଯାଇଛି। ଅନ୍ୟପଟେ ରେଳବାଇ ଏସ୍‌ପି ଶ୍ରୀ ଉଦଗାତା କହିଛନ୍ତି, ମୃତ ସୌମ୍ୟରଞ୍ଜନ ଦୁଇ ତିନୋଟି ଜିମ୍ ଚଳାଉଥିଲେ। ସରକାରୀ କାର୍ଯ୍ୟରେ ଅନୁପସ୍ଥିତ ରହି ଦରମା ନେଉଥିଲେ। ଯେଉଁ ଆଇପିଏସ୍ ? ଅଫିସରଙ୍କ କ୍ୱାର୍ଟରରେ ପୁଲିସ କର୍ମଚାରୀ ଡ୍ୟୁଟି କରୁଥିଲେ, ତାଙ୍କ କ୍ୱାର୍ଟରରୁ ଚାରି ଜଣଙ୍କୁ କାଢ଼ି ନିଆଯାଇଛି। ରେଳବାଇରେ ଥିବା ସମୟରେ ସେମାନଙ୍କୁ ସେ ଘରୋଇ କାର୍ଯ୍ୟରେ ନିୟୋଜିତ କରିଥିଲେ। ଜିଲ୍ଲା ମଙ୍ଗଳ କମିଟି ପକ୍ଷରୁ ଜିଆରପି ଆରଆଇ ଓ ଅନ୍ୟ ପୁଲିସ କର୍ମଚାରୀ ମୃତ ସୌମ୍ୟରଞ୍ଜନଙ୍କ ଘରେ ପହଞ୍ଚି ପରିବାର ଲୋକଙ୍କୁ ୨୫ ହଜାର ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ସେ ?ମ୍ୟରଞ୍ଜନଙ୍କ ମୃତ୍ୟୁ ମାମଲାରେ ଭୁବନେଶ୍ୱର ଡିସିପିଙ୍କୁ ସମସ୍ତ ପ୍ରକାର ସହଯୋଗ ଯୋଗାଇ ଦିଆଯିବ ବୋଲି ରେଳବାଇ ଏସ୍ ?ପି ଶ୍ରୀ ଉଦ୍‌ଗାତା ସୂଚନା ଦେଇଛନ୍ତି।
ଅନ୍ୟପଟେ ଜଣେ ମହିଳାଙ୍କୁ ବିବାହ ପ୍ରତିଶ୍ରୁତି ଦେଇ ଯୌନ ଶୋଷଣ କରିବା, ଠକେଇ, ଜୀବନରୁ ମାରିଦେବାକୁ ଧମକ, ଅସଭ୍ୟ ଭାଷାରେ ଗାଳିଗୁଲଜ ଭଳି ଅଭିଯୋଗରେ କଟକ ମହିଳା ଥାନା ପୁଲିସ ସୌମ୍ୟରଞ୍ଜନଙ୍କ ବିରୋଧରେ (କେସ୍ ନଂ ୨୪/୨୦୨୧), ଆଇପିସି ୪୯୩, ୪୨୦, ୨୯୪, ୩୫୪(ଏ), ୩୪୧, ୩୨୩, ୫୦୬, ୩୪ରେ ଏକ ମାମଲା ରୁଜୁ କରିଥିଲା। ସୌମ୍ୟରଞ୍ଜନଙ୍କ ସମେତ ତିନି ଜଣଙ୍କ ବିରୋଧରେ ସେତେବେଳେ ଏହି ମାମଲା ରୁଜୁ ହୋଇଥିଲା। ଜାମିନରେ ଆସିବା ପରେ ନିଲମ୍ବିତ ସୌମ୍ୟରଞ୍ଜନ ପୁଣି କାର୍ଯ୍ୟରେ ଯୋଗ ଦେଇଥିଲେ। କିନ୍ତୁ ତାଙ୍କୁ ପୁଲିସ ବିଭାଗର ବରିଷ୍ଠ ଆଇପିଏସ୍ ଅଫିସର ଜିମ୍ ପରିଚାଳନା ଦାୟିତ୍ୱ ଦେବା ଓ ବ୍ୟକ୍ତିଗତ କାମରେ ନିୟୋଜନ କରିବା ଘଟଣା ଆହୁରି ରହସ୍ୟ ସୃଷ୍ଟି କରିଛି। ଏହି ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ହେଲେ ବଡ଼ଧରଣର ବେଆଇନ କାରବାର ସାମନାକୁ ଆସିବ ବୋଲି ପୁଲିସ କର୍ମଚାରୀ ମହଲରେ ଦାବି ଉଠିଛି।

## ସିଏଚ୍‌ଏସ୍‌ଇ ମୂଲ୍ୟାୟନ...

ଅତିକମରେ ୧୫ ବର୍ଷର କାର୍ଯ୍ୟ ଅଭିଜ୍ଞତା ରହିବା ଅନିବାର୍ଯ୍ୟ। କିନ୍ତୁ ଆଶ୍ଚର୍ଯ୍ୟର କଥା, କୋଏମ୍ପଟ ଏଜୁଟେକ୍ ମାତ୍ର ୨୦୧୯ରେ ପଞ୍ଜିକୃତ ହୋଇଛି, ଯାହାର ଅଭିଜ୍ଞତା ମାତ୍ର ୬ ବର୍ଷ। ଏହା ସତ୍ତ୍ୱେ କେଉଁ ଆଧାରରେ ଏହି କମ୍ପାନୀକୁ ଚୟନ କରାଗଲା, ସେ ନେଇ ପ୍ରଶ୍ନ ଉଠାଇଛନ୍ତି ଶ୍ରୀ ପଟ୍ଟନାୟକ । ଅଭିଯୋଗ ହେଉଛି ଯେ,କୋଏମ୍ପଟ ଏଜୁଟେକ ହେଉଛି ପୂର୍ବର ବିବାଦୀୟ 'ଗ୍ଲୋବାଲେନା ଟେକ୍ନୋଲୋଜି'ର ଏକ ନୂଆ ରୂପ। ୨୦୧୯ରେ ତେଲେଙ୍ଗାନାରେ ଉତ୍ତରଖାତା ମୂଲ୍ୟାୟନରେ ବ୍ୟାପକ ତ୍ରୁଟି ଯୋଗୁଁ ୧୮ଜଣ ପରୀକ୍ଷାର୍ଥୀ ଆତ୍ମହତ୍ୟା କରିଥିଲେ, ଯେଉଁଥିପାଇଁ ଏହି ସଂସ୍ଥା ବଦନାମ ହୋଇଥିଲା। ଏଭଳି ଏକ ସଂସ୍ଥା ଉପରେ ଓଡ଼ିଶା ସରକାର ଓ ସିଏଚ୍‌ଏସ୍‌ଇ କିପରି ବିଶ୍ୱାସ କଲେ, ତାହା ଏବେ ସନ୍ଦେହ ଘେରରେ। ଆର୍‌ଏଫ୍‌ପିର ଧାରା ୨.୨ ଅନୁଯାୟୀ ସମସ୍ତ ତଥ୍ୟ ୱେବସାଇଟ୍‌ରେ ସାର୍ବଜନୀନ ହେବା କଥା, ମାତ୍ର ତାହା କରାଯାଇ ନାହିଁ। ୧୨ଟି ସଂସ୍ଥା ମଧ୍ୟରୁ କେବଳ ଦୁଇଟିକୁ କାହିଁକି ବଛାଗଲା ଏବଂ ବାକି ୧୦ଟିକୁ କାହିଁକି ବାଦ୍ ଦିଆଗଲା, ସେ ନେଇ କୌଣସି ସ୍ପଷ୍ଟ ସୂଚନା ନାହିଁ। ତେଣୁ ୧୫ ବର୍ଷର ଅଭିଜ୍ଞତା ନିୟମ ଥାଇ ମଧ୍ୟ ୬ ବର୍ଷର କମ୍ପାନୀକୁ କାହିଁକି ବଛାଗଲା ? ବିବାଦୀୟ ପୃଷ୍ଠଭୂମି ଥିବା ସଂସ୍ଥାକୁ ଦାୟିତ୍ୱ ଦେବା ପଛରେ କାହାର ସ୍ୱାର୍ଥ ରହିଛି ? ଛାତ୍ରଛାତ୍ରୀଙ୍କ ଜୀବନ ସହ ଖେଳିବା ପାଇଁ ଅଧିକାର ସିଏଚ୍‌ଏସ୍‌ଇକୁ କିଏ ଦେଲା ? ଏହି ସମ୍ବେଦନଶୀଳ ଘଟଣାରେ ସରକାର ସ୍ପଷ୍ଟୀକରଣ ଦିଅନ୍ତୁ ବୋଲି ଶ୍ରୀ ପଟ୍ଟନାୟକ ସାମ୍ବାଦିକ ସମ୍ମିଳନୀ କରି କହିଛନ୍ତି ।

# ଗୁଣିଗାରେଡ଼ି ସନ୍ଦେହରେ ମହିଳାଙ୍କୁ ହତ୍ୟା ଉଦ୍ୟମ ସୁରକ୍ଷା ପାଇଁ ଏସ୍‌ପିଙ୍କ ଦ୍ୱାରସ୍ଥ

ଗୋଚ୍ଛାପଡ଼ା, ୦୯/୦୫ (ଜେଏନଏସ) : ଗୋଚ୍ଛାପଡ଼ା ଥାନାରେ ସେ ଦୁଇ ଥର ଅଭିଯୋଗ କରିଥିଲେ ମଧ୍ୟ ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନଥିବା ଅଭିଯୋଗ କରିଛନ୍ତି ସରୋଜିନୀ। ସେଥିପାଇଁ ସେ ତାଙ୍କ ସ୍ୱାମୀ ଏବଂ ଛୁଆଙ୍କୁ ଧରି କନ୍ଧମାଳ ଏସ୍‌ପିଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଗୁଣିଗାରେଡ଼ି କରୁଥିବା ସନ୍ଦେହରେ ଜଣେ ମହିଳାଙ୍କୁ କିଛି ଲୋକ ହତ୍ୟା ଉଦ୍ୟମ କରିବା ସହିତ ଅକଥନୀୟ ନିର୍ଯାତନା ଦେଉଥିବା ଅଭିଯୋଗ ହେଇଛି। ସେହି ମହିଳାଙ୍କ ନାଁ ସରୋଜିନୀ କହଁର। ତାଙ୍କ ଘର କନ୍ଧମାଳ ଜିଲ୍ଲା ଗୋଚ୍ଛାପଡ଼ା ଥାନା କୁରେପଦର ଗାଁରେ। ଏ ସଂପର୍କରେ ଗୋଚ୍ଛାପଡ଼ା ଥାନାରେ ସେ ଦୁଇ ଥର ଅଭିଯୋଗ କରିଥିଲେ ମଧ୍ୟ ପୁଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନଥିବା ଅଭିଯୋଗ କରିଛନ୍ତି ସରୋଜିନୀ। ସେଥିପାଇଁ ସେ ତାଙ୍କ ସ୍ୱାମୀ ଏବଂ ଛୁଆଙ୍କୁ ଧରି କନ୍ଧମାଳ ଏସ୍‌ପିଙ୍କ ଦ୍ୱାରସ୍ଥ ହୋଇଛନ୍ତି। ସରୋଜିନୀ କହିଛନ୍ତି, ଡେରାକୁମ୍ପା ଗ୍ରାମର କିଛି ଲୋକ ଦୀର୍ଘ ଦିନ ହେଲାଣି ତାଙ୍କୁ ଗୁଣିଆ ସନ୍ଦେହରେ ବିଭିନ୍ନ ନିର୍ଯାତନା ଦେଇଆସୁଛନ୍ତି। ଗତ ମାସ ୧୦ ତାରିଖ ରାତି ୮ ବେଳେ ଘରେ ତାଙ୍କ ସ୍ୱାମୀ ନଥିବା ବେଳେ ସେହି ଲୋକ ମାନେ ତାଙ୍କ ଘର ଭିତରେ ପଶି ଆସିଥିଲେ ଓ ତାଙ୍କୁ ଉଲଗ୍ନ କରି ବାହାରକୁ ନେଇଯାଇଥିଲେ ଏବଂ ଏକ ଧାରୁଆ ଅସ୍ତ୍ରରେ ତାଙ୍କ ପିଠିକୁ ଆକ୍ରମଣ କରି ଗାଁ ଛାଡ଼ି ପଳାଇବାକୁ କହିଥିଲେ। ତା'ପରେ ସେ ଭୟରେ ଗାଁ ଛାଡ଼ି ଅନ୍ୟତ୍ର ଚାଲିଯିବା ସହିତ ଏ ନେଇ ଗତ ମାସ ୧୪ ତାରିଖରେ ଗୋଚ୍ଛାପଡ଼ା ଥାନାରେ ଏତଲା ଦେଇଥିଲେ। ପୋଲିସ ଅଭିଯୁକ୍ତମାନଙ୍କୁ ଥାନାକୁ ଆପୋଷ ବୁଝାମଣା କରାଯାଇଥିଲା। କିନ୍ତୁ କିଛି ଦିନ ପରେ ପୁଣି ସେହି ଅଭିଯୁକ୍ତମାନେ କିଛି ଗ୍ରାମବାସୀମାନଙ୍କ ସହିତ ମିଶି ତାଙ୍କୁ ଏବଂ ତାଙ୍କ ସ୍ୱାମୀଙ୍କୁ ବିଭିନ୍ନ ପ୍ରକାରେ ହଇରାଣ କରିଥିଲେ। ଫଳରେ ସେମାନେ ଭୟଭୀତ ହୋଇ ପୁଣି ଘର ଦ୍ୱାର ଛାଡ଼ି ବାହାରେ ରହିଛନ୍ତି। ୧୫ ଦିନ ହେଲାଣି ସେମାନେ ବାହାରେ ଏଣେ ତେଣେ ରହୁଥିବା ବେଳେ ଅଭିଯୁକ୍ତମାନେ ତାଙ୍କୁ ଖୋଜୁଛନ୍ତି ଏବଂ କେତେବେଳେ ବି ଆଘାତ ଦେଇପାରନ୍ତି ବୋଲି ସରୋଜିନୀ କହିଛନ୍ତି। ତେଣୁ ତାଙ୍କୁ ଓ ତାଙ୍କ ପରିବାରକୁ ସୁରକ୍ଷା ଦିଆଯାଉ ବୋଲି ସେ ଦାବି କରିଛନ୍ତି। ଏହି ଘଟଣା ନେଇ ଗୋଚ୍ଛାପଡ଼ା ଥାନା ଅଧିକାରୀଙ୍କ ପ୍ରତିକ୍ରିୟା ମିଳିପାରିନଥିବା ବେଳେ ଫୁଲବାଣୀ ଏସ୍‌ଡିପିଓ ଶୁଭ୍ରଜିତ ବିଶ୍ୱାଳ କହିଛନ୍ତି ଯେ ଅଭିଯୋଗର ତଦନ୍ତ କରାଯାଇ ଅଭିଯୁକ୍ତମାନଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

# ଦେଶରେ ବିରୋଧୀଙ୍କ ପାଇଁ ନିଜ ଅସ୍ତିତ୍ୱକୁ ନେଇ ବଡ଼ ଚ୍ୟାଲେଞ୍ଜ୍ !

ପଶ୍ଚିମବଙ୍ଗରେ ବିଜେପିର ବିଜୟକୁ କେବଳ କ୍ଷମତା ପରିବର୍ତ୍ତନ ଭାବରେ ନୁହେଁ, ବରଂ ଭାରତୀୟ ରାଜନୀତିରେ ଏକ ବଡ଼ ପରିବର୍ତ୍ତନ ଭାବରେ ଦେଖାଯାଉଛି। ଏକଦା ବିଜେପି ପାଇଁ ସବୁଠାରୁ କଷ୍ଟକର ରାଜନୈତିକ କ୍ଷେତ୍ର ଭାବରେ ବିବେଚିତ ହେଉଥିବା ପଶ୍ଚିମବଙ୍ଗରେ ବିଜୟ ଦଳର ଆତ୍ମବିଶ୍ୱାସକୁ ନୂତନ ଉଚ୍ଚତାରେ ପହଞ୍ଚାଇଛି। କିନ୍ତୁ ଅନ୍ୟପକ୍ଷରେ, ବିରୋଧୀଙ୍କ ସାମ୍ନାରେ ସବୁଠାରୁ ବଡ଼ ପ୍ରଶ୍ନ ହେଉଛି ବିଜେପିକୁ କିପରି ଅଟକାଇବେ। ପଶ୍ଚିମବଙ୍ଗ ଫଳାଫଳ ବିରୋଧୀଙ୍କ ଏକତା, ନେତୃତ୍ୱ ଏବଂ ରଣନୀତି ଉପରେ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ ଉଠାଇଛି। ବିଜେପିର ବିଜୟ ସ୍ପଷ୍ଟ କରିଛି ଯେ, ଦଳ ଆଉ ହିନ୍ଦୀ ଭାଷାଭାଷୀ ଅଞ୍ଚଳରେ ସୀମିତ ନାହିଁ। ବିଜେପି ହିନ୍ଦୁତ୍ୱ ଏବଂ କଲ୍ୟାଣକାରୀ ଯୋଜନା ତଥା ପଶ୍ଚିମବଙ୍ଗ ଅସ୍ମିତାର ପରିଚୟ ବନାମ୍ ବାହାର ଲୋକଙ୍କ ରାଜନୀତିର ମୁକାବିଲା କରିଥିଲା। ମାଗଣା ଯୋଜନା, ସୁଦୃଢ଼ ସଂଗଠନ ଏବଂ ହିନ୍ଦୁତ୍ୱର ଭାବପ୍ରବଣ ରାଜନୀତିର ଏହି ତ୍ରିକୋଣୀୟ ସ୍ଥିତି ବିଜେପିକୁ ରାଜ୍ୟରେ ଏକ ଐତିହାସିକ ନେତୃତ୍ୱ ଦେଇଛି। ସବୁଠାରୁ ବଡ଼ ବାର୍ତ୍ତା ଥିଲା ଯେ, ଭାଷା ଏବଂ ଆଞ୍ଚଳିକ ପରିଚୟ ବାହାରେ ଏକ ରାଜନୈତିକ ପରିଚୟ ସୃଷ୍ଟି କରାଯାଇପାରିବ। ଅନ୍ୟ ଶବ୍ଦରେ, ଯେପରି ହିନ୍ଦୁତ୍ୱ ପଶ୍ଚିମବଙ୍ଗରେ ନିଜକୁ ପ୍ରତିଷ୍ଠିତ କରିଛି, ସେହିପରି ଦକ୍ଷିଣ ଭାରତୀୟ ରାଜନୀତିରେ ବିଜେପିର ବିଶ୍ୱାସ ମଧ୍ୟ ବୃଦ୍ଧି ପାଇଛି। ଏହି ଆତ୍ମବିଶ୍ୱାସର ଜବାବରେ, ବିରୋଧୀ ଦଳ ଏବେ ମମତା ବାନାର୍ଜୀଙ୍କ ସହିତ ଠିଆ ହୋଇଥିବା ଦେଖାଯାଉଛି। ରାହୁଲ ଗାନ୍ଧୀ ତାଙ୍କ ସହିତ କଥା ହୋଇ ଭୋଟ ଚୋରି ଅଭିଯୋଗ ଉଠାଇଥିଲେ, ଯେତେବେଳେ ଅଖିଲେଶ ଯାଦବ ବ୍ୟକ୍ତିଗତ ଭାବରେ କୋଲକାତା ଯାଇ ମମତାଙ୍କୁ ଭେଟି ତାଙ୍କୁ କହିଥିଲେ, ଦିଦି, ତୁମେ ହାରି ନାହଁ। କିନ୍ତୁ ପଶ୍ଚିମବଙ୍ଗର ଭୂମିଗତ ବାସ୍ତବତା ଭୋଟ ପ୍ରତିଶତରେ ସ୍ପଷ୍ଟ ଭାବରେ ଦେଖାଯାଉଛି। ବିଜେପି ୪୫.୮୪% ଭୋଟ ପାଇଥିଲା, ଯେତେବେଳେ ଟିଏମସି ୪୦.୮୦% ଭୋଟ ପାଇଥିଲା। ସିପିଏମ ୪.୪୫%, ସିପିଆଇ-ଆରଏସପି ଏବଂ ଅନ୍ୟାନ୍ୟ ବାମପନ୍ଥୀ ଦଳ ପ୍ରାୟ ୧% ପାଇଥିଲା, ଏବଂ କଂଗ୍ରେସ ୨.୯୭% ପାଇଥିଲା। ଏହାର ଅର୍ଥ ହେଉଛି ଯଦି ଆମେ ସମଗ୍ର ବିରୋଧୀଙ୍କ ଭୋଟ ଅଂଶକୁ ମିଶାଇବା, ତେବେ ତାହା ୪୮.୬୬% ହେଉଛି। ଯାହା ବିଜେପିର ଭୋଟ ଅଂଶଠାରୁ ଅଧିକ। ଏହା ଏହି ନିର୍ବାଚନର ସବୁଠାରୁ ବଡ଼ ରାଜନୈତିକ ବାର୍ତ୍ତା ମଧ୍ୟ। ବିରୋଧୀଙ୍କ ପରାଜୟ କେବଳ ସମର୍ଥନ ଆଧାରର କାହାଣୀ ନୁହେଁ, ବରଂ ଏକଜୁଟ ହେବାର କାହାଣୀ ମଧ୍ୟ।
ଇଣ୍ଡି ମେଣ୍ଟ ବିବିଧତାରେ ଏକତାର ପ୍ରତୀକ ପାଲଟିଛି। ଅନେକ ରାଜ୍ୟରେ ଏହାର ସହଯୋଗୀମାନେ ପରସ୍ପର ବିରୋଧରେ ନିର୍ବାଚନ ଲଢୁଛନ୍ତି। ଫଳସ୍ୱରୂପ, ବିରୋଧୀ ଦଳ ଏବେ ଭୋଟ ବିଭାଜନ ବନାମ ଭୋଟ ଚୋରିର ରାଜନୈତିକ କାହାଣୀ ସହିତ ନିଜକୁ ସମନ୍ୱିତ କରୁଥିବା ପରି ମନେ ହେଉଛି, ଏବଂ ଯେଉଁଠାରେ ଏସ୍‌ଆଇଆର୍ ହୋଇଛି ସେଠାରେ ବିରୋଧୀ ହାରିଛନ୍ତି। କିନ୍ତୁ ପଶ୍ଚିମବଙ୍ଗ ଗଣିତ ବିରୋଧୀ ଦଳଗୁଡ଼ିକ ପାଇଁ ରାଜନୈତିକ ସତର୍କତା ଆଣିଛି ।ଉତ୍ତର ପ୍ରଦେଶ, ଗୁଜରାଟ ଏବଂ ପଞ୍ଜାବ ଭଳି ରାଜ୍ୟରେ ଆଗାମୀ ନିର୍ବାଚନରେ, ବିରୋଧୀ ଦଳଗୁଡ଼ିକୁ ସେମାନଙ୍କର ଆଭ୍ୟନ୍ତରୀଣ ବିଭାଜନକୁ ଅତିକ୍ରମ କରିବାକୁ ପଡିବ। କାରଣ ଯଦି ବିରୋଧୀ ଭୋଟ ଏହିପରି ଭାବରେ ଖଣ୍ଡ ବିଖଣ୍ଡିତ ହେବାକୁ ଲାଗେ, ତେବେ ସାମଗ୍ରିକ ବିରୋଧୀ ଭୋଟ ଅଂଶ ଅଧିକ ହେଲେ ମଧ୍ୟ ବିଜେପି ଅନେକ ରାଜ୍ୟରେ ସିଧାସଳଖ ଲାଭ ପାଇବା ଜାରି ରଖିବ।
ପଶ୍ଚିମବଙ୍ଗ ଫଳାଫଳ ବିରୋଧୀଙ୍କ ଦୁର୍ବଳତାକୁ ପ୍ରକାଶ କରିଛି। ପଶ୍ଚିମବଙ୍ଗ ଫଳାଫଳ ବିରୋଧୀଙ୍କ ସବୁଠାରୁ ବଡ଼ ଦୁର୍ବଳତାକୁ ମଧ୍ୟ ପ୍ରକାଶ କରିଛି। ବିଜେପି ବିରୋଧୀ ଭୋଟ ଏକତ୍ରିତ ହୋଇପାରିଲା ନାହିଁ। କଂଗ୍ରେସ, ବାମପନ୍ଥୀ ଏବଂ ଆଞ୍ଚଳିକ ଦଳଗୁଡ଼ିକ ପୃଥକ ଭାବରେ ଲଢ଼ିଥିଲେ, ଏବଂ ବିଜେପି ଏହାର ଫାଇଦା ଉଠାଇବାରେ ସକ୍ଷମ ହୋଇଥିଲା। ବିରୋଧୀ ଜାତୀୟ ସ୍ତରରେ ଏକତା ବିଷୟରେ କଥାବାର୍ତ୍ତା କରୁଥିବା ବେଳେ ରାଜ୍ୟରେ ପରସ୍ପର ବିରୋଧରେ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ଏହି କାରଣରୁ ବିଜେପିର ଭୋଟ ସୁଦୃଢ଼ ହେବାରେ ଲାଗିଛି, ଯେତେବେଳେ ବିରୋଧୀଙ୍କ ଭୋଟ ଖଣ୍ଡ ଖଣ୍ଡ ହେଉଛି। ବିରୋଧୀଙ୍କ ସାମ୍ନାରେ ଏବେ ସବୁଠାରୁ ବଡ଼ ଚ୍ୟାଲେଞ୍ଜ କେବଳ ଏକ ମେଣ୍ଟ ଗଠନ ନୁହେଁ, ବରଂ ଏକ ସାଧାରଣ ନେତୃତ୍ୱ ବିକଶିତ କରିବା।
ପଶ୍ଚିମବଙ୍ଗରେ ବିଜୟ ବିଜେପିକୁ ଆତ୍ମବିଶ୍ୱାସ ଦେଇଛି ଯେ ଦେଶର କୌଣସି ଅଂଶ ରାଜନୈତିକ ଭାବରେ ତାଙ୍କ ପାଇଁ ଆଉ କଷ୍ଟକର ନୁହେଁ। କିନ୍ତୁ ବିରୋଧୀଙ୍କ ପାଇଁ, ଏହା କେବଳ ଏକ ପରାଜୟ ନୁହେଁ, ବରଂ ଏକ ଚେତାବନୀ। ଯଦି ବିରୋଧୀ ବିଜେପି ବିରୋଧରେ ଏକ ରଣନୀତି, ଏକ ନେତୃତ୍ୱ ଏବଂ ଏକ ଦୃଢ଼ ଆଦର୍ଶ ବିକଶିତ କରିବାରେ ବିଫଳ ହୁଅନ୍ତି, ତେବେ ଭବିଷ୍ୟତରେ ବିଜେପି ପାଇଁ ନୂତନ ଦ୍ୱାର ଖୋଲିବ, ଯେତେବେଳେ ବିରୋଧୀଙ୍କ ପାଇଁ ରାଜନୈତିକ ବାଟ ବନ୍ଦ ହେବାରେ ଲାଗିବ।

## ପ୍ରମୁଖ ଖବର ଏ ସପ୍ତାହର

- ପଶ୍ଚିମ ଓଡ଼ିଶାର ବିଭିନ୍ନ ମଣ୍ଡିରେ ଧାନ କିଣାରେ ଅନିୟମିତତାକୁ ନେଇ ଚାଷୀମାନେ ଅସନ୍ତୋଷ ପ୍ରକାଶ ।
- ଶିମିଳିପାଳ ଅଭୟାରଣ୍ୟର କିଛି ଅଞ୍ଚଳରେ ନିଆଁ ଲାଗିଥିବା ସୂଚନା ମିଳିଛି। ବନ ବିଭାଗ ଏହାକୁ ଆୟତ୍ତ କରିବା ପାଇଁ ଅତ୍ୟାଧୁନିକ ଉପକରଣ ଓ କର୍ମଚାରୀ ନିୟୋଜିତ କରିଛି।
- ଓଡ଼ିଶା କର୍ମଚାରୀ ଚୟନ ଆୟୋଗ ପକ୍ଷରୁ କିଛି ବୈଷୟିକ ପଦବୀ ପାଇଁ ଚୂଡ଼ାନ୍ତ ପରୀକ୍ଷା ଫଳ ପ୍ରକାଶ ପାଇଛି।
- ଯୁକ୍ତ ଦୁଇ ପରୀକ୍ଷା ଫଳରେ ସନ୍ତୁଷ୍ଟ ନଥିବା ଛାତ୍ରଛାତ୍ରୀଙ୍କ ପାଇଁ ପୁନଃ-ମୂଲ୍ୟାୟନ ପାଇଁ ଆବେଦନ ପ୍ରକ୍ରିୟା ଜାରି ରହିଛି।
- ରାଜ୍ୟର ଅନେକ ଜିଲ୍ଲାରେ ତାପମାତ୍ରା ୪୦ ଡିଗ୍ରୀ ଉପରେ ରହୁଥିବାରୁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ 'ଆଡଭାଇଜରି' ଜାରି କରାଯାଇଛି। ଦିନ ୧୧ଟାରୁ ୩ଟା ପର୍ଯ୍ୟନ୍ତ ବାହାରକୁ ନବାହାରିବାକୁ ପରାମର୍ଶ ।
- ଆଜି ସନ୍ଧ୍ୟାରେ ହେବାକୁ ଥିବା ଗୁରୁତ୍ୱପୂର୍ଣ୍ଣ ମ୍ୟାଚ୍‌ରେ ଦୁଇଟି ଶକ୍ତିଶାଳୀ ଦଳ ମୁହାଁମୁହିଁ ହେବେ। ପଏଣ୍ଟ ଟେବୁଲ୍‌ରେ ଶୀର୍ଷ ସ୍ଥାନ ପାଇଁ ଏବେ ପ୍ରତିଯୋଗିତା ଜୋରଦାର ।
- ରାଜ୍ୟରେ ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା ଏବଂ ବାଲିଅନ୍ତା ଗଣପିଟୁ ଘଟଣାକୁ ନେଇ ବିଜେଡି ଯୁବ ଓ ଛାତ୍ର ଶାଖା ପକ୍ଷରୁ ଭୁବନେଶ୍ୱରରେ ମୁଖ୍ୟମନ୍ତ୍ରୀଙ୍କ ବାସଭବନ ଘେରାଉ କରାଯାଇଛି ।
- ରାଜ୍ୟସଭା ନିର୍ବାଚନରେ ଅନିୟମିତତା ଅଭିଯୋଗ ନେଇ ବିଜେଡି ନେତାମାନେ ଆଜି ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି ।
- ବାଲିଅନ୍ତାରେ ଜିଆରପି କନଷ୍ଟେବଲଙ୍କୁ ହତ୍ୟା ମାମଲାରେ ପୋଲିସ ଆଉ ଦୁଇ ଜଣଙ୍କୁ ଗିରଫ ।
- ପୁନଃ ନିଯୁକ୍ତି ଦାବିରେ ଜଣେ ପୂର୍ବତନ ଓଏସ୍‌ଏପି କନଷ୍ଟେବଲ ଏକ ଟାୱାର ଉପରେ ଚଢ଼ି ଆତ୍ମହତ୍ୟା ଧମକ ଦେବା ଘଟଣା ଆଜି ସ୍ଥାନୀୟ ଅଞ୍ଚଳରେ ଚାଞ୍ଚଲ୍ୟ ଖେଳାଇ ଦେଇଛି
- ଆସନ୍ତା ୧୨ କିମ୍ବା ୧୩ ମଇ ବେଳକୁ ବଙ୍ଗୋପସାଗରରେ ଏକ ଲଘୁଚାପ ସୃଷ୍ଟି ହେବାର ସମ୍ଭାବନା ରହିଛି, ଯାହା ଓଡ଼ିଶାର ଉପକୂଳ ଜିଲ୍ଲା ଗୁଡ଼ିକରେ ବର୍ଷା କରାଇପାରେ।
- ବଜାରରେ ସୁନା ଦରରେ ସାମାନ୍ୟ ହ୍ରାସ ପରିଲକ୍ଷିତ ହୋଇଛି। ଭାରତର ପ୍ରମୁଖ ସହରଗୁଡ଼ିକରେ ୨୪ କ୍ୟାରେଟ୍ ସୁନା ଦରରେ ପ୍ରାୟ ୨୦୦-୩୦୦ ଟଙ୍କାର ହ୍ରାସ ଘଟିଛି।

# ଅଧିନାୟକ ପଦରୁ ହଟିପାରନ୍ତି ପନ୍ତ୍



ନୂଆଦିଲ୍ଲୀ, ୦୯/୦୫ : ଆଇପିଏଲ-୧୯ରେ ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ ଅତ୍ୟନ୍ତ ଦୟନୀୟ ପ୍ରଦର୍ଶନ କରିବା ସହିତ ପଏଣ୍ଟ ଟେବୁଲର ସର୍ବନିମ୍ନ ସ୍ଥାନରେ ରହିଛି। ଲକ୍ଷ୍ନୌର ଏଭଳି ପ୍ରଦର୍ଶନ ଲାଗି ଅଧିନାୟକ ଋଷଭ ପନ୍ତ୍ ବ୍ୟକ୍ତିଗତ ପ୍ରଦର୍ଶନ ଓ ନେତୃତ୍ୱ ଦକ୍ଷତା ନେଇ ସମାଲୋଚିତ ହୋଇଆସୁଛନ୍ତି। ଲକ୍ଷ୍ନୌ ସୁପର ଜାଏଣ୍ଟସ ପାଇଁ ଏବେ ପ୍ଲେ ଅଫ ଆଶା ପ୍ରାୟତଃ ଶେଷ ହୋଇଯାଇଛି। ସୋମବାର ଲକ୍ଷ୍ନୌ ୱାଙ୍ଖଡେ ଷ୍ଟାଡ଼ିୟମରେ ୨୨୮ରନ କରିଥିଲେ ମଧ୍ୟ ମୁମ୍ବଇ ଇଣ୍ଡିଆନ୍ସକୁ ରୋକି ପାରିନଥିଲା।

ଲକ୍ଷ୍ନୌର ଏଭଳି ପ୍ରଦର୍ଶନ ପରେ ପନ୍ତଙ୍କ ଅଧିନାୟକତ୍ୱକୁ ନେଇ ପ୍ରଶ୍ନ ଉଠିଛି। ରିପୋର୍ଟ ମୁତାବକ ପନ୍ତ୍ ଅଧିନାୟକ ଦାୟିତ୍ୱ ନେଇ ଚାପରେ ରହୁଛନ୍ତି। ଏଥି ଯୋଗୁ ତାଙ୍କ ପ୍ରଦର୍ଶନ ପ୍ରଭାବିତ ହେବାରେ ଲାଗିଛି। ଦଳୀୟ ମ୍ୟାନେଜମେଣ୍ଟ ତାଙ୍କୁ ଅଧିନାୟକ ପଦରୁ ହଟାଇ ପାଇଁ ଚିନ୍ତା କରୁଛି। ମୁମ୍ବଇ ଇଣ୍ଡିଆନ୍ସ ପରୋକ୍ଷରେ ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ବଦଳରେ ସୂର୍ଯ୍ୟକୁମାର ଯାଦବଙ୍କ ଅଧିନାୟକତ୍ୱରେ ଲକ୍ଷ୍ନୌ ବିପକ୍ଷରେ ବିଜୟ ଧାରାକୁ ଫେରିବାରେ ସଫଳ ହୋଇଛି। ଲକ୍ଷ୍ନୌ ସୁପରଜାଏଣ୍ଟ୍ସ ମ୍ୟାନେଜ୍‌ମେଣ୍ଟ ମୁମ୍ବଇ ଇଣ୍ଡିଆନ୍ସ ଭଳି ପନ୍ତ୍‌ଙ୍କୁ ଅଧିନାୟକ ପଦରୁ ହଟାଇବାକୁ ଯୋଜନା କରୁଛି। ଲକ୍ଷ୍ନୌ ଦଳର ମୁଖ୍ୟ ପ୍ରଶିକ୍ଷକ ଜଷ୍ଟିନ ଲାଙ୍ଗର କହିଛନ୍ତି ଯେ ଦାମି ଖେଳାଳି ହେବାର ପ୍ରଭାବ ପନ୍ତଙ୍କ ଉପରେ ପଡୁଛି। ଯାହାର ଚାପ ତାଙ୍କ ଖରାପ ପ୍ରଦର୍ଶନର ଅନ୍ୟତମ କାରଣ ହୋଇପାରେ। ଟୁର୍ଣ୍ଣାମେଣ୍ଟର ସବୁଠାରୁ ଦାମି ଖେଳାଳି ରହିଥିବାରୁ ସେ ଚାପରେ ରହିବା ସ୍ୱାଭାବିକ୍। କିନ୍ତୁ ଉକ୍ତ ଚାପ ତାଙ୍କ ବ୍ୟାଟିଂକୁ ପ୍ରଭାବିତ କରୁଛି ବୋଲି ଲାଙ୍ଗର କହିଛନ୍ତି। ପନ୍ତଙ୍କ ଅଧିନାୟକତ୍ୱରେ ଲକ୍ଷ୍ନୌ ସୁପରଜାଏଣ୍ଟ୍ସ ଏପର୍ଯ୍ୟନ୍ତ ଓଭରଯାଲ ୧୪ଟି ମ୍ୟାଚ ଖେଳି ୮ଟି ପରାଜିତ ହୋଇଛି।

ପନ୍ତ୍ ୨୦୨୫ରେ ୧୪ଟି ମ୍ୟାଚ ଖେଳି ୨୬୯ରନ କରିଥିବାବେଳେ ୨୦୨୬ରେ ଏବେ ସୁଦ୍ଧା ୯ଟି ମ୍ୟାଚ ଖେଳି ୨୦୪ରନ କରିଛନ୍ତି। ୨୦୨୫ ମେଗା ଖେଳାଳି ନିଲାମରେ ଲକ୍ଷ୍ନୌ ପନ୍ତ୍‌ଙ୍କୁ ୨୭ କୋଟି ଟଙ୍କାରେ ନେଇଥିଲା। ୨୦୨୬ ଲାଗି ପନ୍ତ୍‌ଙ୍କୁ ଲକ୍ଷ୍ନୌ ରିଟେନ ରଖିଥିଲା। କିନ୍ତୁ ତାଙ୍କ ପ୍ରଦର୍ଶନ ପ୍ରଶଂସକ ଓ ଦଳକୁ ବ୍ୟଥିତ କରିଛି। ଚଳିତ ଆଇପିଏଲରେ ଲକ୍ଷ୍ନୌ ୯ଟି ମ୍ୟାଚ ଖେଳି ୨ଟି ବିଜୟ ଓ ୭ଟି ପରାଜୟ ସହ ମାତ୍ର ୪ ପଏଣ୍ଟ ପାଇଛି।

## ଆଉ ଭିଡିଓ କରିପାରିବେ ନାହିଁ ଅର୍ଶଦୀପ

ନୂଆଦିଲ୍ଲୀ, ୦୯/୦୫ : ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡର କଡ଼ା ଆଭିମୁଖ୍ୟ ପରେ ଏବେ ଆଇପିଏଲ୍ ଫ୍ରାଞ୍ଚାଇଜ ଗୁଡ଼ିକ ନିଜ ନିଜ ଖେଳାଳିଙ୍କ ଉପରେ ଶୃଙ୍ଖଳାଗତ କଟକଣା ଲଗାଇବା ଆରମ୍ଭ କରିଛନ୍ତି। ବିଶେଷ କରି ସୋସିଆଲ ମିଡିଆ ଏବଂ ସୁରକ୍ଷା ବ୍ୟବସ୍ଥାକୁ ନେଇ ଏହି ପଦକ୍ଷେପ ନିଆଯାଇଛି।



ରିପୋର୍ଟ ଅନୁଯାୟୀ, ପଞ୍ଜାବ କିଙ୍ଗସର ଷ୍ଟାର ବୋଲର ଅର୍ଶଦୀପ ସିଂହଙ୍କୁ କିଛି ଦିନ ପାଇଁ ବ୍ଲଗିଂ ନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଅର୍ଶଦୀପ ପ୍ରାୟତଃ ଏୟାରପୋର୍ଟ, ହୋଟେଲ ଏବଂ ବିମାନ ଭିତରେ ଭିଡିଓ ଶୁଟ କରିଥାନ୍ତି। ନିକଟରେ ତାଙ୍କର ଏକ ଭିଡିଓରେ ଯୁଜବେନ୍ଦ୍ର ଚହଲ 'ଭ୍ୟାପିଙ୍ଗ' କରୁଥିବା ଦେଖିବାକୁ ମିଳିଥିଲା, ଯାହାକୁ ନେଇ ସୋସିଆଲ ମିଡିଆରେ ବଡ଼ ବିବାଦ ସୃଷ୍ଟି ହୋଇଥିଲା। ଦିଲ୍ଲୀ କ୍ୟାପିଟାଲ୍ସ ମଧ୍ୟ ନିଜର ଖେଳାଳି ଏବଂ ସପୋର୍ଟ ଷ୍ଟାଫଙ୍କ ପରିବାର ସଦସ୍ୟଙ୍କୁ କୌଣସି ପ୍ରକାରର ଭିଡିଓ ପୋଷ୍ଟ କରିବାକୁ ବାରଣ କରିଛି। ବିସିସିଆଇର ସୂଚନା ଅନୁଯାୟୀ, 'ହନି ଟ୍ରାପ' ଭଳି ବିପଦକୁ ଦୃଷ୍ଟିରେ ରଖି ହୋଟେଲ ରୁମକୁ ଅଜଣା ଲୋକଙ୍କ ପ୍ରବେଶ ଉପରେ ରୋକ ଲଗାଯାଇଛି। ଖେଳାଳିଙ୍କ ବ୍ୟତୀତ ଟିମ ମାଲିକମାନଙ୍କୁ ମଧ୍ୟ ଇଉଡଓ କଡ଼ା ନିର୍ଦ୍ଦେଶ ଦେଇଛି। ମ୍ୟାଚ ଚାଲିଥିବା ସମୟରେ ମାଲିକମାନେ ଡଗ-ଆଉଟ, ଡ୍ରେସିଂ ରୁମ କିମ୍ବା ପଡ଼ିଆ ଭିତରକୁ ଯାଇ ଖେଳାଳିଙ୍କ ସହ କଥା ହୋଇପାରିବେ ନାହିଁ। ନିକଟରେ ରାଜସ୍ଥାନ ରୟାଲ୍ସ ମ୍ୟାନେଜର ରୋମି ଭିଣ୍ଡର ଡଗ୍-ଆଉଟ୍‌ରେ ଫୋନରେ କଥା ହେଉଥିବାରୁ ଏବଂ ଅଧିନାୟକ ରିୟାନ ପରାଗ ଭେପିଙ୍ଗ କରୁଥିବାରୁ ସେମାନଙ୍କ ଉପରେ ଜରିମାନା ସହ କଡ଼ା ଆପତ୍ତି ପ୍ରକାଶ କରାଯାଇଥିଲା।

## ହାର୍ଦ୍ଦିକ ପାଣ୍ଡ୍ୟା ଆହତ ଚିନ୍ତାରେ ମୁମ୍ବାଇ



ନୂଆଦିଲ୍ଲୀ, ୦୯/୦୫ : ମୁମ୍ବାଇ ଇଣ୍ଡିଆନ୍ସ ଅଧିନାୟକ ହାର୍ଦ୍ଦିକ ପାଣ୍ଡ୍ୟା ଆହତ ହୋଇଛନ୍ତି। ମାଂସପେଶୀରେ ଆଘାତ ପାଇଁ ହାର୍ଦ୍ଦିକ ସୋମବାର ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ ବିପକ୍ଷ ମ୍ୟାଚ ଖେଳିନଥିଲେ। ତାଙ୍କ ସ୍ଥାନରେ ସୂର୍ଯ୍ୟକୁମାର ଯାଦବ ମୁମ୍ବଇ ଇଣ୍ଡିଆନ୍ସର ନେତୃତ୍ୱ ନେଇଥିଲେ। ଉକ୍ତ ମ୍ୟାଚରେ ମୁମ୍ବଇ ଇଣ୍ଡିଆନ୍ସ ୬ ୱିକେଟରେ ଲକ୍ଷ୍ନୌକୁ ପରାସ୍ତ କରିଥିଲା। ହାର୍ଦ୍ଦିକ ଆହତ ଅଛନ୍ତି ବୋଲି ମୁମ୍ବାଇ ଇଣ୍ଡିଆନ୍ସର ରିୟାନ ରିକେଲଟନ ମଙ୍ଗଳବାର ସୂଚନା ଦେଇଛନ୍ତି। ଅଲରାଉଣ୍ଡର ହାର୍ଦ୍ଦିକ ମାଂସପେଶୀ ଯନ୍ତ୍ରଣାର ଶିକାର ହୋଇଛନ୍ତି। ସେ କେବେ ସୁସ୍ଥ ହେବେ; ତାହା ସ୍ପଷ୍ଟ ହୋଇନାହିଁ । ଆମେ ଆଶା କରୁଛୁ ହାର୍ଦ୍ଦିକ ଶୀଘ୍ର ଦଳକୁ ଫେରିବେ। ମୁମ୍ବଇ ଇଣ୍ଡିଆନ୍ସ ପରବର୍ତ୍ତୀ ମ୍ୟାଚ ୧୦ରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ବିପକ୍ଷରେ ଖେଳିବ। ଉକ୍ତ ମ୍ୟାଚ୍ ପାଇଁ ହାର୍ଦ୍ଦିକ ସୁସ୍ଥ ହୋଇଯିବା ନେଇ ଆଶାକରୁଛୁ ବୋଲି ରିକେଲଟନ କହିଛନ୍ତି। ମୁମ୍ବାଇ ଇଣ୍ଡିଆନ୍ସ ଆଇପିଏଲରେ ଏବେ ସୁଦ୍ଧା ୧୦ଟି ମ୍ୟାଚ ଖେଳି ୩ଟି ବିଜୟ ଓ ୭ଟି ପରାଜୟ ସହ ୬ ପଏଣ୍ଟ ପାଇଛି।

## ବିଧାୟକମାନଙ୍କ ପାସ୍ ଦାବି ନେଇ ବିସିସିଆଇ କ୍ଷୁବ୍ଧ
## ବେଙ୍ଗାଲୁରୁରୁ ସ୍ଥାନାନ୍ତର ହେବ ଆଇପିଏଲ୍ ଫାଇନାଲ

ବେଙ୍ଗାଲୁରୁ: ଚଳିତ ଆଇପିଏଲ୍‌ର ୪ଟି ପ୍ଲେଅଫ୍ ମ୍ୟାଚ୍‌ର ସ୍ଥାନ ଘୋଷଣା ହୋଇନାହିଁ। ତେବେ ବିସିସିଆଇ ମଧ୍ୟସ୍ଥ ସୂତ୍ରରୁ ପ୍ରକାଶ ଯେ ଗୋଟିଏ ପ୍ଲେଅଫ୍ ଓ ଫାଇନାଲ ବେଙ୍ଗାଲୁରୁର ଚିନ୍ନାସ୍ୱାମୀ ଷ୍ଟାଡିୟମ୍‌ରେ ଖେଳାଯିବା ଯୋଜନା ରହିଛି। କାରଣ ଗତବର୍ଷର ଚମ୍ପିଆନ୍ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆର୍‌ସିବି)ର ଘରୋଇ ଗ୍ରାଉଣ୍ଡରେ ହିଁ ଫାଇନାଲ ଖେଳାଯିବାର କଥା। ଅନ୍ୟ ଦୁଇଟି ପ୍ଲେଅଫ୍ ମ୍ୟାଚ୍ ନ୍ୟୁ ଚଣ୍ଡିଗଡ଼ର ଖେଳା ଯାଇପାରେ। ହେଲେ ରାଜନୈତିକ କାରଣରୁ ବେଙ୍ଗାଲୁରୁରୁ ଫାଇନାଲ ମ୍ୟାଚ୍ ସ୍ଥାନାନ୍ତର କରିପାରେ ବିସିସିଆଇ। କାରଣ କର୍ଣ୍ଣାଟକରେ କ୍ଷମତାରେ ଥିବା କଂଗ୍ରେସ ଦଳର ବିଧାୟକ ବିଜୟାନନ୍ଦ ଦାବି କରିଛନ୍ତି ଯେ ରାଜ୍ୟର ସମସ୍ତ ବିଧାୟକ ଓ ସାଂସଦଙ୍କୁ ୫ଟି ଲେଖାଏଁ ଭିଆଇପି ପାସ୍ ଦିଆଯାଉ। କାରଣ ଉପରୋକ୍ତ ଜନ ପ୍ରତିନିଧି ହେଉଛନ୍ତି 'ଭିଆଇପି' ଏବଂ ସାଧାରଣ ଲୋକଙ୍କ ପରି ସେମାନେ ଧାଡ଼ିରେ ଛିଡ଼ାହୋଇ ଟିକଟ କିଣିପାରିବେ ନାହିଁ। ଏହି ଦାବିକୁ କର୍ଣ୍ଣାଟକ ରାଜ୍ୟ କ୍ରିକେଟ୍ ସଂଘ ଓ ବିସିସିଆଇ ଅଗ୍ରାହ୍ୟ କରିଥିଲେ।



କର୍ଣ୍ଣାଟକର ଉପମୁଖ୍ୟମନ୍ତ୍ରୀ ଡି.କେ. ଶିବକୁମାର ହସ୍ତକ୍ଷେପ କରି ରାଜ୍ୟର ସମସ୍ତ ୨୨୪ ବିଧାୟକ, ୭୫ ବିଧାନ ପରିଷଦ ସଦସ୍ୟ, ୨୮ ଲୋକସଭା ସଦସ୍ୟ ଓ ୧୨ ଜଣ ରାଜ୍ୟସଭା ସଂସଦଙ୍କୁ ୩ଟି ଲେଖାଏଁ ଭିଆଇପି ପାସ୍ ଦେବାକୁ ପରାମର୍ଶ ଦେଇଛନ୍ତି। ହେଲେ ଏହାକୁ ମଧ୍ୟ କେଏସ୍‌ସିଏ ଓ ବିସିସିଆଇ ଗ୍ରହଣ କରିନାହାନ୍ତି। କାରଣ ଗୋଟିଏ ମ୍ୟାଚ୍‌ରେ ୩୩୯ ଜଣ ଲୋକ ପ୍ରତିନିଧିଙ୍କୁ ୩ଟି ଲେଖାଏଁ ମୋଟ ୧୦୧୭ଟି ପାସ୍ ଦେବା ଅସମ୍ଭବ। ଯଦି ପାସ୍ ଦେବା ଦାବିରୁ ଜନ ପ୍ରତିନିଧି ନ ଓହରନ୍ତି; ଫାଇନାଲ ଅନ୍ୟ ସହରରେ ଖେଳାଯିବ।

## ବାରବାଟୀରେ ଭିଭିଏସ୍ ଲକ୍ଷ୍ମଣ

କଟକ, ୦୯/୦୫ (ଜେଏନଏସ) : ବିସିସିଆଇ ଉତ୍କର୍ଷ କେନ୍ଦ୍ର ମୁଖ୍ୟ ମୁଖ୍ୟ ତଥା ପୂର୍ବତନ ଆନ୍ତର୍ଜାତିକ କ୍ରିକେଟ୍ ଖେଳାଳି ଭିଭିଏସ୍ ଲକ୍ଷ୍ମଣ ଶୁକ୍ରବାର ବାରବାଟୀ ଷ୍ଟାଡିୟମ ପରିଦର୍ଶନ କରିଛନ୍ତି। ବିସିସିଆଇ ଉତ୍କର୍ଷ କେନ୍ଦ୍ର ପକ୍ଷରୁ ବାରବାଟୀ ଷ୍ଟାଡିୟମରେ ବରିଷ୍ଠ ଉତ୍ତର-ପୂର୍ବ ମହିଳା ପ୍ରଶିକ୍ଷଣ ଶିବିର ଚାଲିଥିବାରୁ ଲକ୍ଷ୍ମଣ ବାରବାଟୀ ଷ୍ଟାଡିୟମ ପରିଦର୍ଶନ କରି ଏହାର ଭିତ୍ତିଭୂମିକୁ ପରଖି ଦେଖିଥିଲେ। ଅତ୍ୟାଧୁନିକ ଶୈଳୀରେ ନିର୍ମିତ ବାରବାଟୀ ଷ୍ଟାଡିୟମ୍ ଅନେକ ଆନ୍ତଃର୍ଜାତିକ କ୍ରିକେଟ୍ ମ୍ୟାଚ୍ ସମେତ ମହିଳା ବିଶ୍ୱକପ୍ ସଫଳତାର ଆୟୋଜନ କରିଥିବାରୁ ଲକ୍ଷ୍ମଣ ଓସିଏ କର୍ମକର୍ତ୍ତାଙ୍କୁ ପ୍ରଶଂସା



କରିଥିଲେ। ଏହି ଅବସରରେ ଓସିଏ ସଭାପତି ପଙ୍କଜ ଲୋଚନ ମହାନ୍ତି ଓ ସଂପାଦକ ସଞ୍ଜୟ ବେହେରା ତାଙ୍କ ସହିତ ଓଡ଼ିଶା କ୍ରିକେଟ୍‌ର ବିକାଶ ଓ ନିଆଯାଇଥିବା ବିଭିନ୍ନ ପଦକ୍ଷେପ ସଂକ୍ରାନ୍ତରେ ଗୁରୁତ୍ୱପୂର୍ଣ୍ଣ ଆଲୋଚନା କରିଥିଲେ। ରାଜ୍ୟରେ ନୂଆ କ୍ରିକେଟ୍ ପ୍ରତିଭା ସୃଷ୍ଟି କରିବା ସହିତ ସଂପ୍ରତି କ୍ରିକେଟ୍ ଖେଳୁଥିବା ପିଲାଙ୍କ ଦକ୍ଷତା ବିକାଶ ପାଇଁ ଓସିଏ ପକ୍ଷରୁ ଆରମ୍ଭ ହୋଇଥିବା ଦୀର୍ଘମିଆଦୀ ଯୋଜନା 'ଓସିଏ ଏକାଡେମି' କାର୍ଯ୍ୟକ୍ରମକୁ ଲକ୍ଷ୍ମଣ ଉତ୍ସାହିତ କରିଥିଲେ। ଏହି ଅବସରରେ ଲକ୍ଷ୍ମଣଙ୍କୁ ଓସିଏ ସଭାପତି ଓ ସଂପାଦକ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିଥିଲେ।

## ଆଇସିସି ପୁରୁଷ ଟି୨୦ ମାନ୍ୟତା ଶୀର୍ଷ ସ୍ଥାନ ବଜାୟ ରଖିଲା ଭାରତ

ନୂଆଦିଲ୍ଲୀ, ୦୯/୦୫ : ଆଇସିସି ପକ୍ଷରୁ ସଦ୍ୟ ପ୍ରକାଶିତ ପୁରୁଷ ଟି୨୦ ମାନ୍ୟତାରେ ଭାରତ ଶୀର୍ଷ ସ୍ଥାନ ବଜାୟ ରଖିଛି। ଭାରତ ୨୭୫ ରେଟିଂ ପଏଣ୍ଟ ସହ ଶୀର୍ଷ ସ୍ଥାନ ବଜାୟ ରଖିଛି। ଭାରତ ଓ ଶ୍ରୀଲଙ୍କାରେ ଗତ ଫେବୃଆରୀ-ମାର୍ଚ୍ଚରେ ଆୟୋଜିତ ଟି୨୦ ବିଶ୍ୱକପ-୨୦୨୬ରେ ଭାରତ ଚମ୍ପିଆନ ହୋଇଥିଲା। ଭାରତ ବିଶ୍ୱର ପ୍ରଥମ ଦଳ ଭାବେ ତୃତୀୟ ଥର ଓ କ୍ରମାଗତ ଦ୍ୱିତୀୟ ଥର ପାଇଁ ଟି୨୦ ବିଶ୍ୱକପ ଜିତିଥିଲା। ଉକ୍ତ ପ୍ରଦର୍ଶନ ବଳରେ ଭାରତ ଆଇସିସି ମାନ୍ୟତାର ଶୀର୍ଷ ସ୍ଥାନକୁ ବଜାୟ ରଖିଛି। ଆଇସିସି ପକ୍ଷରୁ ୨୦୨୫ ମେ ରୁ ୨୦୨୬ ମେ ପର୍ଯ୍ୟନ୍ତ ପ୍ରଦର୍ଶନକୁ ଆଧାର କରି ମାନ୍ୟତା ପ୍ରଦାନ କରାଯାଇଛି। ଉକ୍ତ ଏକ ବର୍ଷ ମଧ୍ୟରେ ଭାରତୀୟ ଦଳ ଟି୨୦ କ୍ରିକେଟରେ ଚମତ୍କାର ପ୍ରଦର୍ଶନ କରିଛି। ଭାରତ ପଛକୁ ଇଂଲଣ୍ଡ ୨୬୨ ରେଟିଂ ପଏଣ୍ଟ ସହ ଦ୍ୱିତୀୟ ସ୍ଥାନରେ ରହିଛି। ଅନ୍ୟମାନଙ୍କ ମଧ୍ୟରେ ଅଷ୍ଟ୍ରେଲିଆ ୨୫୮ ରେଟିଂ ପଏଣ୍ଟ ସହ ୩ୟ, ନ୍ୟୁଜିଲାଣ୍ଡ ୨୪୭ ରେଟିଂ ପଏଣ୍ଟ ସହ ଚତୁର୍ଥ, ଦକ୍ଷିଣ ଆଫ୍ରିକା ୨୪୪ ରେଟିଂ ପଏଣ୍ଟ ସହ ପଞ୍ଚମ, ପାକିସ୍ତାନ ଷଷ୍ଠ, ୱେଷ୍ଟଇଣ୍ଡିଜ୍ ସପ୍ତମ, ବାଂଲାଦେଶ ୮ମ, ଶ୍ରୀଲଙ୍କା ୯ମ ଓ ଆଫଗାନିସ୍ତାନ ୧୦ତମ, ଜିମ୍ବାୱେ ୧୧ ଓ ଆର୍ୟଲାଣ୍ଡ ୧୨ତମ ସ୍ଥାନରେ ରହିଛି।

## ହଟିବେ ସୂର୍ଯ୍ୟ କୁମାର ଯାଦବ !

ନୂଆଦିଲ୍ଲୀ, ୦୯/୦୫ : ହଟିବେ ସୂର୍ଯ୍ୟ କୁମାର ଯାଦବ । ଭାରତୀୟ ଟି୨୦ ଦଳର ନୂଆ କ୍ୟାପ୍ଟେନ୍ ହେବେ ଶ୍ରେୟସ ଆୟର । ଲଗାତାର ଫର୍ମ ପାଇଁ ସଂଘର୍ଷ କରୁଥିବା ସୂର୍ଯ୍ୟଙ୍କୁ ବିଦା କରିବ ବିସିସିଆଇ । କିଛି ଏପରି ଚର୍ଚ୍ଚା ଏବେ ଜୋର୍ ଧରିଛି । ଆଇପିଏଲରେ ମଧ୍ୟ ସ୍କାଏ ରନ୍ କରିବାରେ ବିଫଳ ହେଉଛନ୍ତି। ହେଲେ ଶ୍ରେୟସ ଜବରଦସ୍ତ ପ୍ରଦର୍ଶନ କରୁଛନ୍ତି । ଆଇପିଏଲ ପରେ ଭାରତ ଆୟାରଲ୍ୟାଣ୍ଡ ବିପକ୍ଷରେ ଦୁଇଟି ଟି୨୦ ମୁକାବିଲା ଖେଳିବ । ଏହାପରେ ଇଂଲଣ୍ଡ ସହ ଟି୨୦ ସିରିଜ୍ ରହିଛି । ଏହି ଦୁଇଟି ସିରିଜରେ ଦଳ ଶ୍ରେୟସଙ୍କୁ ଅଧିନାୟକ ଭାର ଦେଇପାରେ । ଏହାଦ୍ୱାରା ଭାରତ ୨୦୨୮ ଟି୨୦ ବିଶ୍ୱକପ୍ ପାଇଁ ଭଲ ଭାବେ ପ୍ରସ୍ତୁତି କରିପାରିବ । ଚର୍ଚ୍ଚା ହେଉଛି ଯେ, ସୂର୍ଯ୍ୟଙ୍କ ଅଧିନାୟକ ଭାବେ ଟାଇମ୍ ଲାଇନ୍ ସରିଯାଇଛି । ତାଙ୍କୁ ଦଳ କେବଳ ଜଣେ ଡାହାଣହାତୀ ବ୍ୟାଟର ଭାବେ ଖେଳାଇପାରେ । ତାଙ୍କ ନେତୃତ୍ୱରେ ଦଳ ବଡ ବଡ ଟୁର୍ଣ୍ଣାମେଣ୍ଟରେ ଚାମ୍ପିଅନ୍ ହୋଇଛି । ବିଶ୍ୱକପ୍ ଜିତିଛି । ପୂର୍ବରୁ ମଧ୍ୟ ଆଗାମୀ ବର୍ଷେ ଦୁଇ ବର୍ଷ ପାଇଁ ସେ ଅଧିନାୟକ ରହିପାରିବେ ବୋଲି କହିସାରିଛନ୍ତି । ଗତ ଟି୨୦ ବିଶ୍ୱକପରେ ସୂର୍ଯ୍ୟ ୯ଟି ଇନିଂସରେ ୨୪୨ ରନ୍ କରିଥିଲେ । କେବଳ ସେ ଆମେରିକା ବିପକ୍ଷରେ ୮୪ ରନ୍ କରିଥିଲେ। ଅନ୍ୟ ସମସ୍ତ ମ୍ୟାଚରେ ସେ ଗୋଟିଏ ଗୋଟିଏ ରନ୍ ପାଇଁ ସଂଘର୍ଷ କରିଥିଲେ। ୨୦୨୪ ଜୁଲାଇ ମାସରେ ଅଧିନାୟକ ହେଲା ପରଠୁ ତାଙ୍କ ପ୍ରଦର୍ଶନ ନୈରାଶ୍ୟଜନକ ରହିଛି । ୪୫ଟି ମ୍ୟାଚ୍ ଖେଳି ମାତ୍ର ୯୩୨ ରନ୍ କରିଥିଲେ। ଅନ୍ୟ ଦିଗରେ ଶ୍ରେୟସଙ୍କ ରେକର୍ଡ ଭଲ ରହିଛି । ଗତ ଆଇପିଏଲରେ ସେ ପଞ୍ଜାବକୁ ଫାଇନାଲରେ ପହଁଚାଇଥିଲେ । ଚଳିତ ଥର ମଧ୍ୟ ସେ ଦମଦାର ପ୍ରଦର୍ଶନ କରୁଛନ୍ତି । ଅଧିକାଂଶ ମ୍ୟାଚରେ ଉପଯୋଗୀ ରନ୍ କରୁଛନ୍ତି । ତାଙ୍କର ନେତୃତ୍ୱ ନେବାର ଦକ୍ଷତା ମଧ୍ୟ ରହିଛି । ଏସବୁକୁ ଦେଖିଲେ ସୂର୍ଯ୍ୟ କୁମାରଙ୍କ ବେଷ୍ଟ ଅଲଟରନେଟିଭ୍ ଶ୍ରେୟସ ହୋଇପାରିବେ । କାରଣ ଉଭୟ ହେଉଛନ୍ତି ଡାହାଣହାତୀ ବ୍ୟାଟର । ସୂର୍ଯ୍ୟଙ୍କୁ ଚୂଡାନ୍ତ ଏକାଦଶରୁ ବାଦ୍ ଦେଲେ ମଧ୍ୟ ସେପରି କିଛି ଅସୁବିଧା ହେବନି । ତାଙ୍କ ଅଭାବ ଶ୍ରେୟସ ପୂରଣ କରିପାରିବେ। ତେବେ ସୂର୍ଯ୍ୟ ଏବେ ବଦଳିବେ ନା ବିସିସିଆଇ ତାଙ୍କୁ ଆଉ କିଛି ସମୟ ଦେବ ତାହା ଆଗାମୀ କିଛି ଦିନ ମଧ୍ୟରେ ସ୍ପଷ୍ଟ ହୋଇଯିବ ।

**କଥା ସ୍ୱାଭିମାନର ବିଚାର ଆପଣଙ୍କର..**

# 'ଗଣତନ୍ତ୍ର ପଦ୍ଧତିରେ ନିର୍ବାଚନ ପ୍ରକ୍ରିୟା ହେଉ'



ଶାରଦା ପ୍ରସନ୍ନ ସ୍ୱାଇଁ

ଆଜି କାଲି ହେଉଥିବା ନିର୍ବାଚନ ଓ ଫଳାଫଳ ଦେଖିଲା ପରେ, ମନେ ହୁଏ କି ସତରେ କଣ ଗଣତନ୍ତ୍ର ଅଛି ବା ଗଣତନ୍ତ୍ର ପଦ୍ଧତିରେ ନିର୍ବାଚନ ହେଉଛି । କାରଣ ନିର୍ବାଚନରେ ଭାଗ ନେଉଥିବା ଦଳଗୁଡ଼ିକ ସରକାରକୁ ଆସିବା ପାଇଁ ଏତେ ବ୍ୟାକୁଳ ଯେ, ହଜାର ହଜାର କୋଟି ଟଙ୍କା ବ୍ୟୟରେ ଭୋଟରଙ୍କୁ କିଣିବା, ଦଳର ମାର୍କେଟିଙ୍ଗ କରିବା, ନିଜର ଆତ୍ମ ପ୍ରଚାର ପ୍ରସାର କରିବା, ମଦ ଓ ମାଂସ ବାଣ୍ଟିବା, କର୍ମୀ କର୍ମୀ ଭିତରେ ଗଣ୍ଡଗୋଳ କରାଇବା, ଏମିତିକି ଗଣ୍ଡଗୋଳ ଦ୍ୱାରା ଅନେକ ନିରୀହ ଜୀବନ ବି ବଳି ପଡୁଛି, ବିଭିନ୍ନ ମିଥ୍ୟା ପ୍ରତିଶ୍ରୁତି ଦେବା, ବିଭିନ୍ନ ଆଳରେ ଭୋଟ ହାତେଇବା ଲକ୍ଷ୍ୟରେ ଯେତେ ସମ୍ଭବ ସେତେ ନୀଚ ସ୍ତରକୁ ଯାଇ କିପରି ସରକାରକୁ ଆସିବା ହିଁ ଏକ ମାତ୍ର ଲକ୍ଷ୍ୟ, ତାହା ହିଁ ଆଜିର ସୁସ୍ଥ ଗଣତନ୍ତ୍ରର ଅର୍ଥ ବୋଲି ବିବେଚନା କରାଯାଉଛି । ଏହି ବ୍ୟବସ୍ଥାକୁ ଚାଲୁ ରଖି ଆମର ଖଣି,ଖାଦାନ, ପାଣି ଓ ପବନ କୁ ବିକିବା ପାଇଁ କର୍ପୋରେଟ୍ ମାନେ ଅଣ୍ଟାଭିଡ଼ି ଦଳ ଗୁଡ଼ିକ ସହିତ ଦଲାଲି କରି ସେମାନଙ୍କୁ ଆର୍ଥିକ ସହାୟତା ପ୍ରଦାନ କରନ୍ତି ।



ସବୁଠାରୁ ବଡ଼ କଥା ହେଲା ନିର୍ବାଚନ ଲଢ଼ିବା ପାଇଁ ଦଳୀୟ ପ୍ରାର୍ଥୀ ହେବାକୁ ହେଲେ ପ୍ରଥମେ ନିଜର ଅର୍ଥ ବଳ ଓ ବାହୁ ବଳ ଥିବା ଦରକାର ଏବଂ ଟଙ୍କା ଦେଇ ଦଳୀୟ ଟିକେଟ ହାତେଇବାକୁ ପଡ଼ିବ, ପୁଣି ସମ୍ପୂର୍ଣ୍ଣ ମିଥ୍ୟା ପ୍ରତିଶ୍ରୁତି ଦେଇ ଲୋକଙ୍କ ମନ ଜିଣିବାକୁ ହେବ, ଏଥିପାଇଁ କୋଟି କୋଟି ଟଙ୍କା ମଧ୍ୟ ଖର୍ଚ୍ଚ କରିବାକୁ ପଡ଼ିବ । ତେଣୁ ଆମ୍ଭେମାନେ ଚିନ୍ତା କରିବା ଦରକାର ଏହିଭଳି ବ୍ୟକ୍ତିଟିକୁ ଭୋଟ ଦେଲେ ଆମର ଲାଭ କେତେ ଓ କ୍ଷତି କେତେ । ଯେଉଁ ଦଳ ପାଇଁ ନିଷ୍ପତ୍ତି କର୍ପୋରେଟ ସଂସ୍ଥା ବାଲା ନେବେ ସେହି ଦଳ ଆମ ପାଇଁ କେତେ ଉପଯୋଗୀ । ଆମେ ସବୁ ଜାଣି ମଧ୍ୟ ଅଜଣା ଭଳି ଅଭିନୟ କରୁଛେ କେବଳ କିଛି କ୍ଷଣିକ ସୁଖ ବା ଲାଭ ପାଇଁ । ଆମେ ଚିନ୍ତା କରୁ ନାହାଁନ୍ତି କି ଏଇ ସରକାର ଆମ ପିଲାମାନଙ୍କ ଭବିଷ୍ୟତ ପାଇଁ କଣ କରିବ । ଆମ ଚାଷ ବାସ ପାଇଁ କଣ ପଦକ୍ଷେପ ନେବ, ଆମ ଜଳ ଜମି ଜଙ୍ଗଲ ଅଧିକାର ପାଇଁ କଣ ବ୍ୟବସ୍ଥା କରିବ, ଆମ ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ଗମନାଗମନ ଓ ପର୍ଯ୍ୟଟନ ପାଇଁ କି କି ପଦକ୍ଷେପ ଗ୍ରହଣ କରିବ । ଆମେ ଆମ ଝିଅଟିର ବାହାଘର କରିବା ପୂର୍ବରୁ କେତେ କଥା ବୁଝୁଛେ ଜ୍ୱାଇଁଟି କଣ କରୁଛି, ନିଶା ଖାଉଛି ନା ନାହିଁ, ରୋଜଗାର କରୁଛି କି ନାହିଁ, ତାର ସଙ୍ଗତ କିପରି ତାର ଆଚାର ବ୍ୟବହାର କିପରି ଓ ଚାଲି ଚଳନ କିପରି କିନ୍ତୁ ଆମ ଭୋଟଟିକୁ ଅଳ୍ପ କିଛି ଟଙ୍କାରେ ବିକ୍ରି କରି ଆମ ରାଜ୍ୟ ବା ଦେଶ ପାଇଁ କାହାକୁ ବାଛୁଛେ କେବେ ବି ଥରୁଟିଏ ଚିନ୍ତା କରୁ ନାହାଁନ୍ତି । ଆମେ ଗୋଟେ କଥା ସମସ୍ତେ ବୁଝିବା ଦରକାର କି ଆମ ଟିକସ ଟଙ୍କାରେ ଏହି ସରକାର ଚାଲିବ କିନ୍ତୁ ଆମକୁ ସିଏ ସବୁ ମାଗଣା ଦଉଛି ବୋଲି କହୁଛି ତାହା କିପରି ସମ୍ଭବ ଯିଏ ଆମ ପଇସାରେ ଚଳିବ ସିଏ ପୁଣି ଆମକୁ ମାଗଣା ଦେବ ଏହା କେବଳ ଦିନରେ ଲଣ୍ଠନ ଦେଖାଇବା କାମ । ଆମେ ବୁଝିବା ଦରକାର ଯେ ମାଗଣା ଯୋଜନା ନାଁରେ ସରକାର କେବଳ ଆମ୍ଭମାନଙ୍କୁ ବାଟବଣା କରୁଛି ।

ତେଣୁ ଏହି ପ୍ରକ୍ରିୟାରେ ନିର୍ବାଚନ କରି ହଜାର ହଜାର କୋଟି ଖର୍ଚ୍ଚ କରି ଏକ ସରକାରକୁ ବାଛିବାର କିଛି ଆବଶ୍ୟକତା ରହିଛି କି ? ଯଦି ଏମିତି ହେବ ତା ହେଲେ ଗଣତନ୍ତ୍ର କୁଆଡ଼େ ଗଲା, ଆମ ଆଖି ସାମ୍ନାରେ ଗଣତନ୍ତ୍ରକୁ ଗଣ ଧର୍ଷଣ କରାଯାଉଛି କିନ୍ତୁ ଆମେ ନିରବ । ତେଣୁ ନିର୍ବାଚନ ନ କଲେ ଅସୁବିଧା କଣ ହେବ ଯଦି ଗଣତନ୍ତ୍ର ନାଁ ରେ ରାଜତନ୍ତ୍ର ଚାଲିବ ଆମେ ଭୋଟ ଦବା କଣ ପାଇଁ ଏତେ ପ୍ରହସନ କଣ ପାଇଁ ? ଏହାର ବିଚାର ଜନସାଧାରଣ କରିବା ଦରକାର । ସ୍ୱାଧୀନତାର ଏତେ ବର୍ଷ ପରେ ବି ପୁଣି ଲାଗୁଛି କି ଆଉ ଏକ ସ୍ୱାଧୀନତାର ଆବଶ୍ୟକତା ଅଛି ତେଣୁ ଆମ୍ଭମାନଙ୍କୁ ଏକାଠି ହେବାକୁ ପଡ଼ିବ । ଆମେ ସମସ୍ତେ ନେଡ଼ିଗୁଡ଼ କହୁଣୀକୁ ବୋହିବା ପୂର୍ବରୁ ସଚେତନ ହୋଇଯିବା ଦରକାର । ଆସନ୍ତୁ ଏକ ବୈପ୍ଳବିକ ପରିବର୍ତ୍ତନ ଆହ୍ୱାନ ଦେଇ ବିପ୍ଳବ ଆଣିବା-ବିକଳ୍ପ ବାଛିବା-ବିକାଶ କରିବା ।

**ଶାରଦା ପ୍ରସନ୍ନ ସ୍ୱାଇଁ**
**ସାଧାରଣ ସଂପାଦକ**
**ଜନ ଜାଗରଣ**

Published by Sarada Prasanna Swain, at Aitalanga, Athantar, Near Narayani Temple, Bbsr, Khordha, Odisha-752102 and Owned by Sri Bijay Kumar Patnaik at Plot No-492, K1, Kalinga Nagar, Ghatikia, Bhubaneswar,Khordha,Odisha 751003, and Printed by Lalat Kishore Bhanj ,Mayur Printers, Plot No-D1/1, section-A, Zone-D,Mancheswar Industrial Estate, Khordha, Odhisha, 752102, Mobile Number-0674-3573358, Email-janabartadigital@gmail.com

ସମ୍ପାଦକ: ଶୁଭେନ୍ଦୁ ରାୟ ମହାପାତ୍ର
Editor: Suvendu Ray Mohapatra